# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, October 19/2023 Page 16 ₹ 7.00

୪୯ଶ ଭାଗ ୩୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 325 ମୂଲ୍ୟ₹୭/-



ଓଡ଼ିଶା ସରକାର

DSPL - 289



## ଆମ ଓଡ଼ିଶା
## ନବୀନ ଓଡ଼ିଶା

**କଟକ ଜିଲ୍ଲା**

୧୮୬ କୋଟି
୫୦ ଲକ୍ଷ ଟଙ୍କା
ବ୍ୟୟରେ
୫ ହଜାର ୩୫୧ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

**କେନ୍ଦ୍ରାପଡ଼ା ଜିଲ୍ଲା**

୧୨୪ କୋଟି
୫୦ ଲକ୍ଷ ଟଙ୍କା
ବ୍ୟୟରେ
୩ ହଜାର ୩୫୩ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୧୯ ଅକ୍ଟୋବର ୨୦୨୩

ପ୍ରତି ଗାଁ ହେବ
ସଶକ୍ତ ଓଡ଼ିଶାର ପ୍ରତିଛବି

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0032/2324

**ଗାଜା ହସ୍ପିଟାଲ ଆକ୍ରମଣକୁ ପ୍ରଧାନମନ୍ତ୍ରୀଙ୍କ ନିନ୍ଦା**

ଗାଜାର ଏକ ହସ୍ପିଟାଲ ଉପରେ ବୋମାମାଡ଼କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିଛନ୍ତି। ଏଭଳି ଦୁଃଖଦ ଘଟଣାରେ ସେ ମର୍ମାହତ। ହସ୍ପିଟାଲ ଆକ୍ରମଣରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ଏଥିପାଇଁ ଦାୟୀ ରହିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଯୁଦ୍ଧରେ ଏତେ ସଂଖ୍ୟାରେ ସାଧାରଣ ନାଗରିକ ମୃତାହତ ହେବା ଗମ୍ଭୀର ତଥା ଚିନ୍ତାଜନକ ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



**ଇସ୍ରାଏଲରେ ବାଇଡେନ୍**

# ହସ୍ପିଟାଲ ଆକ୍ରମଣ ଆତଙ୍କବାଦୀ କାର୍ଯ୍ୟ





" ଗାଜା ହସ୍ପିଟାଲ ଉପରେ ଆକ୍ରମଣ ଇସ୍ରାଏଲର କାମ ନୁହେଁ, ଅନ୍ୟ କୌଣସି ଟିମ୍ ଏପରି କାଣ୍ଡ ଭିଆଇଥିବା ମନେହେଉଛି। ଆମେରିକା ଓ ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଭଳି ଇସ୍ରାଏଲର ମଧ୍ୟ ମୂଲ୍ୟବୋଧ ରହିଛି। ଆମେ କ'ଣ କରିବାକୁ ଯାଉଛେ ତା' ଉପରେ ବିଶ୍ୱର ନଜର ରହିଛି।

**-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**

" ଏହା ଏକ ଭିନ୍ନ ଧରଣର ଯୁଦ୍ଧ ହେବାକୁ ଯାଉଛି। କାରଣ ହମାସ୍ ହେଉଛି ଏକ ଭିନ୍ନ ପ୍ରକାର ଶତ୍ରୁ। ଗାଜା ଯୁଦ୍ଧରେ ନାଗରିକମାନେ ଯେପରି ମୃତାହତ ନ ହେବେ ସେଥିଲାଗି ତେଲ୍ ଆଭିଭ୍ ଯତ୍ନବାନ୍ ହେବ। ସ୍ପଷ୍ଟ ସମର୍ଥନ ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ।

**-ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

**ଇସ୍ରାଏଲ/ଗାଜା ସିଟି/ୱାଶିଂଟନ୍/,୧୮।୧୦**

ଗାଜା ହସ୍ପିଟାଲ ବିସ୍ଫୋରଣରେ ଶତାଧିକ ନିହତ ହେବା ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ମୁଣ୍ଡ ଟେକିଛି। ଗଣହତ୍ୟା ରୋକିବାରେ ପାଲେଷ୍ଟିନୀୟ ସୁରକ୍ଷା ବଳ ବିଫଳ ହୋଇଥିବା ଦର୍ଶାଇ ୱେଷ୍ଟ୍ ବ୍ୟାଙ୍କରେ ସେମାନଙ୍କ ଉପରକୁ ମଧ୍ୟ ବିକ୍ଷୋଭକାରୀମାନେ ଟେକାମାଡ଼ କରିଛନ୍ତି। ଆକ୍ରମଣ ପାଇଁ ଇସ୍ରାଏଲ ସରକାର ଓ ହମାସ୍ ପରସ୍ପର ଉପରେ ଦୋଷ ଲଦୁଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଇସ୍ରାଏଲ ଗସ୍ତ କରିଛନ୍ତି। ହମାସ୍ ବିରୋଧୀ ଯୁଦ୍ଧରେ ଇସ୍ରାଏଲକୁ ସମର୍ଥନ



ବୋମାମାଡ଼ରେ ବିଧ୍ୱସ୍ତ ହୋଇଥିବା ଗାଜାର ଅଲ୍-ଅହଲି ଅଲ୍-ଆରବୀ ହସ୍ପିଟାଲ।

ଜଣାଇବା ପାଇଁ ତେଲ୍ ଆଭିଭ୍‌ରେ ପହଞ୍ଚିଥିବା ବାଇଡେନ୍ କହିଛନ୍ତି, ଗାଜା ହସ୍ପିଟାଲ ଉପରେ ଆକ୍ରମଣ ହେଉଛି ଆତଙ୍କବାଦୀଙ୍କ କାର୍ଯ୍ୟ।

ଗତ ୭ ତାରିଖରେ ଗାଜା ଶାସକ ହମାସ୍‌ର ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ୫,୦୦୦ ରକେଟ୍ ମାଡ଼ କରିଥିଲେ। ଏହା ପରେ ଗାଜା ଉପରେ

**■ମଧ୍ୟପ୍ରାଚ୍ୟରେ ଉତ୍ତେଜନା**
**■ଜୋର୍ଡାନ୍ ସମିଟ୍ ବାତିଲ**

ଇସ୍ରାଏଲ ତୁହାକୁ ତୁହା ରକେଟ୍ ଓ ମିଶାଇଲ ମାଡ଼ ଜାରି ରଖିଛି। ଯୁଦ୍ଧରେ ଉଭୟ ପକ୍ଷଙ୍କ ଅନେକ ହଜାର ଲୋକ ନିହତ ହେଲେଣି। ମଙ୍ଗଳବାର ଯୁଦ୍ଧ ଏକାଦଶ ଦିନରେ ପହଞ୍ଚିଥିବାବେଳେ ଆକ୍ରମଣରୁ ବର୍ତ୍ତିବା ପାଇଁ ଗାଜାର ଅଲ୍-ଅହଲି ଅଲ୍-ଆରବୀ ହସ୍ପିଟାଲରେ ଅନେକ ଶହ ଲୋକ ଆଶ୍ରୟ ନେଇଥିଲେ। କିନ୍ତୁ ହଠାତ୍ ସେହି ହସ୍ପିଟାଲ ଉପରେ ବୋମାମାଡ଼ ହୋଇଥିଲା। ଏଥିରେ ୩୦୦ରୁ ୫୦୦ ଲୋକ ନିହତ ହୋଇଥିବା କୁହାଯାଉଛି। ଏହି ଘଟଣା ପରେ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମୁଦ୍ ଅବ୍ବାସ ବାଇଡେନ୍‌ଙ୍କ ସହ ପ୍ରସ୍ତାବିତ ବୈଠକ ରଦ୍ଦ କରିଦେଇଛନ୍ତି। ସେହିପରି ଜୋର୍ଡାନ ମଧ୍ୟ ଜୋର୍ଡାନ, ଇଜିପ୍ଟ ଓ ପାଲେଷ୍ଟିନୀୟ କର୍ତ୍ତୃପକ୍ଷଙ୍କୁ ନେଇ ଅମ୍ମାନରେ ହେବାକୁ ଥିବା ବାଇଡେନ୍‌ଙ୍କ ସମିଟ୍‌କୁ ବାତିଲ କରିଦେଇଛି।

ପାଲେଷ୍ଟିନୀୟ ଅଧିକାରୀମାନେ ୫୦୦ ଜଣଙ୍କ ମୃତ୍ୟୁ ପାଇଁ ଇସ୍ରାଏଲକୁ ଦାୟୀ କରିଛନ୍ତି। କିନ୍ତୁ ଇସ୍ରାଏଲ କହିଛି, ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ଇସ୍ରାଏଲ ଉପରେ ରକେଟ୍ ମାଡ଼ କରାଯାଇଥିଲା, ଯାହାକି ଲକ୍ଷ୍ୟଭ୍ରଷ୍ଟ ହୋଇ ହସ୍ପିଟାଲ ଉପରେ ପଡ଼ିଲା। ଅନ୍ୟପକ୍ଷେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ବାଇଡେନ୍ ଗାଜା ହସ୍ପିଟାଲ ବିସ୍ଫୋରଣକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ନେତାନ୍ୟାହୁ ବାଇଡେନ୍‌ଙ୍କୁ ସ୍ପଷ୍ଟ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଇସ୍ରାଏଲ ରାଷ୍ଟ୍ରପତି ଇସାକ୍ ହେର୍ଗୋଜ୍ ଆମେରିକୀୟ ପ୍ରତିପକ୍ଷ ବାଇଡେନ୍‌ଙ୍କୁ କହିଛନ୍ତି, ଆମ ଦେଶକୁ ସୁରକ୍ଷା ଦେଇଥିବାରୁ ଭଗବାନ ଆପଣଙ୍କୁ ଆଶୀର୍ବାଦ ଦିଅନ୍ତୁ।

## ଚାଇନାରେ ପୁଟିନ୍

**ଗାଜା ସଙ୍କଟ ପାଇଁ ଆମେରିକାକୁ ଦାୟୀକଲେ**

**ବେଜିଂ,୧୮।୧୦:** ବାଇଡେନ୍‌ଙ୍କ ଇସ୍ରାଏଲ ଗସ୍ତ ବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବେଜିଂରେ ପହଞ୍ଚିଛନ୍ତି। ସେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ବେଲ୍ଟ ଆଣ୍ଡ୍ ରୋଡ୍ ଇନିଶିଏଟିଭ୍ (ବିଆର୍‌ଆଇ) ସମେତ ଅନେକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇନେତା ପରସ୍ପରକୁ ପ୍ରଶଂସାରେ ପୋତିଦେଇଛନ୍ତି। ପୁଟିନ୍‌ଙ୍କ ବେଜିଂ ଗସ୍ତ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ଦିଷ୍ଟ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବେଜିଂ ବୈଠକ ଏଭଳି ସମୟରେ ହୋଇଛି, ଯେତେବେଳେ କି ୟୁକ୍ରେନ୍ ସେନା ନିଜ ଭୂଖଣ୍ଡରୁ ରୁଷୀୟ ସୈନ୍ୟଙ୍କୁ ବିତାଡ଼ିତ କରିବା ପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରିଛି। ପୁଟିନ୍ ଦୁଇଦିନ ତଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। କିନ୍ତୁ ଚାଇନା ଗସ୍ତ ବେଳେ ହମାସ୍‌ର ଆକ୍ରମଣକୁ ନିନ୍ଦା କରିବା ପରିବର୍ତ୍ତେ ଗାଜାର ସାମ୍ପ୍ରତିକ ସଙ୍କଟ ପାଇଁ ଆମେରିକାକୁ ଦାୟୀ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ରୁଷିଆ ରାଷ୍ଟ୍ରପତି ପରୋକ୍ଷରେ ହମାସ୍‌କୁ ସମର୍ଥନ କରୁଥିବା କୁହାଯାଉଛି।



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍।

## ପାଲେଷ୍ଟିନୀୟଙ୍କ ପାଇଁ ୨.୫ କୋଟି ଦାନକଲେ ମାଲାଲା



ଗାଜାର ଅଲ୍-ଅହଲି ହସ୍ପିଟାଲରେ ଆକ୍ରମଣକୁ ନେଇ ଅଭିଯୋଗ, ପ୍ରତିଅଭିଯୋଗ ଲାଗିରହିଥିବାବେଳେ ଏହା ଭୟାବହ ଘଟଣା ବୋଲି ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫ୍‌ଜାଇ କହିବା ସହ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଗାଜାକୁ ମାନବୀୟ ସହାୟତା ଯୋଗାଇଦେବା ସହ ଯୁଦ୍ଧବିରତି ଲାଗି ସେ ଇସ୍ରାଏଲକୁ ନିବେଦନ କରିଛନ୍ତି। ଆକ୍ରମଣର ସମ୍ମୁଖୀନ ହୋଇଥିବା ପାଲେଷ୍ଟିନୀୟଙ୍କ ସହାୟତା ପାଇଁ ମାଲାଲା ୩ଟି ଦାତବ୍ୟ ଅନୁଷ୍ଠାନକୁ ୨.୫ କୋଟି ଟଙ୍କା (୩ ଲକ୍ଷ ଡଲାର) ପ୍ରଦାନ କରିଛନ୍ତି। ସାମୂହିକ ଦଣ୍ଡ ଆକ୍ରମଣର ଉତ୍ତର ନୁହେଁ। ଗାଜା ଜନସଂଖ୍ୟାର ୫୦ ପ୍ରତିଶତଙ୍କ ବୟସ ୧୮ ବର୍ଷରୁ କମ୍। ସେମାନଙ୍କୁ ଅବଶିଷ୍ଟ ଜୀବନ ପାଇଁ ବିସ୍ଫୋରଣ ଓ ଅନ୍ୟାୟପୂର୍ଣ୍ଣ ଦଖଲ ମଧ୍ୟରେ ଛାଡ଼ିଦିଆଯିବା ଉଚିତ ନୁହେଁ ବୋଲି ମାଲାଲା କହିଛନ୍ତି।

**ହମାସ୍ ଆକ୍ରମଣ ଉପରେ ଜାତିସଂଘର ନିନ୍ଦା ପ୍ରସ୍ତାବ**

## ଭିଟୋ ପ୍ରୟୋଗକଲା ଆମେରିକା

**ଜାତିସଂଘ,୧୮।୧୦**

ଇସ୍ରାଏଲ୍‌ରେ ହମାସ୍ ଆକ୍ରମଣ ଏବଂ ସାଧାରଣ ନାଗରିକଙ୍କ ଉପରେ ହିଂସାକୁ ନିନ୍ଦାକରି ତଥା ଗାଜାର ପାଲେଷ୍ଟିନୀୟମାନଙ୍କ ଲାଗି ମାନବୀୟ ସହାୟତା ଯୋଗାଇଦେବାକୁ ନିବେଦନ କରି ଜାତିସଂଘ ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବ ଉପରେ ବୁଧବାର ଆମେରିକା ଭିଟୋ ପ୍ରୟୋଗ କରିଛି। ଜାତିସଂଘ ସୁରକ୍ଷା ପରିଷଦର ୧୫ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୨ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାବେଳେ ଆମେରିକା ବିରୋଧ କରିଥିଲା। ଅନ୍ୟ ୨ ସଦସ୍ୟ ଅନୁପସ୍ଥିତ ରହିଥିଲେ। ଆତ୍ମରକ୍ଷା ପାଇଁ ଇସ୍ରାଏଲ୍‌ର ଅଧିକାର ଉପରେ ପ୍ରସ୍ତାବରେ କିଛି କୁହାଯାଇ ନ ଥିବାରୁ ଆମେରିକା ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ୍-ଗ୍ରୀନ୍‌ଫିଲ୍ଡ ଏହାର ସମାଲୋଚନା କରିଛନ୍ତି।

ଆମେରିକା ଇସ୍ରାଏଲକୁ ସୁରକ୍ଷା ଦେବାକୁ ଯାଇ ହମାସ୍ ଉପରେ କଟକଣା ଜାରି କରିଛି। ଇସ୍ରାଏଲ ଉପରେ ହମାସ୍ ଅତର୍କିତ ଆକ୍ରମଣ କରିବା ପରଠୁ ମୃତକ ଓ ଅପହୃତଙ୍କ ସଂଖ୍ୟା ୧,୦୦୦ ଟପିଛି। ଆମେରିକା ଏଥିରେ କ୍ଷୁବ୍ଧ ହୋଇ ହମାସ୍‌ର ୧୦ ସଦସ୍ୟଙ୍କ ସମେତ ଗାଜା, ସୁଡାନ୍, ତୁର୍କି, ଅଲ୍‌ଜେରିଆ ଓ କାତାରରେ ଏହାର ଆର୍ଥିକ ନେଟ୍‌ୱର୍କ ଉପରେ ଅଙ୍କୁଶ ଲଗାଇଛି।

## ଅଣବାସମତି ଚାଉଳ ରପ୍ତାନିକୁ କେନ୍ଦ୍ରର ଅନୁମତି

**ନୂଆଦିଲ୍ଲୀ,୧୮।୧୦:** ନେପାଳ, କାମେରୁନ୍ ଏବଂ ମାଲେସିଆ ସମେତ ୭ଟି ଦେଶକୁ ୧୦,୩୪,୮୦୦ ଟନ୍ ଅଣବାସମତି ଅରୁଆ ଚାଉଳ ରପ୍ତାନି କରିବା ଲାଗି କେନ୍ଦ୍ର ସରକାର ବୁଧବାର ଅନୁମତି ଦେଇଛନ୍ତି। ଏନ୍‌ସିଇଏଲ ଜରିଆରେ ଏହି ରପ୍ତାନି କରାଯିବ। ଘରୋଇ ଯୋଗାଣ ବଢ଼ାଇବା ପାଇଁ ଜୁଲାଇ ୨୦ରୁ ଅଣବାସମତି ଅରୁଆ ଚାଉଳ ରପ୍ତାନି ଉପରେ କଟକଣା ଲାଗିଥିଲା। କେତେକ ଦେଶର ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ ଲାଗି ସେମାନଙ୍କ ନିବେଦନକ୍ରମେ କେନ୍ଦ୍ର ସରକାର ରପ୍ତାନିକୁ ଅନୁମତି ଦେଇଛନ୍ତି।

## ଆକ୍ରମଣ ଧମକ: ଫ୍ରାନ୍ସର ୬ ବିମାନବନ୍ଦର ଖାଲି ହେଲା

**ପ୍ୟାରିସ୍,୧୮।୧୦:** ଇ-ମେଲ୍ ଯୋଗେ ଆକ୍ରମଣ ଧମକ ମିଳିବା ପରେ ବୁଧବାର ଫ୍ରାନ୍ସର ଲିଲେ, ବ୍ରୋନ୍, ନାଣ୍ଟେନ୍, ନାଇସ୍, ଟୁଲାଉସ୍ ଏବଂ ବାଉଭାଇସ୍ ଏୟାରପୋର୍ଟକୁ ଖାଲି କରିଦିଆଯାଇଛି। ହମାସ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଏବଂ ଗତ ଶୁକ୍ରବାର ଫ୍ରାନ୍ସର ଏକ ସ୍କୁଲରେ ଶିକ୍ଷକଙ୍କୁ ଆକ୍ରମଣ ପରେ ବୋମା ଧମକ ମିଳିବାରେ ଲାଗିଛି। ନାଇସ୍ ଏୟାରପୋର୍ଟରେ ଏକ ପରିତ୍ୟକ୍ତ ବ୍ୟାଗେଜ୍ ମିଳିବା ପରେ ସୁରକ୍ଷା ବଢ଼ାଯିବା ସହ ବିମାନବନ୍ଦରକୁ ଯାଞ୍ଚ କରାଯାଇଥିଲା।

## ଆଜମ୍ ଖାନ୍, ସ୍ତ୍ରୀ, ପୁଅଙ୍କୁ ୭ ବର୍ଷ ଜେଲ

**ଜାଲ୍ ଜନ୍ମ ପ୍ରମାଣପତ୍ର ମାମଲା**



**ରାମପୁର,୧୮।୧୦**

୨୦୧୯ର ଜନ୍ମ ପ୍ରମାଣପତ୍ର ଜାଲିଆତି ମାମଲାରେ ସମ୍ପୃକ୍ତି ନେଇ ଉତ୍ତରପ୍ରଦେଶ ରାମପୁରର ଏକ ସ୍ଥାନୀୟ ଅଦାଲତ ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍, ତାଙ୍କ ସ୍ତ୍ରୀ ତାଜିନ୍ ଫତିମା ଏବଂ ପୁଅ ଅବଦୁଲ୍ଲା ଆଜମଙ୍କୁ ବୁଧବାର ଦୋଷୀସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଜେଲଦଣ୍ଡାଦେଶ ଦିଆଯାଇଛି। ରାୟ ପ୍ରକାଶ ପାଇବା ପରେ ସେମାନଙ୍କୁ ସିଧା ଜେଲ ପଠାଇ ଦିଆଯାଇଛି। ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ମାଜିଷ୍ଟ୍ରେଟ୍ ଶୋଭିତ୍ ବଂଶଲ ୩ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲଦଣ୍ଡ ଶୁଣାଇଥିଲେ। ଆଜମ୍ ତାଙ୍କ ପୁଅ ପାଇଁ ଜାଲ୍ ଜନ୍ମ ସାର୍ଟିଫିକେଟ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଭାଜପା ବିଧାୟକ ଆକାଶ ସାକ୍ସେନା ୨୦୧୯ ଜାନୁୟାରୀ ୩ରେ ରାମପୁରର ଗଞ୍ଜ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଜାଲ୍ ଜନ୍ମ ତାରିଖ ଥିବା ୨ଟି ପ୍ରମାଣପତ୍ର ସଂଗ୍ରହ କରିବାରେ ପୁଅକୁ ଆଜମ୍ ଓ ତାଙ୍କ ସ୍ତ୍ରୀ ସହଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାମପୁର ମ୍ୟୁନିସିପାଲିଟି ଇସ୍ୟୁ କରିଥିବା ଜନ୍ମ ପ୍ରମାଣପତ୍ରରେ ଅବଦୁଲ୍ଲା ଆଜମଙ୍କ ଜନ୍ମ ତାରିଖ ୧୯୯୩ ଜାନୁୟାରୀ ୧ ରହିଥିବାବେଳେ ଅନ୍ୟ ସାର୍ଟିଫିକେଟରେ ସେ ୧୯୯୦ ସେପ୍ଟେମ୍ବର ୩୦ରେ ଲକ୍ଷ୍ନୌରେ ଜନ୍ମ ହୋଇଥିବା ଦର୍ଶାଯାଇଥିଲା।

## ରେଲ୍‌ୱେ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୮।୧୦**

ରେଲ୍‌ୱେର ଅଣଗେଜେଟେଡ୍ କର୍ମଚାରୀମାନଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୭୮ ଦିନର ବୋନସ୍ ପ୍ରଦାନ କରିବାକୁ କେନ୍ଦ୍ର କ୍ୟାବିନେଟ୍ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ରେଳ କର୍ମଚାରୀମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ସ୍ୱରୂପ ସେମାନଙ୍କୁ ପ୍ରଡକ୍ଟିଭିଟି ଲିଙ୍କ୍‌ଡ ବୋନସ୍ (ପିଏଲ୍‌ବି) ଭାବେ ୧,୯୬୮.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ଦ୍ୱାରା ୧୧,୦୭,୩୪୬ କର୍ମଚାରୀ ଉପକୃତ ହେବେ ବୋଲି କେନ୍ଦ୍ର ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଟ୍ରେନ୍ ଲୋକୋ ପାଇଲଟ୍, ଟ୍ରାକ୍ ମେଣ୍ଟେନର, ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ୍ ହେଲ୍ପର, ପଏଣ୍ଟସ୍‌ମ୍ୟାନ, ମିନିଷ୍ଟିରିଆଲ ଷ୍ଟାଫ୍ ଏବଂ ଅନ୍ୟ ଗ୍ରୁପ୍-ସି କର୍ମଚାରୀ ଏହା ଦ୍ୱାରା ଉପକୃତ ହେବେ। ତେବେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ରେଲୱେ ସୁରକ୍ଷା ସ୍ୱତନ୍ତ୍ର ବଳ (ଆର୍‌ପିଏସ୍‌ଏଫ୍) କର୍ମଚାରୀମାନେ ବୋନସ୍ ପାଇବେ ନାହିଁ। ୨୦୨୨-୨୩ ବର୍ଷରେ ରେଲ୍‌ୱେ ୧,୫୦୯ ନିୟୁତ ଟନ୍ ମାଲ୍ ଏବଂ ୬୫୦ କୋଟି ଯାତ୍ରୀ ପରିବହନ କରିଛି।




## ସୌମ୍ୟା ହତ୍ୟା ମାମଲାରେ ୫ ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ,୧୮।୧୦**

ସାମ୍ବାଦିକା ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲାରେ ଦିଲ୍ଲୀର ଏକ ଅଦାଲତ ବୁଧବାର ୫ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଏଥିସହିତ ମହାରାଷ୍ଟ୍ରର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା)ରେ ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ସାମ୍ବାଦିକାଙ୍କୁ ଲୁଟ୍ କରିବା ଅଭିଯୋଗରେ ଦୋଷୀ କରାଯାଇଛି। ରବି କପୁର, ଅମିତ୍ ଶୁକ୍ଳା, ବଲଜିତ୍ ମଲିକ ଏବଂ ଅଜୟ କୁମାରଙ୍କୁ ହତ୍ୟା ଓ ଲୁଟ୍ ମାମଲାରେ ଏବଂ ପଞ୍ଚମ ଅଭିଯୁକ୍ତ ଅଜୟ ସେଠୀ ଅପରାଧରେ ସେମାନଙ୍କୁ ସହାୟତା କରିଥିବା ଅଭିଯୋଗରେ ଦିଲ୍ଲୀର ସାକେତ୍ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି।

୨୦୦୮ ସେପ୍ଟେମ୍ବର ୩୦ରେ ଦିଲ୍ଲୀର ବସନ୍ତ



ବିହାର ଅଞ୍ଚଳରେ ୨୫ ବର୍ଷୀୟା ସାମ୍ବାଦିକା ସୌମ୍ୟାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ କାର୍‌ରୁ ମୃତଦେହ ମିଳିଥିଲା। ଆଇଟି କାର୍ଯ୍ୟନିର୍ବାହୀ ଅଧିକାରୀ ଜିଗିଷା ଘୋଷ ହତ୍ୟା ମାମଲାର ତଦନ୍ତ କରୁଥିବା ପୋଲିସ କପୁର, ଶୁକ୍ଳା ଏବଂ ମଲିକଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରା ବେଳେ ସୌମ୍ୟା ହତ୍ୟା ସହ ସେମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପରେ ଅନ୍ୟ ୨ ଜଣ ଗିରଫ ହୋଇଥିଲେ। ୨୦୦୯ରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ହତ୍ୟାକାଣ୍ଡର ଉଦ୍ଦେଶ୍ୟ ଡକାୟତି ଥିବା ଦର୍ଶାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା, ପ୍ରମାଣ ନଷ୍ଟ, ଜାଲିଆତି ଏବଂ ଅପରାଧ ଷଡ଼ଯନ୍ତ୍ର ନେଇ ମାମଲା ରୁଜୁ ହୋଇଥିବାବେଳେ ସମସ୍ତଙ୍କ ବିରୋଧରେ ମକୋକା ମଧ୍ୟ ଲଗାଯାଇଥିଲା। ଦୋଷୀମାନଙ୍କୁ ଆଜୀବନ ଜେଲଦଣ୍ଡ ଦିଆଯାଉ ବୋଲି ସୌମ୍ୟାଙ୍କ ମାଆ ମାଧବୀ ବିଶ୍ୱନାଥନ୍ ଦାବି କରିଛନ୍ତି। ଝିଅକୁ ହତ୍ୟା କରାଯିବା ପରେ ଆମେ ଯେଭଳି ଅବସ୍ଥାରେ ଅଛୁ, ସେମାନଙ୍କ ପରିବାର ମଧ୍ୟ ସେହିଭଳି ଭୋଗିବା ଆବଶ୍ୟକ ବୋଲି ମାଧବୀ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ | Bhubaneswar, Thursday, October 19/2023 | ପୃଷ୍ଠା-୧



**‘ସାଲାର’ ରିଲିଜ୍ ପରେ ବିବାହ କରିବେ ପ୍ରଭାସ**

ସାଉଥ୍ ଲୋକପ୍ରିୟ ଅଭିନେତା ପ୍ରଭାସଙ୍କ ଆଗାମୀ ଫିଲ୍ମ ‘ସାଲାର’ ରିଲିଜ୍ ହେବା ପରେ ସେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି।

୧୧

୧୪

**ଗ୍ଲେନ୍ ଫିଲିପ୍ସଙ୍କ ଦୃଢ଼ ବ୍ୟାଟିଂ**

ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ।



# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

ନୂଆଦିଲ୍ଲୀ,୧୮।୧୦

କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ୪ ପ୍ରତିଶତ ବଢ଼ାଇବା ପ୍ରସ୍ତାବକୁ ବୁଧବାର କ୍ୟାବିନେଟ ଅନୁମୋଦନ କରିଛି। ଫଳରେ କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ବର୍ତ୍ତମାନର ୪୨ ପ୍ରତିଶତରୁ ୪୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଗତ ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ କରାଯିବ ବୋଲି କେନ୍ଦ୍ର କହିଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ୪୮.୬୭ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୭.୯୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବାକୁ ଯାଉଛନ୍ତି। ସପ୍ତମ କେନ୍ଦ୍ରୀୟ ପେ’ କମିଶନଙ୍କ ସୁପାରିସ ଆଧାରିତ ଗ୍ରହଣୀୟ ସୂତ୍ର ଅନୁଯାୟୀ ଡିଏ ବୃଦ୍ଧି କରାଯାଇଛି।

# ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ,୧୮।୧୦



ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ହେବେ। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ରଘୁବରଙ୍କୁ ଓଡ଼ିଶା ଏବଂ ତେଲଙ୍ଗାନାର ଭାଜପା ନେତା ଇନ୍ଦ୍ରସେନା ରେଡ୍ଡୀ ନଲ୍ଲୁଙ୍କୁ ତ୍ରିପୁରା ରାଜ୍ୟପାଳ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଉଭୟେ ଦାୟିତ୍ୱ ଗ୍ରହଣ କରିବାଠାରୁ ସେମାନଙ୍କ କାର୍ଯ୍ୟକାଳ ଆରମ୍ଭ ହେବ। ୬୮ ବର୍ଷୀୟ ରଘୁବର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବାବେଳେ ବର୍ତ୍ତମାନ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅଛନ୍ତି। ଓଡ଼ିଶାର ବର୍ତ୍ତମାନର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ଥାନରେ ରଘୁବର ୨୬ତମ ରାଜ୍ୟପାଳ ଭାବେ ଅବସ୍ଥାପିତ ହେବେ।

୧୯୫୫ ମେ’ ୩ରେ ଜନ୍ମିତ ରଘୁବର ଦାସଙ୍କ ବାପା ଚଭନ ଦାସ ଜାମଶେଦପୁର ଟାଟା ଷ୍ଟିଲ କମ୍ପାନୀର ଟିଏମ୍‌ଏଚ୍ ହସ୍ପିଟାଲରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରଘୁବର ଭାଲୁବାସା ହରିଜନ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଜାମଶେଦପୁର କୋଅପରେଟିଭ କଲେଜରୁ ବିଏସ୍‌ସିରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଇନରେ ସ୍ନାତକ ଡିଗ୍ରୀ ହାସଲ ପରେ ସେ ଟାଟା ଷ୍ଟିଲ୍‌ରେ କର୍ମମୟ ଜୀବନ ଆରମ୍ଭ କରିଥିଲେ।

ରଘୁବର କଲେଜ ପଢ଼ାବେଳୁ ରାଜନୀତିରେ ସମ୍ପୃକ୍ତ ରହି ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସାମିଲ ହୋଇଥିଲେ। ☞ପୃଷ୍ଠା-୨

# ୨୦ରୁ ଘରୋଇ ବସ୍ ଧର୍ମଘଟ

## ପାର୍ବଣରେ ପ୍ରଭାବିତ ହେବ ଯାତ୍ରୀ ପରିବହନ ସେବା

**ଦୁର୍ଗାପୂଜା ପାଇଁ ଆସନ୍ତା ୨୦ ତାରିଖରୁ ସ୍କୁଲ, କଲେଜ ଛୁଟି ହେବ। ୨୧ ତାରିଖରୁ ସରକାରୀ ଛୁଟି ମଧ ଘୋଷଣା ହୋଇଯିବ। ଅନେକ ଘରୋଇ ଅନୁଷ୍ଠାନ ବନ୍ଦ ରହିବ। ଫଳରେ କିଏ ଘରମୁହାଁ ତ ପୁଣି କିଏ ସହରକୁ ବୁଲିବାକୁ ବାହାରିଲେଣି। ଏଥିଯୋଗୁ ସରକାରୀ ଓ ଘରୋଇ ବସ୍‌ରେ ପ୍ରବଳ ଭିଡ଼ ହେଲାଣି। କେବଳ ବସ୍ ନୁହେଁ, ରେଳ ଓ ବିମାନରେ ମଧ ଆଗୁଆ ବୁକିଂ ହୋଇସାରିଛି। ଏପରିସ୍ଥଳେ ଆସନ୍ତା ୨୦ ତାରିଖରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରିବାକୁ ଘୋଷଣା କରିଛି ଘରୋଇ ବସ୍ ମାଲିକ ସଂଘ। ରାଜ୍ୟରେ ପ୍ରାୟ ୧୪ ହଜାର ବସ୍ ଚଳାଚଳ କରୁଥିବାରୁ ପାର୍ବଣରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହେବା ମନେହେଉଛି।**

ଭୁବନେଶ୍ୱର,୧୮।୧୦
(ଅନିଲ ଦାସ)



ବସ୍ ମାଲିକମାନଙ୍କ କେତେକ ଦାବି ପୂରଣ ସାଙ୍ଗକୁ ଗ୍ରାମାଞ୍ଚଳରୁ ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚରମ ନିଷ୍ପତ୍ତି ନେଇଛି। ରେଳ ନ ଥିବା ସ୍ଥାନକୁ ଯିବା ପାଇଁ ଲୋକମାନେ ବସ୍ ଉପରେ ନିର୍ଭର କରୁଛନ୍ତି। ଜିଲା ମୁଖ୍ୟାଳୟକୁ ଛାଡ଼ିଦେଲେ ଉପାନ୍ତ ଅଞ୍ଚଳକୁ ପ୍ରାୟତଃ ସରକାରୀ ବସ୍ ସେବା ନାହିଁ କହିଲେ ଚଳେ। ଘରୋଇ ବସ୍‌ଗୁଡ଼ିକରେ ଦୈନିକ ପ୍ରାୟ ୭ରୁ ୧୦ ଲକ୍ଷ ଲୋକ ଯାତାୟାତ କରନ୍ତି। ପାର୍ବଣ ସମୟରେ ଏହା ୧୨ରୁ ୧୫ ଲକ୍ଷକୁ ଟପିଯାଏ। ଅନେକ ରାତ୍ରିକାଳୀନ ବସ୍ ୧୫ ଦିନ ଆଗରୁ ବୁକିଂ ହୋଇସାରିଛି। ବନ୍ଦ ଡାକରା ଯୋଗୁ ଆସନ୍ତା ଶୁକ୍ରବାର ରାଜ୍ୟରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏଥିଯୋଗୁ ଯାତାୟାତଜନିତ ଗୁରୁତର ସଙ୍କଟ ସୃଷ୍ଟି ହେବା ଆଶଙ୍କା ଦେଇଛି।

ଅକ୍ଟୋବର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲା ଷ୍ଟାଡିୟମରୁ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୩୬ ବସ୍ ଜିଲାର ୧୧୧ ପଞ୍ଚାୟତକୁ ଜିଲା ସଦର ମହକୁମା ସହ ଯୋଡ଼ିବ। ମାଲକାନଗିରି ପରେ ଦ୍ୱିତୀୟ ପର୍ଯ୍ୟାୟରେ ଗଜପତି ଜିଲାରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ ।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଗତ ଅକ୍ଟୋବର ୧୦ରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଥିଲା। ତେବେ ଏହାକୁ ଏଡ଼ାଇବା ପାଇଁ ଅକ୍ଟୋବର ୯ରେ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀ ଯୋଜନାରେ କୌଣସି ବସ୍ ବ୍ଲକରୁ ଜିଲାକୁ ଚଳାଚଳ ନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ୨୬ ତାରିଖରେ ସଂଘ କର୍ମକର୍ତ୍ତାଙ୍କ ସହ ପୁଣି ଆଲୋଚନା କରାଯାଇ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ତେବେ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ କରୁଛି। ଏହାକୁ ଘରୋଇ ବସ୍ ମାଲିକମାନେ ତୀବ୍ର ବିରୋଧ କରିଛନ୍ତି। ସରକାର ତୁରନ୍ତ ଜିଲା ସଦର ମହକୁମାକୁ ବସ୍ ଚଲାଇବାକୁ ବନ୍ଦ କରନ୍ତୁ, ନଚେତ୍ ରାଜ୍ୟରେ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧର୍ମଘଟ ଏଡ଼ାଇବା ପାଇଁ ବୁଧବାର ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଓ ଅନ୍ୟ ପରିବହନ ଅଧିକାରୀମାନେ ପ୍ରାୟ ଦେଢ଼ଘଣ୍ଟା ଧରି ଆଲୋଚନା ☞ପୃଷ୍ଠା-୨

# ଗହମ ଏମ୍‌ଏସ୍‌ପି ୧୫୦ ଟଙ୍କା ବଢ଼ିଲା

### ୬ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି

ନୂଆଦିଲ୍ଲୀ,୧୮।୧୦

ଆସନ୍ତା ମାସରେ ୫ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ତାହା ପୂର୍ବରୁ କେନ୍ଦ୍ର ସରକାର ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ୨୦୨୪-୨୫ ବିପଣନ ବର୍ଷ ଲାଗି ଗହମର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୫୦ ଟଙ୍କା ବଢ଼ାଯାଇଛି। ଫଳରେ ଗହମ କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ୨,୨୭୫ ଟଙ୍କା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ଏହା ସର୍ବାଧିକ ଏମ୍‌ଏସ୍‌ପି ବୃଦ୍ଧି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ଋତୁରେ ☞ପୃଷ୍ଠା-୨

# କୋଇଲା ଦାମ୍ ବଢ଼ାଇ ୧୨,୦୦୦ କୋଟି ଲୁଟିଛି ଆଦାନୀ: ରାହୁଲ

ନୂଆଦିଲ୍ଲୀ,୧୮।୧୦

ଆଦାନୀ ଗ୍ରୁପ୍ ବିଦେଶରୁ ବର୍ଦ୍ଧିତ ଦରରେ କୋଇଲା ଆମଦାନୀ କରୁଥିବା ଦର୍ଶାଇଥିବାରୁ ଭାରତରେ ବିଦ୍ୟୁତ୍ ଦେୟ ବଢ଼ିଯାଇଛି। ଏହି ବ୍ୟବସାୟିକ ଗୋଷ୍ଠୀ ସମୂହ ଏଭଳି ଭାବେ ଲୋକଙ୍କଠାରୁ ୧୨,୦୦୦ କୋଟି ଟଙ୍କା ଲୁଟିସାରିଲାଣି ବୋଲି ବୁଧବାର ଏକ ମିଡିଆ ରିପୋର୍ଟ ଆଧାରରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଟାର୍ଗେଟ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ରାହୁଲ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପପତି ଗୌତମ ଆଦାନୀ ଇଣ୍ଡୋନେସିଆରୁ କୋଇଲା କିଣନ୍ତି। ସେହି କୋଇଲା ଭାରତରେ ପହଞ୍ଚିଲାବେଳକୁ ତା’ର ମୂଲ୍ୟ ୨ ଗୁଣା ବଢ଼ିଯାଇଥାଏ। ଆଦାନୀ ଏଭଳି ଭାବେ ଗରିବ ଭାରତୀୟମାନଙ୍କ ପକେଟରୁ ପ୍ରାୟ ୧୨,୦୦୦ କୋଟି ଟଙ୍କା ନେଇସାରିଲେଣି। କର୍ନାଟକରେ କଂଗ୍ରେସ କ୍ଷମତାସୀନ ହେବା ପରେ ବିଦ୍ୟୁତ୍‌ରେ ରିହାତି ଦେଉଛି। ମଧ୍ୟପ୍ରଦେଶରେ କ୍ଷମତାକୁ ଫେରିଲେ ଅନୁରୂପ ରିହାତି ପ୍ରଦାନ କରାଯିବ। ଆଦାନୀଙ୍କ ଦୁର୍ନୀତି ଯୋଗୁ ବିଦ୍ୟୁତ୍ ବିଲ୍ ବଢ଼ୁଥିବା ବିଷୟ ଉପଭୋକ୍ତାମାନେ ବୁଝିବା ଜରୁରୀ। ରାହୁଲ ଆହୁରି କହିଛନ୍ତି, ବ୍ରିଟିଶ୍ ଖବରକାଗଜ ‘ଫାଇନାନ୍ସିଆଲ ଟାଇମ୍ସ’ ‘ଆଦାନୀ ଆଣ୍ଡ୍ ମିଷ୍ଟେରିଅସ୍ କୋଲ୍ ପ୍ରାଇସ୍’ ଶୀର୍ଷକ ଏକ ଷ୍ଟୋରି ପ୍ରକାଶ କରିଛି। କିନ୍ତୁ ଏହି ପ୍ରସଙ୍ଗ ଭାରତରେ କେବେ ଆଲୋଚନା ହୋଇ ନ ଥାଏ। ଆଦାନୀ ଗରିବଙ୍କଠାରୁ ଟଙ୍କା ନିଅନ୍ତି। ଏହି ରିପୋର୍ଟ ଯେକୌଣସି ସରକାରର ପତନ ଘଟାଇପାରିବ। ଏହା ହେଉଛି ପ୍ରତ୍ୟକ୍ଷ ଚୋରି। କିନ୍ତୁ ଆଦାନୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ସୁରକ୍ଷା ଦେଇଆସୁଛନ୍ତି। ଏହା ଉପରେ ମୋଦି କେବେହେଲେ ମୁହଁ ନ ଖୋଲିବାର କାରଣ ବୁଝିହେଉନାହିଁ। ☞ପୃଷ୍ଠା-୨



‘ଫାଇନାନ୍ସିଆଲ ଟାଇମ୍ସ’ ଖବରକାଗଜରେ ଆଦାନୀ ଗ୍ରୁପ୍‌ର କୋଇଲା ଦୁର୍ନୀତି ଉପରେ ପ୍ରକାଶିତ ରିପୋର୍ଟକୁ ଦେଖାଉଛନ୍ତି ରାହୁଲ ଗାନ୍ଧୀ।

**ଆଜିର ସମ୍ପାଦକୀୟ**

**ନିଜ ଭିତରେ ଶକ୍ତି**

# ପୁରୁଣା ଜମି ସମସ୍ୟା ସମାଧାନ ହେବ

ଭୁବନେଶ୍ୱର,୧୮।୧୦(ଅନିଲ ଦାସ)



**ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି**
- **୫-ଟି ସଚିବଙ୍କ ଜିଲା ଗସ୍ତ ପରେ ଫିଟିଲା ବାଟ**
- **ଉପକୃତ ହେବେ କଟକ, ପୁରୀ ଓ ବାଲେଶ୍ୱରର ୨ ଲକ୍ଷ ଚାଷୀ**

ବିଭିନ୍ନ ସ୍ଥାନରେ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ସିକିମ ରୟତମାନଙ୍କ ଜମି ଓ ସମ୍ବଲପୁର ଜିଲା ରେଙ୍ଗାଲି ତହସିଲର ହୀରାକୁଦ ବାସଚ୍ୟୁତମାନଙ୍କ ଜମି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ସମ୍ପର୍କରେ ସେପ୍ଟେମ୍ବର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ୩ ଥର ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ସମୀକ୍ଷା ବୈଠକ ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ବୁଧବାର ଆଉ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଲୋକଙ୍କୁ ଜମି ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ହୀରାକୁଦ ☞ପୃଷ୍ଠା-୨

# ବିବାହ ଯୋଜନା ଭଣ୍ଡୁର ହେଲା



**ଦିନେ ସତ ହେବ ସମଲିଙ୍ଗୀ ବିବାହ: ଦୂତୀ**

ନୂଆଦିଲ୍ଲୀ,୧୮।୧୦

ଭାରତରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଫଳରେ ଓଡ଼ିଶାର ଖ୍ୟାତନାମା ଧାବିକା ଦୂତୀ ଚାନ୍ଦଙ୍କ ବିବାହ ଯୋଜନା ଭଣ୍ଡୁର ହୋଇଥିବା ସେ କହିଛନ୍ତି। ପାର୍ଟନର ମୋନାଲିସାଙ୍କୁ ବିବାହ କରିବାକୁ ଯୋଜନା କରିଥିଲେ। ତେବେ ଭାରତରେ ଦିନେ ନା ଦିନେ ସମଲିଙ୍ଗୀ ବିବାହ ବାସ୍ତବ ରୂପ ନେବ ବୋଲି ସେ ଆଶା ବାନ୍ଧିଛନ୍ତି। ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ମାନ୍ୟତା ଦେବାକୁ ମନା କରିଥିଲେ ମଧ ସମାନ ଲିଙ୍ଗର ବ୍ୟକ୍ତିଙ୍କ ମିଳନ ସମ୍ପର୍କିତ ଆଇନ ପାର୍ଲାମେଣ୍ଟ ଆଣିପାରିବ ବୋଲି ରାୟ ଦେଇଥିଲେ। ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସୁପ୍ରିମକୋର୍ଟ ସମଲିଙ୍ଗୀମାନଙ୍କୁ ସହାବସ୍ଥାନ ପାଇଁ ବାରଣ କରିନାହାନ୍ତି। ଦେଶରେ ସମଲିଙ୍ଗୀଙ୍କ ମଧରେ ବିବାହ ପାଇଁ କୌଣସି ଆଇନ ନ ଥିବାରୁ ଏଥିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିନାହାନ୍ତି। କିନ୍ତୁ କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ନିଶ୍ଚିତ ଭାବେ ଏହି ପ୍ରସଙ୍ଗକୁ ବିଚାରକରି ଭବିଷ୍ୟତରେ ସମଲିଙ୍ଗୀ ବିବାହ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରିବେ। ଏନେଇ ଆମେ ଆଶାବାଦୀ ବୋଲି ଦୂତୀ କହିଛନ୍ତି।

୫ ବର୍ଷ ଧରି ନିଜ ପାର୍ଟନର ମୋନାଲିସାଙ୍କ ସହ ସମ୍ପର୍କରେ ଥିବା ନେଇ ପ୍ରଘଟ କରିବାକୁ ଦ୍ୱିଧା ପ୍ରକାଶ କରୁ ନ ଥିବା ଦୂତୀ ଆହୁରି କହିଛନ୍ତି, ଆମେ ଦୁହେଁ ପରସ୍ପରକୁ ଭଲ ପାଉ। ଏକାଠି ରହି ବାହାହେବାକୁ ନିଷ୍ପତ୍ତି ନେଇଛୁ। ସମଲିଙ୍ଗୀ ବିବାହକୁ ସହରୀ-ଗାଉଁଲୀ, ☞ପୃଷ୍ଠା-୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟର୍ଥେ ନ ତ୍ୱଂ ଶୋଚିତୁ ମହର୍ଷି ।।



**ସ୍ୱ.ଘନଶ୍ୟାମ ଜେନା**
ଆବିର୍ଭାବ: ୧୦.୦୪.୧୯୩୦
ତିରୋଧାନ: ୦୯.୧୦.୨୦୨୩

**ସ୍ୱ.ହେମଲତା ଜେନା**
ଆବିର୍ଭାବ: ୨୦.୦୪.୧୯୩୩
ତିରୋଧାନ: ୦୮.୧୦.୨୦୨୩

ଶୋକସନ୍ତପ୍ତ : ଅନୁଷ୍ଠାନ କର୍ମକର୍ତ୍ତା ଓ କର୍ମଚାରୀବୃନ୍ଦ

Founder and General Secretary FCI Workers' Union
Secretary, All India Food and Allied Workers' Union
Chairman, Ghanashyam Hemalata Vidya Mandir Society
Chairman, FCI Workers' Credit Co-operative Society
President, Paradeep Port & Dock Mazhdoor Workers' Union
President, IFFCO Karmachari & Shramik Union
President, Petroleum Products Handling & Carriers Employees Union
Founder of all the above organisations

ଆପଣଙ୍କ ଦେହାବସାନ ଆମ୍ଭମାନଙ୍କୁ ସ୍ତମ୍ଭିଭୂତ କରିଦେଇଛି । ଆପଣଙ୍କ ଆବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟତାର ଅନୁଭୂତି ଭାଷାରେ ପ୍ରକାଶ କରିବା କଷ୍ଟକର । ଆପଣଙ୍କ ପ୍ରେରଣାର ଉତ୍ସ ହେମଲତା ଦେବୀଙ୍କ ବିୟୋଗକୁ ଆପଣ ସହଜରେ ଗ୍ରହଣ କରିନପାରି ମାତ୍ର ୨୪ ଘଣ୍ଟା ଭିତରେ ଆରପାରିକୁ ଚାଲିଗଲେ । ଆପଣ ଦୁଇଜଣଙ୍କ ହଠାତ୍ ଦେହାବସାନକୁ ସହଜରେ ଗ୍ରହଣ କରିବା କେତେ ଯେ କଷ୍ଟକର ତାହା ଆପଣଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତା ଓ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପରିବାର ଲୋକଙ୍କ ଯାଏଁ ସମସ୍ତେ ଅନୁଭବ କରୁଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ପାଦତଳେ ଆପଣ ଦୁହିଙ୍କ ଆତ୍ମାକୁ ସ୍ଥାନ ଦିଅନ୍ତୁ । ଏହା ହିଁ ଆମ୍ଭ ସମସ୍ତଙ୍କର ପ୍ରାର୍ଥନା ।

**ହତଭାଗ୍ୟ ପୁତ୍ର** - ତନ୍ମୟ ଜେନା, ଚିନ୍ମୟ ଜେନା, **ବୋହୂ** - ଗୀତାଞ୍ଜଳି, ସ୍ମିତା
**ଝିଅ** - ନମିତା, ବନଜ୍ୟୋସ୍ନା, ଅନୁସ୍ମିତା, ପଦ୍ମଜା, **ଜ୍ୱାଇଁ** - ପ୍ରଭାତ, ହିମାଦ୍ରି, ପ୍ରସନ୍ନ, ବିରଜା
ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

**ନଭେମ୍ବର ୧୯ରେ ଓଡ଼ିଶା ପୌରପାଳିକା ପ୍ରଶାସନିକ ସେବା ପରୀକ୍ଷା**

କଟକ,(ସୁପ୍ରିୟା ପ୍ରିୟଦର୍ଶନୀ): ନଭେମ୍ବର ୧୯ରେ ଓଡ଼ିଶା ପୌରପାଳିକା ପ୍ରଶାସନିକ ସେବା ୨୦୨୧ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ଓପିଏସ୍‌ସି ୱେବ୍‌ସାଇଟରେ ଉପଲବ୍ଧ ହେବ ବୋଲି କୁହାଯାଇଛି।

# କଓ୍ୱାଲି କାର୍ଯ୍ୟକ୍ରମରେ ଟଙ୍କା ଉଡ଼ାଇ ଚର୍ଚ୍ଚାରେ ମନ୍ତ୍ରୀ ସାରଦା



ସୁନ୍ଦରଗଡ,୧୮।୧୦
(ଜୟ ନାରାୟଣ ମେଣ୍ଟୁଳି)

ଗତ କିଛିଦିନ ତଳେ ସୁନ୍ଦରଗଡ ସୁନାରୀପଡ଼ା ଗଣେଶ ପୂଜା କମିଟିର ଏକ ମେଲୋଡି କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ନାଚ କରି ଚର୍ଚ୍ଚାକୁ ଆସିଥିଲେ। ଏବେ ଏକ କଓ୍ୱାଲି କାର୍ଯ୍ୟକ୍ରମରେ ଗାୟକଙ୍କ ଉପରକୁ ଟଙ୍କା ଫିଙ୍ଗି ସେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମନ୍ତ୍ରୀ ସାରଦାଙ୍କ ଏହି ଟଙ୍କା ଫିଙ୍ଗା ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବାରେ ଲାଗିଛି।

ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରର ଏକ ହୋଟେଲ (ଜେଡିଆର)ରେ ସ୍ଥାନୀୟ ମୁସ୍‌ଲିମ ୟୁଥ୍ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା କଓ୍ୱାଲି କାର୍ଯ୍ୟକ୍ରମ। ଏଥିରେ ବିଶିଷ୍ଟ କଓ୍ୱାଲି ଗାୟକ ରଇସ ଅନିସ୍ ସାବରୀ ଯୋଗଦେଇଥିଲେ। ଗାୟକଙ୍କ ଗୀତର ତାଳେ ତାଳେ ଝୁମି ଉଠିଥିଲେ ଦର୍ଶକ। ଏଥିରେ ବିଭିନ୍ନ ରାଜନୈତିକ ଦଳଠୁ ଆରମ୍ଭ କରି ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଦର୍ଶକଙ୍କ ମଧ୍ୟରୁ ଅନେକେ ଗାୟକଙ୍କ ଗୀତରେ ବିଭୋର ହୋଇ ତାଙ୍କ ଉପରକୁ ଟଙ୍କା ଫିଙ୍ଗି ଥିଲେ। କିଏ ୫୦୦ଟଙ୍କିଆ ତ କିଏ ୧୦୦ ଓ ୨୦୦ ଟଙ୍କିଆ ଉଡାଉଥିଲେ। ଆଉ କେହି କେହି ୧୦ଟଙ୍କିଆ ୨୦ ଟଙ୍କିଆ ଫିଙ୍ଗି ଥିଲେ। ଏଥିରେ ମନ୍ତ୍ରୀ ସାରଦା ମଧ୍ୟ ବାଦ୍ ପଡି ନ ଥିଲେ। ସେ କେତେବେଳେ ୫୦୦ ଟଙ୍କିଆ ଫିଙ୍ଗୁଥିଲେ ତ ଆଉ କେତେବେଳେ ବିଡା ଭିତରୁ ଗୋଟିଏ ଲେଖାଏ ୫୦୦ଟଙ୍କିଆ କାଢି ଗାୟକଙ୍କ ହାତକୁ ବଢ଼ାଇ ଦେଉଥିଲେ। 'ସାପ ଡସେ ତୋ ଦୋସ୍ତ ବଚାଏ, ଦୋସ୍ତ ଡସେ ତୋ କୌନ ବଚାଏ' ଗୀତରେ ପୁଳାପୁଳା ଟଙ୍କା ଉଡ଼ିଥିଲା। ଏ ସମ୍ପର୍କରେ ମନ୍ତ୍ରୀଙ୍କୁ ପଚାରିବାରୁ କଓ୍ୱାଲି ଗାୟକଙ୍କୁ ସମ୍ମାନିତ କରିବା ପାଇଁ ସେଠାକୁ ଜଣେ ଦର୍ଶକ ଭାବେ ଯାଇଥିଲେ ବୋଲି ସେ କହିଛନ୍ତି। କଓ୍ୱାଲି ଗାୟକ ଜଣକ ଭାରତର ବିଶ୍ୱକପରେ ବିଜୟକୁ ଶୁଭେଚ୍ଛା ଜଣାଇଥିଲେ। ଯେଉଁ ଟଙ୍କା ଉଡିଛି, ତାହା ମୋ ପକେଟରୁ ଯାଇ ନାହିଁ କି ତାହା କଳାଧନ ନୁହେଁ। ଏହି ଟଙ୍କା ଉଡାଇବାକୁ ଏକ ପ୍ରସଙ୍ଗ କରିବା ହାସ୍ୟାସ୍ପଦ। ଜଣେ ଦର୍ଶକ ଭାବେ ଜଣେ କଳାକାରଙ୍କ କଳାକୁ ସମ୍ମାନ ଜଣାଇ ଉତ୍ସାହିତ କରିବା ଛଡ଼ା ଏହା ଆଉ କିଛି ନୁହେଁ ବୋଲି ମନ୍ତ୍ରୀ ସାରଦା କହିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରୁ ୫୦ ଲକ୍ଷର ଯନ୍ତ୍ରାଂଶ ନେଇଗଲେ ସଫେଇ କର୍ମଚାରୀ

ଭୁବନେଶ୍ୱର,୧୮।୧୦
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ହସ୍ପିଟାଲରୁ ମଙ୍ଗଳବାର ଭୋର୍ ସମୟରେ ବଡଧରଣର ଚୋରି ହୋଇଛି। ସଫେଇ କରିବା ଆଳରେ ସଫେଇ କର୍ମଚାରୀମାନେ ହସ୍ପିଟାଲର ତଳ ମହଲାରେ ଥିବା ଲାବରେଟୋରିରୁ ୫୦ ଲକ୍ଷରୁ ଅଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ନେଇଯାଇଛନ୍ତି। ସଫେଇ କର୍ମଚାରୀ ବାହାର ଲୋକଙ୍କୁ ଡକାଇ ଏପରି କାଣ୍ଡ କରିଥିବା ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ଏହାର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏଥିରେ ହସ୍ପିଟାଲରେ ନିୟୋଜିତ ଥିବା ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷ କ୍ୟାପିଟାଲ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୧୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭିରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ତେବେ ସେମାନେ କାହିଁକି ଓ କେତେଦିନ ହେବ ଏମିତି ଚୋରି କରିଆସୁଥିଲେ, ଚୋରି ଯନ୍ତ୍ରାଂଶ କେଉଁଆଡେ ନେଲେ, କାହାକୁ ଦେଉଥିଲେ, ତାହାର ତଥ୍ୟ ଜାଣିବା ଲାଗି ପୋଲିସ ବିଭିନ୍ନ ଦିଗକୁ ନେଇ ଖୋଳତାଡ କରୁଥିବା କହିଛି।

ସିସିଟିଭିରୁ ଜଣାପଡିଛି ଯେ, ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ ପ୍ରବେଶ ପଥରେ ଲୁହା ଚେୟାରରେ ବସି ମୋବାଇରେ ଗପୁଥିବାବେଳେ ସଫେଇ କର୍ମଚାରୀଙ୍କ ବେଶରେ ୩ଜଣ ହସ୍ପିଟାଲର ଉକ୍ତ ବିଭାଗକୁ ଯାଇଥିଲେ। ଜଣେ ମହିଳା ଝାଡୁ କରୁଥିବାବେଳେ ୨ଜଣ ପୁରୁଷ ହସ୍ପିଟାଲର ତଳ ମହଲାରେ ଥିବା ଲାବ୍‌ରେ ପଶି ଡେଙ୍ଗୁ, ରକ୍ତ, ସ୍ୱୋଟମ୍ ପ୍ରମୁଖ ଟେଷ୍ଟ ପାଇଁ ଆସିଥିବା ନୂଆ ଓ ପୁରୁଣା ଲାବ୍ ଯନ୍ତ୍ରାଂଶ ଚୋରି କରି ନେଇଥିଲେ। ସେମାନେ ପ୍ରଥମେ ଯନ୍ତ୍ରାଂଶକୁ ବଡ କଳା ଡଷ୍ଟବିନ୍ ପଲିଥିନରେ ଭର୍ତ୍ତି କରିଥିଲେ। ତା'ପରେ ସଫେଇ କର୍ମଚାରୀଙ୍କ ପରି କାନ୍ଧରେ ପକାଇ ପଳାଇ ଯାଇଥିଲେ। ଏପରିକି ହସ୍ପିଟାଲରୁ ବାହାରିବା ସମୟରେ ମଧ୍ୟ ସିକ୍ୟୁରିଟି ଗାର୍ଡ ଫୋନ୍‌ରେ କଥା ଜାରି ରଖିଥିଲେ। ଲାବ୍ ଯନ୍ତ୍ରାଂଶ ନ ଥିବା ଜଣାପଡିବା ପରେ ସିସିଟିଭିକୁ ଯାଞ୍ଚ କରାଯିବାରୁ ଚୋରି ସମ୍ପର୍କରେ ସ୍ପଷ୍ଟ ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ସହ ସଫେଇ କାର୍ଯ୍ୟର ଟେଣ୍ଡର ନେଇଥିବା ଠିକା ସଂସ୍ଥାକୁ ଅବଗତ କରାଯାଇଥିବା ହସ୍ପିଟାଲ ନିର୍ଦ୍ଦେଶକ ସାହୁ କହିଛନ୍ତି।



ସିସି ଟିଭିରେ କଏଦ ହୋଇଥିବା ଚୋରି ସମୟର ଦୃଶ୍ୟ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ମରାମତି କାର୍ଯ୍ୟ ପାଇଁ ଆଜି ବରମୁଣ୍ଡା ହାଉସିଂ ବୋର୍ଡ ଏଲଆଇଜି, ଏମଆଇଜି, ଏଚଆଇଜି କଲୋନୀ, ରୁଚିକା ମାର୍କେଟ ଓ ମହାବୀର ବସ୍ତି ଏବଂ ମଧୁପୁର ଗାଁ, ଆରଏମଆରସି ଓ ନାଲକୋ ଛକ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ଯାଏଁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍







# ରାଷ୍ଟ୍ରପତିଙ୍କ ଗ୍ରାମକୁ ୩ ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ

**ଦକ୍ଷିଣ ପୂର୍ବ ରେଳ ଡିଭିଜନର ମଞ୍ଜୁରୀ**

ରାଇରଙ୍ଗପୁର,୧୮।୧୦
(ମାନସ ମହାନ୍ତି)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାକୁ ୩ଟି ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ। ନିକଟରେ ଦକ୍ଷିଣ ପୂର୍ବ ରେଳପଥ ଡିଭିଜନ ପକ୍ଷରୁ ଏନେଇ ମଞ୍ଜୁରୀ ମିଳିଥିବା ବୁଧବାର ସରକାରୀ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଟ୍ରେନ୍ ଚାଲିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗ୍ରାମଦେଇ ଏକ୍ସପ୍ରେସ ରେଳ ଗଡ଼ିବ। ବହୁଦିନର ଦାବି ପରେ ଏହା ଫଳପ୍ରଦ ହେବାକୁ ଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଏହି ୩ଟି ନୂଆ ରେଳ ଲାଇନ ହେଲା କୋଲ୍‌କାତା(ସାଲିମାର)- ବାଦାମପାହାଡ଼- କୋଲ୍‌କାତା (ସାଲିମାର) ସାପ୍ତାହିକ ଏକ୍ସପ୍ରେସ୍, ବାଦାମପାହାଡ଼-ରାଉରକେଲା- ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍, ରାଉରକେଲା- ଟାଟାନଗର-ରାଉରକେଲା (ସପ୍ତାହକୁ ୬ଦିନ) ଏବଂ ଟାଟା ନଗର-ବାଦାମପାହାଡ଼- ଟାଟାନଗର (ସାପ୍ତାହକୁ ୬ଦିନ)। ଟାଟା- ବାଦାମପାହାଡ଼ ରୁଟ୍‌ରେ ପ୍ରଥମ ଥର ପାଇଁ ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ। ଫଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଗ୍ରାମ ରାଇରଙ୍ଗପୁର ଏବଂ ବାଦାମପାହାଡ଼କୁ ପ୍ରଥମ ଏକ୍ସପ୍ରେସ୍ ଟ୍ରେନ୍ ଗଡ଼ିବ। ଏହି ୩ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ପାଇଁ ରାଇରଙ୍ଗପୁର ଅଞ୍ଚଳ ସମେତ କରଞ୍ଜିଆ ଏବଂ ଯଶିପୁର ଅଞ୍ଚଳବାସୀ ରାଷ୍ଟ୍ରପତିଙ୍କ ସମେତ ରେଳମନ୍ତ୍ରୀଙ୍କ ନିକଟରେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ରେଳ ଡିଭିଜନ ପକ୍ଷରୁ ମଞ୍ଜୁରୀ ପରେ ରାଇରଙ୍ଗପୁର ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିବା ସହ ରାଷ୍ଟ୍ରପତି ମୁର୍ମୁ ଏବଂ ରେଳମନ୍ତ୍ରୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଏସ୍.ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା

ନୂଆଦିଲ୍ଲୀ,୧୮।୧୦ (କୁଲ୍‌ଦୀପ ସିଂ)



ଓଡ଼ିଶା ହାଇକୋର୍ଟ ପୂର୍ବତନ ବିଚାରପତି ଏସ୍.ମୁରଲୀଧର ଏବେ ସୁପ୍ରିମକୋର୍ଟରେ ଓକିଲାତି କରିବେ। ଗତ ୧୬ତାରିଖରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଫୁଲ୍ କୋର୍ଟ ମିଟିଂରେ ଅବସରପ୍ରାପ୍ତ ବିଚାରପତି ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବୀର ମାନ୍ୟତା ପ୍ରଦାନ କରାଯାଇଛି।

୨୦୨୧ ଜାନୁୟାରୀ ୪ରେ ଜଷ୍ଟିସ୍ ମୁରଲୀଧର ଓଡ଼ିଶା ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତିଭାବେ କାର୍ଯ୍ୟଭାର ଗ୍ରହଣ କରିବାସହ ଗତ ଅଗଷ୍ଟ ୭ରେ ପଦରୁ ଅବସର ନେଇଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ସମୟରେ ଭର୍ଚୁଆଲ୍ କୋର୍ଟ ସ୍ଥାପନ କରିଥିଲେ। ଗତ ଏପ୍ରିଲରେ ତାଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରିବାକୁ ସୁପ୍ରିମକୋର୍ଟ କଲେଜିୟମ୍ ଅନୁମୋଦନ କରିଥିଲା। ହେଲେ ଉକ୍ତ ଅନୁମୋଦନକୁ କେନ୍ଦ୍ର ସରକାର ଗ୍ରହଣ କରି ନ ଥିଲେ। ଫଳରେ କଲେଜିୟମ ଉକ୍ତ ନାମକୁ ପ୍ରତ୍ୟାହାର କରିନେଇଥିଲା। ମୁରଲୀଧର ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏବଂ ପଞ୍ଜାବ-ହରିୟାଣା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି। ଦିଲ୍ଲୀରେ ୨୦୨୦ ଦଙ୍ଗା ସମୟରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଦେଇଥିବା ଟିପ୍ପଣୀ ପରେ ମୁରଲୀଧରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ପଞ୍ଜାବ-ହରିୟାଣା ଉଚ୍ଚ ନ୍ୟାୟାଳୟକୁ ବଦଳି କରାଯାଇଥିଲା।



ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। **-ଶ୍ରୀମା**

# ନିଜ ଭିତରେ ଶକ୍ତି



ଦେବଦତ୍ତ ପଟ୍ଟନାୟକ

କମ୍ ସମୟ ଅବଧିର ଏକ ସୋସିଆଲ ମିଡିଆ ଭିଡିଓରେ ଜଣେ ଯୁବ ହାସ୍ୟ ଅଭିନେତା ଏକ ଆଇଫୋନ୍ କିଣିଥିବା କହିଛନ୍ତି। କାରଣ ଏହାର ବିଶେଷତ୍ୱ ହେଉଛି ଏହା ମନରେ ଆତ୍ମବିଶ୍ୱାସ ଭରିଦିଏ। ଆଇଫୋନ୍ ପାଇବା ମାତ୍ରେ ତାଙ୍କ ମଧ୍ୟରେ ଏତେ ଆତ୍ମବିଶ୍ୱାସ ବଢ଼ିଯାଇଛି ଯେ, ସେ ଏଭଳି ଫୋନ୍ ନ ଥିବା ନିଜ ବନ୍ଧୁ ଏବଂ ସହକର୍ମୀଙ୍କୁ ଦୁର୍ବ୍ୟବହାର କରିବାକୁ ପଛେଇନାହାନ୍ତି। ଆଇଫୋନ୍ ତାଙ୍କ ପାଇଁ ନୂଆ ପରିଚୟ ସୃଷ୍ଟିକଲା ଓ ତାହାକୁ ବ୍ୟବହାର କରି ସେ ଅଧିକ ଶକ୍ତି ହାସଲ କଲେ। ବାସ୍ତବରେ ଶକ୍ତି ଏହିପରି ଏକ ତତ୍ତ୍ୱ ଯାହାକୁ ଅନ୍ୟଠୁ ଅଣାଯାଇପାରିବ (ପରିଚୟ ମାଧ୍ୟମରେ) ଏବଂ ବଢ଼ାଯାଇପାରିବ (ଅପବ୍ୟବହାର ମାଧ୍ୟମରେ)। ଶକ୍ତି ଖାଦ୍ୟ ପରି ଦିଆଯାଇପାରେ, ନିଆଯାଇପାରେ ଏବଂ ଗ୍ରହଣ କରାଯାଇପାରେ।

ହିନ୍ଦୁ ପୁରାଣରେ ଶକ୍ତିଦେବୀଙ୍କ ଦ୍ୱାରା ଶକ୍ତିର ସୃଷ୍ଟି ହୋଇଛି। ସେହି ଶକ୍ତିଦେବୀ ଦୁର୍ଗା ନାମରେ ପରିଚିତ। କିନ୍ତୁ ଜଣେ ପ୍ରକୃତ ଗବେଷକଙ୍କ ଦୃଷ୍ଟିରେ ଶକ୍ତି ଦୁର୍ଗାଠାରୁ ଭିନ୍ନ। ପ୍ରତ୍ୟେକ ଦେବତାଙ୍କ ଭିତରେ ଶକ୍ତି ଅଛି। ଯେତେବେଳେ ଦେବତାମାନେ ସେମାନଙ୍କର ଭିତର ଥିବା ଶକ୍ତିକୁ ପ୍ରକାଶ କରନ୍ତି ସେତେବେଳେ ବାହାର ଜଗତରେ ଦୁର୍ଗା ସୃଷ୍ଟି ହୁଅନ୍ତି। ଅନ୍ୟ ଅର୍ଥରେ, ଶକ୍ତି ହେଉଛି କ୍ଷମତା ଯାହା ଆମ ଭିତରେ ଅଛି। ତାହା ହେଉଛି ଆମର ଅନ୍ତର୍ନିହିତ ଆତ୍ମବିଶ୍ୱାସ। ଦୁର୍ଗା ହେଉଛନ୍ତି ଶକ୍ତି ଯାହା ଆମ ବାହାରେ ଅଛନ୍ତି। ସେହି ଶକ୍ତି ପ୍ରଶଂସା, ସ୍ୱୀକୃତି, ସମ୍ମାନ, ସ୍ଥିତି, ପରିଚୟ, ଉପକରଣ ଏବଂ ଅସ୍ତ୍ର ଆକାରରେ ଆମ ନିକଟକୁ ଆସେ। ଅନ୍ତର୍ନିହିତ ଶକ୍ତି ଖୋଜିବା କଷ୍ଟସାଧ୍ୟ ହୋଇଥିବାରୁ ଆମେ ବାହ୍ୟ ଦୁର୍ଗାଙ୍କ ଠାରୁ ଏହା ପାଇବାକୁ ଆଶା କରିଥାଉ।

ଭାଷା ହେଉଛି ଦୁର୍ଗା(ବାହ୍ୟ ଶକ୍ତି)ଙ୍କର ଏକ ଶକ୍ତିଶାଳୀ ଉତ୍ସ। ଯେତେବେଳେ ଜଣେ ଆମର ପ୍ରଶଂସା କରିଥାନ୍ତି ସେତେବେଳେ ଆମେ ଶକ୍ତି ଅନୁଭବ କରିଥାଉ। ଜଣେ ଆମକୁ ନିନ୍ଦା ବା ଅପମାନ କଲେ ଆମେ ଶକ୍ତିହୀନ ମନେକରୁ। କେହି ଆମକୁ ପ୍ରଶଂସାକଲେ ଆମେ ନିଜକୁ ଗୁରୁତ୍ୱପୂର୍ଣ୍ଣ ଭାବୁ ଏବଂ ଅପମାନିତ କଲେ ଆମର ଗୁରୁତ୍ୱ ନ ଥିବା ଅନୁଭବ କରୁ। ତେଣୁ ଆମେ ପ୍ରଶଂସକଙ୍କଠାରୁ ପ୍ରେରଣା ପାଇବାକୁ ଇଚ୍ଛା କରୁ ଏବଂ ଯେଉଁମାନେ ଆମକୁ ସମାଲୋଚନା କରନ୍ତି ସେମାନଙ୍କଠାରୁ ଦୂରେଇ ରହୁ। ରାଜନେତାମାନେ ଏହାକୁ ଭଲ ଭାବରେ ବୁଝିଥାନ୍ତି। ଭାଷାର ଶକ୍ତି ବ୍ୟବହାର କରି ସେମାନେ ଲୋକମାନଙ୍କୁ ଭଲ କାମ କରିବାକୁ ପ୍ରେରଣା ଦେଇପାରନ୍ତି କିମ୍ବା ରାଜନୈତିକ ଗଡ଼ ଭାଙ୍ଗିବା ପାଇଁ ଜନଗହଳି ସୃଷ୍ଟି କରିପାରନ୍ତି। ବିରୋଧୀଙ୍କ ଶକ୍ତି କମ୍ କରିବା ପାଇଁ ସେମାନେ ମର୍ଯ୍ୟାଦା କ୍ଷୁଣ୍ଣ କରୁଥିବା ଶବ୍ଦ ବ୍ୟବହାର କରନ୍ତି। ଅନ୍ୟମାନଙ୍କର ଆତ୍ମ-ମୂଲ୍ୟବୋଧ ଏବଂ ଆତ୍ମବିଶ୍ୱାସକୁ ନଷ୍ଟ କରି ଜଣେ ରାଜନେତା ରାକ୍ଷସ ପରି ଶକ୍ତି ଧାରଣ କରିଥାନ୍ତି।



ଏକ ହିନ୍ଦୁ ରୀତିନୀତିରେ ଦେବତାଙ୍କୁ ପୂଜା କରାଯିବା ପୂର୍ବରୁ ଘଣ୍ଟିଠାରୁ ଆରମ୍ଭକରି ହାଣ୍ଡି, ପାତ୍ର, ପାତ୍ରୀ ପର୍ଯ୍ୟନ୍ତ ବ୍ୟବହୃତ ପ୍ରତ୍ୟେକ ଜିନିଷକୁ ସମ୍ମାନ ଦିଆଯାଏ। ଅନ୍ୟ ଅର୍ଥରେ ପ୍ରତ୍ୟେକ ବସ୍ତୁରେ ଶକ୍ତି ଥିବାରୁ ସେଗୁଡ଼ିକୁ ହେଉଛନ୍ତି ତଥାକଥିତ ଦୁର୍ଗା। ଫୁଲ, ଚନ୍ଦନ ଏବଂ ମନ୍ତ୍ର ଓ ଶ୍ରଦ୍ଧା ଭାବ ଦ୍ୱାରା ସେହି ଶକ୍ତିକୁ ପ୍ରକାଶ କରାଯାଇଥାଏ। ସେହିଭଳି କୌଣସି ଏକ କମ୍ପାନୀର ବରିଷ୍ଠ ଓ ମାଲିକ ସମ୍ମାନର ଯୋଗ୍ୟ ନୁହନ୍ତି ବରଂ କମ୍ପାନୀରେ ଥିବା ପ୍ରତ୍ୟେକ ବ୍ୟକ୍ତି - କର୍ମଚାରୀ, ଅଂଶୀଦାର, ବିକ୍ରେତା ଏବଂ ସହାୟକ କର୍ମଚାରୀମାନେ ସମ୍ମାନ ଚାହିଁଥାଆନ୍ତି। କିନ୍ତୁ ଏବେ ମନ୍ଦିର ରୀତିନୀତି ଭଳି ସଙ୍ଗଠନଗୁଡ଼ିକରେ, ଶକ୍ତି ମୁଖ୍ୟତଃ ଶକ୍ତିଶାଳୀ (ସିନିୟର)ଙ୍କ ଠାରୁ ଶକ୍ତିହୀନ (ଜୁନିୟର)ଙ୍କ ଆଡ଼କୁ ଗତି କରୁଥିବାର ଦେଖାଯାଏ, ଯାହା ଅଯୁକ୍ତିକର ମନେହୁଏ। ଯେଉଁମାନେ ଶକ୍ତି ଓ ପଦବୀ ପାଇଛନ୍ତି ସେମାନେ ସଂସ୍ଥାର ଅବଶିଷ୍ଟଙ୍କୁ ସଶକ୍ତ କରିବା ପରିବର୍ତ୍ତେ ଅଧିକ ଶକ୍ତି ପାଇଁ ଆତୁର ହୁଅନ୍ତି ଏବଂ ସେମାନଙ୍କ ଦାସତ୍ୱ ଦାବି କରନ୍ତି।

ବରିଷ୍ଠ ଏବଂ ଶିକ୍ଷକମାନଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି। ତେବେ ଏଭଳି ବିଶ୍ୱାସର ଶକ୍ତି ସହ କିଛି ସମ୍ପର୍କ ରହିଛି କି? ଏଥିରୁ ବୁଝିହେଉଛି ଯେ, ଯଦି ତୁମେ ଜଣେ ବରିଷ୍ଠ ନୁହଁ, କୌଣସି କ୍ଷମତାଶାଳୀ ପଦବୀରେ ନାହଁ କିମ୍ବା ଜଣେ ଶିକ୍ଷକ ନୁହଁ, ତେବେ ସମ୍ମାନ ପାଇବାକୁ ଅଯୋଗ୍ୟ। ସମ୍ମାନ ସେହିମାନଙ୍କୁ ମିଳେ ଯେଉଁମାନେ ଅଧିକ ଜ୍ଞାନୀ, ଯେଉଁମାନଙ୍କର ଅଧିକ ସମ୍ପଦ ଓ ସାମାଜିକ ସ୍ଥିତି ରହିଛି। କ୍ଷମତା ବା ଶକ୍ତି ମଧ୍ୟ ଜାତି ଓ ପଦବୀ ଆଧାରରେ ଆବଣ୍ଟିତ। ସାମାଜିକ ସ୍ତରରେ ଉଚ୍ଚରେ ରହିଲେ ତୁମେ ଅଧିକ ଶକ୍ତି ପାଇଁ ଯୋଗ୍ୟ ହେବ; ଅଧିକ ଶକ୍ତି ଦାବି କରିବ, ଯାହା ଏକ ସାମନ୍ତବାଦୀ ଢାଞ୍ଚା ସୃଷ୍ଟିକରେ।

ଭାରତରେ ଲୋକେ କହନ୍ତି, ଯଦି ତୁମେ ଲୋକମାନଙ୍କ ପାଇଁ ଭଲ ତେବେ ସେମାନେ ଆପଣଙ୍କଠାରୁ ଲାଭ ଉଠାଇବେ। କାରଣ ସେମାନେ ଭାବନ୍ତି ଯେ ଆପଣ ଶକ୍ତିହୀନ। ଅନ୍ୟ ଅର୍ଥରେ ଖରାପ ଲୋକ ଭାବେ ଲୋକଙ୍କୁ ଦୁର୍ବ୍ୟବହାର କରିବା, ଅପମାନ ଦେବା ଶକ୍ତିର ସୂଚକ ଭାବରେ ଦେଖାଯାଏ। ଏହା ସାଧାରଣତଃ ଧନୀ, ଶକ୍ତିଶାଳୀ, ପ୍ରତିଷ୍ଠିତ ବ୍ୟକ୍ତମାନଙ୍କଠାରେ ଦେଖାଯାଏ। ସେଲିବ୍ରିଟି, ରାଜନେତା ଏବଂ ଆଭିଜାତ୍ୟ ବର୍ଗ ବିଶେଷକରି ସେବା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବାକୁ ଏକ ଅଧିକାର ବୋଲି ମନେକରନ୍ତି। ଏହା ହିଁ ସେମାନଙ୍କର ସ୍ଥିତିକୁ ପ୍ରତିପାଦିତ କରେ। ଯେତେବେଳେ ଆମେ ବିଶ୍ୱାସ କରୁ ଯେ ଅସମ୍ମାନ କରି ଶକ୍ତି ଧାରଣ କରାଯାଇପାରିବ ସେତେବେଳେ ପରିଚିତି କିମ୍ବା ସ୍ଥିତିରେ ସନ୍ତୁଷ୍ଟ ହୋଇପାରୁ ନାହୁଁ। ନିଜକୁ ଶକ୍ତିଶାଳୀ ହେବା ଲାଗି ସ୍ଥିତି ନ ଥିବା ଲୋକମାନଙ୍କୁ ଦୁର୍ବ୍ୟବହାର କରିବା ଆବଶ୍ୟକ ବୋଲି ଭାବୁ।

ଲୋକଙ୍କୁ ନୀଚ ଭାବେ ଦେଖୁଥିବା ଅଶିଷ୍ଟ ଏବଂ ଖରାପ ବ୍ୟକ୍ତିମାନେ କିଭଳି ହଠାତ୍ ସେଲିବ୍ରିଟି ପାଲଟିଛନ୍ତି ତାହା ଆମେ ଟେଲିଭିଜନରୁ ଦେଖିବାକୁ ପାଉ। ସେମାନେ ଭଲ ପାଇଁ ଲଢ଼େଇ କରୁଛନ୍ତି, ସେମାନେ ପୀଡ଼ିତ-ଏହି ପୃଷ୍ଠଭୂମିକୁ ଆଧାରକରି ସେମାନଙ୍କ ଅସଭ୍ୟତାକୁ ଯୁକ୍ତିଯୁକ୍ତ ମନେକରନ୍ତି। ସେମାନେ ଭାବନ୍ତି, ଏପରି ଅଭଦ୍ରାମିରେ ବୀରତ୍ୱ ଅଛି। ଏହିପରି ଭାବେ ଆମେ ଧାର୍ମିକମାନଙ୍କୁ ବି ଅଭଦ୍ର ବ୍ୟବହାର କରିବାକୁ ଅନୁମତି ଦେଇଛୁ। ତେଣୁ ପୋଲିସ ଅପରାଧୀଙ୍କୁ ଅସଦାଚରଣ କରିବା, ତାଙ୍କୁ ମାନବିକତାରୁ ବଞ୍ଚିତ କରିବା ସେମାନଙ୍କ ଅଧିକାର ବୋଲି ଭାବନ୍ତି। ଶାନ୍ତ କିମ୍ବା ଭଦ୍ର ହେବାକୁ ଏକ ବୋଝ ଭାବେ ବିଚାରକରୁ , ଏହାକୁ ତ୍ୟାଗ ଭାବେ ଦେଖାଯାଏ। ଏଣୁ ଏଥିରେ କିଛି କ୍ଷତି ହେଉ ନ ଥିବାରୁ ଦୁର୍ଗା ଏସବୁ ଆମକୁ ଦେବାରେ ଏତେ କୃପଣତା କାହିଁକି।

ଶକ୍ତିହୀନ ଜୁନିୟର ଅଫିସର କିଛି ଗୋପନୀୟ ବିଷୟରେ ତାଙ୍କ ସିନିୟରମାନଙ୍କ ବିଷୟରେ ଆଲୋଚନା କରି ଶକ୍ତିଶାଳୀ ହୋଇଥାନ୍ତି। ଏବେ ଅସାମାଜିକ ବ୍ୟକ୍ତିମାନେ ନାମ ଓ ପରିଚୟ ଲୁକ୍କାୟିତ ରଖି ସୋସିଆଲ ମିଡିଆରେ କ୍ଷମତାରେ ଥିବା ଲୋକଙ୍କୁ ଦୁର୍ବ୍ୟବହାର କରି ନିଜକୁ ଶକ୍ତିଶାଳୀ ମଣୁଛନ୍ତି। ସମ୍ମାନର ସହ ସାରା ଜଗତକୁ ଶକ୍ତି ପ୍ରଦାନ କରୁଥିବା ଦେବତା ସୂର୍ଯ୍ୟ ଭଳି ହେବା ପରିବର୍ତ୍ତେ ଆମେ ଲୋକମାନଙ୍କୁ ଖଳ ବ୍ଲାକ୍‌ହୋଲ୍ ହେବାକୁ ଉତ୍ସାହିତ କରୁଛୁ, ଯେଉଁମାନେ ଅସଭ୍ୟ ଭାବେ ଚର୍ତୁର୍ଦ୍ଦିଗରେ ଥିବା ସମସ୍ତଙ୍କଠାରୁ ଶକ୍ତି ନିଅନ୍ତି ଏବଂ ଆତ୍ମସନ୍ତୁଷ୍ଟି ଲାଭ କରିଥାନ୍ତି।

-devduttofficial@gmail.com

# ବ୍ୟକ୍ତିତ୍ୱର ଆକର୍ଷଣ



ମୀରା ବେଉରା

କେତେ ଘାତ ପ୍ରତିଘାତ ପଥ ଦେଇ ସାଧାରଣ ମଣିଷଟିଏ ଗୋଟିଏ ସଂଘର୍ଷପୂର୍ଣ୍ଣ ଜୀବନ ଜିଇଁବା ପରେ ତା'ର ପରିଚୟ ତିଆରି କରିଥାଏ। ସାଧାରଣତଃ ସମସ୍ତଙ୍କର ଧାରଣା ଯେ ପୋଷାକ ଆମ ସମସ୍ତଙ୍କର ପରିଚୟ। ବେଳେ ବେଳେ ଦେଖାଯାଏ ପୋଷାକ ବା ପଦପଦବୀ ମଣିଷକୁ ତା'ର ପ୍ରକୃତ ପରିଚୟ ଦିଏ ନାହିଁ। କେବଳ ବାହ୍ୟ ପୋଷାକ ପରିଚ୍ଛଦକୁ ବଦଳାଇ କେହି କେବେ ବଡ଼ମଣିଷ ବା ଉଦାର ମଣିଷ ହୋଇଯାଏ ନାହିଁ। ତା'ର ଆନ୍ତରିକ ବ୍ୟବହାର, ଚାଲିଚଳନ ତାକୁ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ଦିଏ। ଯଦି ଦେଖିବା ସମାଜରେ ଏମିତି ଅନେକ ମଣିଷ ଅଛନ୍ତି ଯେଉଁମାନେ ଉପରେ ଯଦିଓ ଶୋଭନୀୟ ଗେରୁଆ ପୋଷାକ ପିନ୍ଧି, ଚନ୍ଦନ ତିଳକ ମଥାରେ ଲଗାଇ ମୁହଁରେ ବେଦମନ୍ତ୍ର ଉଚ୍ଚାରଣ କରନ୍ତି ; ଭିତରେ କିନ୍ତୁ ସାଧାରଣ ମଣିଷର ଅସହାୟ ମାନସିକତା ପଣିଆକୁ ଅତି ନିଷ୍ଠୁର ଭାବେ ଲୁଟିବାକୁ ପଛାନ୍ତି ନାହିଁ। ସେହିଥିପାଇଁ କବିସୂର୍ଯ୍ୟ ବଳଦେବ ରଥ ଲେଖିଥିଲେ, 'ଦେହେ ମନ୍ଦାକିନୀ ରଜ ଲଗାଇ, ଗ୍ରାମ ଶୂକର କି ହୋଇବ ଗାଈ'। ଖନା ବଚନରେ ମଧ୍ୟ ଉଲ୍ଲେଖ ରହିଛି, 'ମଧୁର ବଚନ ତିଳକ ସରୁ, ଏସବୁ ଅଟନ୍ତି ଠକଙ୍କ ଗୁରୁ'।

ଆମ ଭିତରେ ଏମିତି ଲୋକ ଅଛନ୍ତି ଦେଖିବାକୁ ସୁନ୍ଦର ନ ହେଲେ ବି ନିଜର ଆକର୍ଷଣୀୟ ଗୁଣ ବ୍ୟବହାର ଦ୍ୱାରା ସେମାନେ ସମସ୍ତଙ୍କୁ ଆପଣାର କରି ଇତିହାସରେ ଅମର ହୋଇଛନ୍ତି। ବେଳେ ବେଳେ ଏମିତି ବି ଦେଖାଯାଏ ଅନେକ ସୁନ୍ଦର ମଣିଷ ନିଜର କୁତ୍ସିତ ବ୍ୟବହାର ଦ୍ୱାରା ଅନ୍ୟ ଉପରେ ଅହଂକାରଜନିତ ଅଧିକାର ଜାହିରକରି ଅନ୍ୟକୁ ବାରମ୍ବାର ଅପମାନ ଦେଇ ପଦପଦବୀର ଗର୍ବରେ ନିଜକୁ ଅସୁନ୍ଦର ଓ କୁତ୍ସିତ କରି ଦେଇଥାନ୍ତି। ଇତିହାସ, ପୁରାଣରେ ଆମେ ଦେଖିବାକୁ ପାଇଥାଉ ଯେ ରାବଣ, କଂସ, ଦୁର୍ଯ୍ୟୋଧନ ଯଦିଓ ରାଜା ହୋଇ ହୀରାଲୀଳା ଖଚିତ ରାଜପୋଷାକ ପରିଧାନ କରିଥିଲେ, ତେବେ ଅହଂକାରପୂର୍ଣ୍ଣ ବ୍ୟକ୍ତିତ୍ୱ ହିଁ ତାଙ୍କ ପତନର କାରଣ ହୋଇଥିଲା। କିନ୍ତୁ ପ୍ରଭୁ ରାମଚନ୍ଦ୍ର ବନବାସୀ ହୋଇଥିଲେ ମଧ୍ୟ ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ସେଦିନ ବଣରେ ଋଷିମୁନିମାନଙ୍କୁ ଆକର୍ଷିତ କରିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ, ମଦର ଟେରେସା, ଗୋପବନ୍ଧୁ, ରମାଦେବୀ ନିଜର ଅସାଧାରଣ ବ୍ୟକ୍ତିତ୍ୱ ଦ୍ୱାରା ସମଗ୍ର ବିଶ୍ୱକୁ ଚମକାଇ ଦେଇଥିଲେ। ଥରେ ଗାନ୍ଧିଜୀ ଜଣେ ଇଂରେଜ ଶାସକଙ୍କ ପାଖରୁ ନିମନ୍ତ୍ରଣ ପାଇ ତାଙ୍କ ନିକଟକୁ ଧୋତି ପିନ୍ଧି ଯାଇଥିଲେ। କିନ୍ତୁ ଦ୍ୱାରପାଳ ତାଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଲା ନାହିଁ। ଏହାପରେ ଗାନ୍ଧିଜୀ ନିଜର କୋଟ୍, ସୁଟ୍ ଓ ଟାଇକୁ ଅତି ସୁନ୍ଦର ଭାବରେ ଭାଙ୍ଗି ସେହି ଲାଟ୍ ସାହେବଙ୍କ ନିକଟକୁ ପଠାଇ ଦେଇଥିଲେ। ପରେ ଯେତେବେଳେ ଲାଟ୍ ସାହେବ ସବୁ ଜାଣିଲେ, ସେତେବେଳେ ସେ ଖୁବ୍ ଲଜ୍ଜିତ ହୋଇ ଗାନ୍ଧିଜୀଙ୍କୁ ସମ୍ମାନର ସହ ପାଛୋଟି ନେଇଥିଲେ। ସେଦିନ ଗାନ୍ଧୀ ପ୍ରମାଣକରି ଦେଇଥିଲେ ଯେ ଶୁଦ୍ଧ ଆଚରଣ, ବ୍ୟବହାର, ଅନ୍ତରର ସୁନ୍ଦରତା, ସତ୍ୟ, ଅହିଂସା, ପ୍ରେମ, ସ୍ନେହ, ସାଧାରଣ ମଣିଷଟିକୁ ମଧ୍ୟ ବିରାଟ ବ୍ୟକ୍ତିତ୍ୱରେ ପରିଣତ କରିଦେଇଥାଏ।

ସେହିଭଳି ଅବର୍ଣ୍ଣନୀୟ ବ୍ୟକ୍ତିତ୍ୱ ଥିଲେ ଗୋରା କଳା ଭେଦଭାବର ଉଚ୍ଛେଦକାରୀ ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍ ଓ ରୁଜ୍ ଭେଲ୍‌ଟ। ଥରେ ଲିଙ୍କନ୍ ଜାହାଜରେ ଯାତ୍ରା କରିବାକୁ ଯାଇ ଦେଖିଲେ ଯେ ସମଗ୍ର ଜାହାଜଟି ଯାତ୍ରୀରେ ପରିପୂର୍ଣ୍ଣ। ଶୋଇବାକୁ ଜାଗାଟିଏ ନାହିଁ। ତେଣୁ ସେ ଷ୍ଟୋର ରୁମ୍‌ରେ ଲୁଗାଟିଏ ବିଛାଇ ଓ ତକିଆ କରି ଶୋଇପଡ଼ିଲେ। ଏହା ଦେଖି ବହୁ ଲୋକ ସେଦିନ ଲିଙ୍କନ୍‌ଙ୍କୁ ସାହାଯ୍ୟ କରିବାକୁ ଧାଇଁ ଆସିଥିଲେ। ଏହାର କାରଣ ଥିଲା ଲିଙ୍କନ୍‌ଙ୍କର ଭଲ ପାଇବା ଏବଂ ବଦାନ୍ୟତା। ନିଜ ଉପରେ ଯାହାଙ୍କର ଯେତେ ବେଶି ଆଧିପତ୍ୟ, କର୍ତ୍ତବ୍ୟର ଆହ୍ୱାନରେ ସର୍ବାଗ୍ରେ ଯିଏ ବିପଦ ସମ୍ମୁଖରେ ଠିଆହେବାରେ ଅଭ୍ୟସ୍ତ, ଯିଏ ଯେତେ ଉଦାର, ନିଃସ୍ୱାର୍ଥ, ସେବା ପରାୟଣ, ନିର୍ଭୀକ ; ବାସ୍ତବରେ ସେ ସେତିକି ସୁନ୍ଦର ଭାବରେ ଅନ୍ୟମାନଙ୍କୁ ଅନୁପ୍ରାଣିତ ଓ ଆକର୍ଷିତ କରିବାରେ ସମର୍ଥ ହୋଇପାରିଥାନ୍ତି- ଯାହାକୁ ସେଦିନ ଲିଙ୍କନ୍ ପ୍ରମାଣ କରିଦେଇଥିଲେ। ଏଭଳି ବ୍ୟକ୍ତିମାନଙ୍କର ନା ଥାଏ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ; ନା ଥାଏ ଅପର୍ଯ୍ୟାପ୍ତ ଧନସମ୍ପତ୍ତି ; ଅଧିକନ୍ତୁ ରହିଥାଏ କେବଳ ଗୋଟିଏ ସୁନ୍ଦର ବ୍ୟକ୍ତିତ୍ୱ। ସେହି ବ୍ୟକ୍ତିତ୍ୱ ବଳରେ ନିଜର ଦକ୍ଷତାନୁଯାୟୀ ସେମାନେ ସବୁବେଳେ ସଫଳତାର ପର୍ବତ ଆରୋହଣ କରିବାକୁ କ୍ଷମ ହୋଇଥାନ୍ତି।

**ରଘୁନାଥ ଜୀଉ ମହାବିଦ୍ୟାଳୟ**
**ଦେଉଳ ସାହି, କଟକ**
**ମୋ- ୯୮୫୩୩୫୦୩୮୪**

## ଏଇ ଭାରତରେ

୩୫ ଝିଅଙ୍କ ପିତା ଜଣେ। ଏକଥା ବିଶ୍ୱାସ ହେଉ ନ ଥିଲେ ବି ସତ। ଝାଡ଼ଖଣ୍ଡର ଦେଓଗଡ଼ ନିବାସୀ ୬୬ ବର୍ଷୀୟ ହରେରାମ ପାଣ୍ଡେ ହେଉଛନ୍ତି ସେହି ପିତା, ଯିଏ ୩୫ ଝିଅଙ୍କୁ ଲାଳନପାଳନ କରି ବଢ଼ାଉଛନ୍ତି। ସମସ୍ତେ ତାଙ୍କୁ ବାବା(ବାପା) ଡାକୁଛନ୍ତି। ମାତାପିତା ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ଜନ୍ମ ପରେ ଝିଅମାନଙ୍କୁ ଜଙ୍ଗଲ ଓ ଟ୍ରେନ୍‌ରେ ଛାଡ଼ି ଚାଲିଯିବା ପରେ ସେମାନଙ୍କୁ ପାଣ୍ଡେ ଉଦ୍ଧାର କରିଛନ୍ତି। ସେ ନାରାୟଣ ସେବା ଆଶ୍ରମ ଗଠନ କରି ସେଠାରେ ଏମାନଙ୍କୁ ରଖିଛନ୍ତି। ସେ ପ୍ରଥମେ ତାପସୀ ନାମ୍ନୀ ଝିଅକୁ ଉଦ୍ଧାର କରିଥିଲେ। ତାକୁ ୨୧ ଦିନ ବ୍ୟାପୀ ଚିକିତ୍ସା ପରେ ସୁସ୍ଥ କରି ଘରକୁ ଆଣିଥିଲେ। ଏବେ ସେହି ଝିଅର ବୟସ ୧୯ । ତାପସୀର ଜନ୍ମଦିନରେ ସେ ଖୁସିଙ୍କୁ ଉଦ୍ଧାର କରିବା ପରେ ସେବାଶ୍ରମ ଗଠନ କରିଥିଲେ। ପାଣ୍ଡେ ଓ ତାଙ୍କ ସ୍ତ୍ରୀ ଏହି ଝିଅମାନଙ୍କ ଯତ୍ନ ନେଉଛନ୍ତି। ଦେଓଗଡ଼ ପୋଲିସ କିମ୍ବା ରେଲ୍‌ୱେ କର୍ମଚାରୀମାନେ କୌଣସି ପରିତ୍ୟକ୍ତ ସ୍ଥାନରେ ଝିଅଟିଏ ଦେଖିଲେ ତୁରନ୍ତ ପାଣ୍ଡେଙ୍କୁ ଖବର ଦେଉଛନ୍ତି। ପାଣ୍ଡେ ଏବେ ୩୫ ଝିଅଙ୍କ ସହ ୪୦ ସଦସ୍ୟ ବିଶିଷ୍ଟ ପରିବାର ପ୍ରତିପୋଷଣ କରୁଛନ୍ତି। ମାସକୁ ପାଖାପାଖି ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନେକ ଝିଅଙ୍କୁ ସେ ଡିଏଭିରେ ନାମ ଲେଖାଇଛନ୍ତି। ଅନୁଦାନ ଓ ସ୍ୱରୋଜଗାରରେ ସେ ଆଶ୍ରମକୁ ଚଳାଉଥିଲେ ବି ଅର୍ଥାଭାବ ଦେଖାଯାଉଛି। ତଥାପି ଅବିଚଳିତ ଭାବେ ତାଙ୍କ ବଡ଼ ପରିବାରକୁ ଚଳାଇବାରେ ଅବହେଳା କରିନାହାନ୍ତି ପାଣ୍ଡେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଅକ୍ଟୋବର ୧୯୯୮**

- ଆନ୍ଧ୍ରପ୍ରଦେଶ ଓ କର୍ନାଟକ ରାଜ୍ୟରେ ଘଟିଯାଇଥିବା ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏହି ଦୁଇଟି ରାଜ୍ୟକୁ ଯଥାକ୍ରମେ ୨୦୦ କୋଟି ଓ ୫୦ କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା।
- ପାକିସ୍ତାନ କ୍ରିକେଟରେ ବେଟିଂ ଓ ମ୍ୟାଚ୍ ଫିକ୍ସିଂରେ ତଦନ୍ତ କରୁଥିବା ଗାୟୁମ ମଲିକ କମିଶନ ସମ୍ମୁଖରେ ହାଜର ହୋଇ ପୂର୍ବତନ ଅଧିନାୟକ ରଶିଦ ଲତିଫଙ୍କ ଗୁପ୍ତ ତଥ୍ୟପୂର୍ଣ୍ଣ ଏକ ଭିଡିଓ କ୍ୟାସେଟ ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | | | | 9 | 5 |
| | | 6 | 5 | | | | | |
| | | | | | 3 | 6 | 4 | |
| | | | | 9 | | 7 | | |
| | | | | | | | | 4 |
| 5 | | | 8 | | | | | |
| 7 | 2 | | | | | 4 | | 1 |
| | 1 | | | 6 | | | | |
| 4 | | | | 3 | | 8 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 5 | 9 | 1 | 7 | 8 | 3 |
| 9 | 7 | 8 | 2 | 3 | 4 | 5 | 1 | 6 |
| 3 | 1 | 5 | 6 | 8 | 7 | 2 | 4 | 9 |
| 4 | 8 | 9 | 3 | 2 | 6 | 1 | 5 | 7 |
| 5 | 3 | 7 | 1 | 4 | 8 | 6 | 9 | 2 |
| 1 | 2 | 6 | 7 | 5 | 9 | 4 | 3 | 8 |
| 2 | 6 | 3 | 8 | 1 | 5 | 9 | 7 | 4 |
| 8 | 9 | 1 | 4 | 7 | 2 | 3 | 6 | 5 |
| 7 | 5 | 4 | 9 | 6 | 3 | 8 | 2 | 1 |

ଗତକାଲିର ଉତ୍ତର

# କାହା ପାଇଁ ଯୁଦ୍ଧ



ଲଳିତେନ୍ଦୁ ପଲାଉରୀ

ଋଷିଆ-ୟୁକ୍ରେନ ଯୁଦ୍ଧ ସହ ତାଳଦେଇ ମଧ୍ୟପ୍ରାଚ୍ୟର ରାଷ୍ଟ୍ର ଇସ୍ରାଏଲ୍ ଓ ହମାସ ମଧ୍ୟରେ ଚାଲିଛି ଆଉ ଏକ ଭୟଙ୍କର ଲଢ଼େଇ। ତେବେ ପ୍ରଶ୍ନ ଆସୁଛି- ଏ ଯୁଦ୍ଧ କାହା ପାଇଁ ଆଉ କ'ଣ ପାଇଁ ହେଉଛି ? ମାନବବାଦ ଓ ବିଶ୍ୱ ଭ୍ରାତୃର ପରିପନ୍ଥୀ ଏହି ଯୁଦ୍ଧର ଭୟାବହତା ପୂର୍ବରୁ ୨ଟି ବିଶ୍ୱଯୁଦ୍ଧ ମାଧ୍ୟମରେ ବିଶ୍ୱବାସୀ ଅନୁଭବ କରିସାରିଥିବା ବେଳେ ପୁଣି କାହିଁକି ଯୁଦ୍ଧ ରଚାଯାଉଛି। ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ସୂତ୍ରପାତ ହୋଇଛି ଏହା ଇତିହାସକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ପାଲେଷ୍ଟାଇନ୍, ହମାସ୍ ଆତଙ୍କୀ ସଙ୍ଗଠନ ଓ ଇସ୍ରାଏଲ୍ ମଧ୍ୟରେ ଏଭଳି ଯୁଦ୍ଧ ୧୦୦ବର୍ଷ ପୁରୁଣା ବୋଲି କୁହାଯାଉଥିବା ବେଳେ ଇତିହାସକାରମାନେ ଏହାକୁ ୧୦୦୦ବର୍ଷ ତଳ ସଂଘର୍ଷର ସୂତ୍ରପାତ ବୋଲି କହୁଛନ୍ତି। ଜେରୁଜେଲମର ୩୫ ଏକର ଅଞ୍ଚଳକୁ ନେଇ ଏହି ଯୁଦ୍ଧ ଲଢ଼ାଯାଉଛି। ୧୯୪୮ରେ ଇସ୍ରାଏଲ୍‌କୁ ରାଷ୍ଟ୍ରର ମାନ୍ୟତା ମିଳିବା ପରେ ୭ଥର ଉଭୟ ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଏଭଳି ଯୁଦ୍ଧ ସଂଘଟିତ ହୋଇସାରିଲାଣି। ତେବେ ଜେରୁଜେଲମର ୩୫ ଏକର ବିବାଦୀୟ ସ୍ଥାନ ବର୍ତ୍ତମାନ ଜାତିସଂଘର ନିୟନ୍ତ୍ରଣାଧୀନରେ ରହିଥିବା ବେଳେ ଉକ୍ତ ପବିତ୍ର ସ୍ଥାନର ସମ୍ପର୍କ ୩ଟି ଧର୍ମ ସହ ରହିଥିବା ଦାବି କରାଯାଉଛି। ଏହାକୁ ନେଇ ମଧ୍ୟ ବିବାଦ ହେଉଛି। ଜେରୁଜେଲମର ଏହି ପବିତ୍ର ସ୍ଥାନକୁ ଇହୁଦୀମାନେ ହର ଇବାୟିୟତ ବା ଟେମ୍ପଲ ମାଉଣ୍ଟ କହୁଥିବା ବେଳେ ମୁସଲମାନ ସେମାନଙ୍କ ପବିତ୍ରସ୍ଥଳ ହରମ୍-ଅଲ୍-ସରିଫ୍ ବୋଲି କହୁଛନ୍ତି। ମୁସଲମାନଙ୍କ ବିଶ୍ୱାସ ସେମାନଙ୍କ ପବିତ୍ର ଧର୍ମସ୍ଥଳ ମକ୍କା ଓ ମଦିନା ପରେ ଏହି ହରମ୍-ଅଲ୍-ସରିଫ୍ ହେଉଛି ତୃତୀୟ ପବିତ୍ର ସ୍ଥାନ। ସେମାନଙ୍କ ବିଶ୍ୱାସ ପୈଗମ୍ବର ମହମ୍ମଦ ମକ୍କା,ମଦିନାରୁ ଉଡ଼ନ୍ତା ଘୋଡ଼ାରେ ଆସି ଏହି ହରମ୍-ଅଲ୍-ସରିଫ୍‌ରେ ପାଦ ଥାପିଥିଲେ ଓ ସେଠାରେ ହିଁ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ଜେରୁଜେଲମରେ ଏହି ପବିତ୍ର ସ୍ଥାନରେ ଉକ୍ତ ମସ୍‌ଜିଦ ନିର୍ମାଣ ହୋଇଥିଲା। ଏଠାରେ ଥିବା ଡୋମ୍ ଅଫ୍ ସାଫ୍‌ରେ ଶେଷ ନିଃଶ୍ୱାସ ତ୍ୟାଗକରିଥିଲେ ପୈଗମ୍ବର ମହମ୍ମଦ। ତେବେ ଇହୁଦୀମାନଙ୍କ ବିଶ୍ୱାସ ଟେମ୍ପଲ ମାଉଣ୍ଟ ହେଉଛି ସେହି ପବିତ୍ର ସ୍ଥାନ ଯେଉଁଠି ସେମାନଙ୍କ ଈଶ୍ୱର ମାଟି ରଖିଥିଲେ,ଯେଉଁଠାରେ ପୃଥିବୀର ପ୍ରଥମ ମାନବ ଆଦାମ୍‌ଙ୍କର ଜନ୍ମ ହୋଇଥିଲା। ଏଭଳି ବିଶ୍ୱାସ ଓ ଦ୍ୱନ୍ଦ୍ୱକୁ ନେଇ ବାରମ୍ବାର ସଂଘର୍ଷ ଓ ରକ୍ତପାତ ମଧ୍ୟ ଘଟିଛି।

ତେବେ ୧୯୪୮ରୁ ଇସ୍ରାଏଲ୍‌ର ଆତ୍ମପ୍ରକାଶ ପରଠାରୁ ୱେଷ୍ଟବ୍ୟାଙ୍କ, ଗାଜା ଷ୍ଟ୍ରିପ୍ ଓ ଗେଲନ ହାଇଟ୍ସକୁ ନେଇ ଉଭୟ ଦେଶ ମଧ୍ୟରେ ଦୀର୍ଘଦିନର ବିବାଦ ଲାଗି ରହିଥିବାରୁ ମଝିରେ ମଝିରେ ଏଭଳି ବିବାଦର ସୂତ୍ରପାତ ହେଉଛି। ପାଲେଷ୍ଟାଇନ୍ ଏହି ୩ ଅଞ୍ଚଳ ସମେତ ପୂର୍ବ ଇସ୍ରାଏଲ୍ ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଆସୁଛି। ଅନ୍ୟପଟେ ଇସ୍ରାଏଲ ଜେରୁଜେଲମ ଉପରେ ନିଜର କର୍ତ୍ତୃତ୍ୱ ବଳବତ୍ତର ରଖିଛି। ଗାଜା ଷ୍ଟ୍ରିପ୍ ହେଉଛି ମିଶର ଓ ଇସ୍ରାଏଲ୍ ମଧ୍ୟସ୍ଥଳରେ ଥିବା ଏକ ସ୍ଥାନ, ଯାହାକି ପାଲେଷ୍ଟାଇନ୍ ସମର୍ଥିତ ହମାସ୍‌ମାନଙ୍କ କବ୍‌ଜାରେ ରହିଛି। ହମାସ୍ ନିଜକୁ ପାଲେଷ୍ଟିନୀୟ ମାନଙ୍କ ପ୍ରତିନିଧି କହି ଇସ୍ରାଏଲ୍‌କୁ ବିରୋଧକରି ଚାଲିଛି। ୨୦୦୫ରେ ଇସ୍ରାଏଲ୍ ଗାଜାରୁ ସୈନ୍ୟ ପ୍ରତ୍ୟାହର କରିବା ସହ ୨୦୦୭ରେ ଏହି ଅଞ୍ଚଳ ଉପରେ କିଛି ପ୍ରତିବନ୍ଧକ ଲଗାଇଛି। କିନ୍ତୁ ପାଲେଷ୍ଟାଇନ୍‌ର ଦାବି ୱେଷ୍ଟବ୍ୟାଙ୍କ ଓ ଗାଜା ଉପରେ ସ୍ୱତନ୍ତ୍ର ପାଲେଷ୍ଟ୍ରଇନ୍ ରାଷ୍ଟ୍ର ଗଠନ ହେଉ। ଏହାକୁ ବିରୋଧ କରୁଛି ଇସ୍ରାଏଲ୍। ୩୬୫ ବର୍ଗକି.ମି. ଅଞ୍ଚଳ ପରିମିତ ଗାଜା ୧୯୪୯ରେ ସ୍ୱତନ୍ତ୍ର ପରିଚୟ ପାଇଥିବା ବେଳେ ୨୦୨୦ ଜନସଂଖ୍ୟା ଆଧାର ରିପୋର୍ଟ କହୁଛି ଗାଜାର ଲୋକସଂଖ୍ୟା ହେଉଛନ୍ତି ୨୦.୫ ଲକ୍ଷ। ଅଧିକାଂଶ ଲୋକ ସିଆ ମୁସଲମାନ ଓ ଅହମ୍ମଦୀ ମୁସଲମାନ ସମ୍ପ୍ରଦାୟର। ଗାଜାର ୩ ପାର୍ଶ୍ୱରେ ଇସ୍ରାଏଲ ଓ ଗୋଟିଏ ପାର୍ଶ୍ୱ (ଦକ୍ଷିଣ)ରେ ରହିଛି ଇଜିପ୍ଟ। ୨୦୦୭ରୁ ଏହା ହମାସ୍ ଦ୍ୱାରା ନିୟନ୍ତ୍ରିତ । ୨୦୦୬ ପରେ ଏଠାରେ କୌଣସି ନିର୍ବାଚନ ହୋଇନାହିଁ। ହମାସ୍ ଏଠାରେ ପାଲେଷ୍ଟାଇନ୍ ରାଷ୍ଟ୍ର ଓ ପାଲେଷ୍ଟାଇନ୍ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା କହି ଆସୁଛି। ୧୯୧୮ରୁ ୧୯୪୮ ପର୍ଯ୍ୟନ୍ତ ବ୍ରିଟେନ୍ ଓ ୧୯୪୮ରୁ ୧୯୬୭ ପର୍ଯ୍ୟନ୍ତ ଇଜିପ୍ଟ ନିୟନ୍ତ୍ରଣରେ ଥିବା ଗାଜା ପୂର୍ବରୁ ଅଟୋମାନ ସାମ୍ରାଜ୍ୟର ଅଂଶ ଥିଲା। ୧୯୬୭ରେ ଇସ୍ରାଏଲ ଇଜିପ୍ଟଠାରୁ ଗାଜା ଷ୍ଟ୍ରିପ୍ ଓ ଜୋର୍ଡାନଠାରୁ ୱେଷ୍ଟବ୍ୟାଙ୍କକୁ ଅଧିକାର କରି ନେଇଥିଲା। ପରେ ଇସ୍ରାଏଲ ଗାଜା ଉପରୁ ନିୟନ୍ତ୍ରଣ ପ୍ରତ୍ୟାହାର କରିନେଇଥିଲା।



ତେଣୁ ଏଭଳି ଅନେକ ବାଦବିବାଦ, ଧର୍ମ ଓ ବିଶ୍ୱାସକୁ ନେଇ ଯୁଦ୍ଧ ହୋଇଆସୁଛି। ଅକ୍ଟୋବର ୭ରେ ଇସ୍ରାଏଲ୍‌ର ବିଭିନ୍ନ ସହରକୁ ଟାର୍ଗେଟକରି ହମାସ୍ ଆତଙ୍କବାଦୀମାନେ ଯେମିତି ୫ହଜାରରୁ ଅଧିକ ରକେଟ ମାଡ଼ କଲା ତାହା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏଭଳି ସ୍ଥିତିକୁ ଦେଖି ହମାସ୍‌କୁ ଗାଜା ଷ୍ଟ୍ରିପ୍‌ରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବାକୁ ଇସ୍ରାଏଲ୍ ଗାଜା ଉପରେ ଭୟଙ୍କର ଆକ୍ରମଣ କରିଚାଲିଛି। ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧକୁ ନେଇ ଏବେ ବିଶ୍ୱ ୨ଭାଗରେ ବିଭକ୍ତ ହୋଇ ସାରିଲାଣି। ଆମେରିକା ସିଧା ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ବେଳେ ଯୁଦ୍ଧପୋତ ,ଯୁଦ୍ଧ ବିମାନ ପଠାଇଛି। ଗାଜାଷ୍ଟ୍ରିପ୍‌କୁ ପୂରା ମାଟିରେ ମିଶାଇଦେବାକୁ ପଣ କରିଥିବା ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଭାରତ ଭଳି ପ୍ରମୁଖ ଦେଶରୁ ସମର୍ଥନ ମିଳିଛି। ଏହି ଲଢ଼େଇରେ ଉଭୟ ଦେଶର ଜନସାଧାରଣଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଗାଜାରେ ୨ଲକ୍ଷରୁ ଅଧିକ ଲୋକ ବେଘର ହୋଇଛନ୍ତି। ମୃତାହତଙ୍କ ସଂଖ୍ୟା ପ୍ରତିଦିନ ବଢୁଛି। ଜନବସତି, ମେଡିକାଲ,ବିଶ୍ୱବିଦ୍ୟାଳୟ ଉପରକୁ ମଧ୍ୟ ରକେଟ ଓ ବୋମାମାଡ଼ ହେଉଛି। ଅନେକ ସାଧାରଣ ଲୋକଙ୍କୁ ଅପହରଣକରି ବନ୍ଦୀକରି ରଖିଛନ୍ତି ହମାସ୍ ଆତଙ୍କବାଦୀ ମାନେ। ଲେବାନନ୍‌ର ହିଜବୁଲା ଆତଙ୍କବାଦୀ ସଙ୍ଗଠନ ହମାସ୍‌କୁ ସମର୍ଥନ ଜାରି ରଖି ଇସ୍ରାଏଲ୍ ଉପରେ ମୋର୍ଟାର ମାଡ଼ କରିଛି। ଯୁଦ୍ଧ ସମାଧାନ କ୍ଷେତ୍ରରେ ଜାତିସଂଘ ଭଳି ବିଶ୍ୱ ସଙ୍ଗଠନ ମଧ୍ୟ ଏକ ପ୍ରକାର ବିଫଳ ବୋଲି କୁହାଯାଉଛି। ପତିଆରା ଓ ପ୍ରଭୁତ୍ୱ ପାଇଁ ବିଶ୍ୱର ସଙ୍ଗଠିତ ହେଉଥିବା ଏଭଳି ଯୁଦ୍ଧ ପଛରେ କିଛି ଗୋଷ୍ଠୀ ବିଶ୍ୱକୁ ଗୋଳମାଳିଆ ସ୍ଥିତିରେ ରଖି ନିଜ ସ୍ୱାର୍ଥ ହାସଲ ପାଇଁ ବାରୁଦଗଦା ଭିତରକୁ ବିଶ୍ୱବାସୀଙ୍କୁ ଠେଲିଦେଇଛନ୍ତି,ଯାହାକି ସମସ୍ତଙ୍କ ପାଇଁ ସଙ୍କଟ ସ୍ଥିତି ଆଣିଦେଇଛି।

**ବାଲିପନ୍ତାଳ, ଅସ୍ତରଙ୍ଗ, ପୁରୀ**
**ମୋ-୯୭୭୮୬୯୭୦୩୬**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଗାଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ

ମହାଶୟ,

ବିନା ଫିଟ୍‌ନେସ୍ ଓ ଅନୁମତିରେ ମାଳମାଳ ଡିଜେ ଗାଡ଼ି ବୁଲିବା ସହିତ କାନଫଟା ଗର୍ଜନ କରି ଜନସାଧାରଣଙ୍କୁ ଅତିଷ୍ଠ କରିଚାଲିଛନ୍ତି। ଠିକ୍ ସେହିଭଳି ସଂଶୋଧିତ ମୋଟରଯାନ ଆଇନ ୨୦୧୯ର ନିୟମ ଉଲ୍ଲଂଘନ କରି ମାଲିକଙ୍କ ଦ୍ୱାରା ନିୟମ ବହିର୍ଭୂତ ଭାବେ ଗାଡ଼ିର ପରିବର୍ତ୍ତନ କରାଯାଉଥିଲେ ମଧ୍ୟ ସଂଶୋଧିତ ଆଇନର ଦଫା ୧୮୨ (ଏ) (୪) ଅନୁଯାୟୀ ଜରିମାନା ଆଦାୟ କରାଯାଉ ନ ଥିବାରୁ ଡିଜେ ଗାଡ଼ିସଂଖ୍ୟା ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ଶବ୍ଦକୁ ନେଇ କଟକଣା ରହିଥିଲେ ବି ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏନଭାଇରେନ୍‌ମେଣ୍ଟ ପ୍ରୋଟେକ୍ସନ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଡିଜେର ବିକଟାଳ ଶବ୍ଦ ପାଇଁ ଜଣଙ୍କ ପରେ ଜଣଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏପରିକି ଏହି ଶବ୍ଦରେ ଛୋଟ ପିଲାଙ୍କ ସମେତ ହୃଦ୍‌ରୋଗୀ, ବୃଦ୍ଧ-ବୃଦ୍ଧାମାନେ ଅତିଷ୍ଠ ହେଉଥିବାବେଳେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଶେଷକରି ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାନବାହନରେ ବିକଟାଳ ହର୍ନ ସହିତ ଡିଜେ ଗାଡ଼ିର ବିକଟାଳ ଶବ୍ଦ ଥରହର କରିଦେଉଛି। ଏଣୁ ଓଡ଼ିଶାରେ ଡିଜେ ଗାଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଆଇନ ମୁତାବକ ଜରିମାନା ଆଦାୟ କରାଗଲେ ଶବ୍ଦ ପ୍ରଦୂଷଣ ରୋକାଯାଇ ପାରିବ।

**-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହୁ
ବନ୍ଦ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହୁ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବଲ୍ଲଭ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- . ନାଟକ ଉତ୍ସବ ସପ୍ତରୂପମ୍, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ସାଧାରଣ ପ୍ରଶାସନ(ଜିଏ)ର ୪ ଏକର ଜମିକୁ ଜବରଦଖଲମୁକ୍ତ କରିଛି ବିଡିଏ। ତେବେ ବୁଧବାର ଏହି ଉଚ୍ଛେଦବେଳେ ଘଟଣାସ୍ଥଳରେ ଜବରଦଖଲକାରୀ ଓ ଏନଫୋର୍ସମେଣ୍ଟ ଟିମ୍ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଏନ୍‌ଫୋର୍ସମେଣ୍ଟ ଟିମ୍ ଉପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ଉଚ୍ଛେଦରେ ବ୍ୟବହୃତ ଜେସିବିର କାଚ ଭାଙ୍ଗିଯାଇଥିଲା। ଏହାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସର ହସ୍ତକ୍ଷେପ ପରେ ଉକ୍ତ ପ୍ଲଟଗୁଡିକରେ ରହିଥିବା ବେଆଇନ ଘରଗୁଡିକୁ ମାଟିରେ ମିଶାଇ ଦେଇଥିଲା ବିଡିଏ। ପ୍ଲଟ ନଂ.୪୫୯/୧୬୫୩, ୫୫୮/୧୯୮୮, ୫୫୮/୧୯୮୯, ୫୫୫, ୫୫୬, ୫୫୭, ୪୬୨, ୫୫୮, ୫୭୧, ୫୭୨, ୫୭୩, ୫୭୪, ୫୭୫, ୫୭୬ ଓ ୫୭୩/୧୯୫୧ରେ ଥିବା ୨ଟି ଛାତ ଘର, ୧୨ଟି ଆଜବେଷ୍ଟସ ଘର, ୪ଟି ଶୌଚାଳୟ, ୨ଟି ଦୋକାନ ଓ ୧୦୦୦ଫୁଟ୍ ଦୀର୍ଘ ପାଚେରୀ ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ସେକ୍ସନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ବିଡିଏ ଯୁଗ୍ମ କମିଶନର(ଏନଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଲ୍ୟାଣ୍ଡ ଅଫିସର ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଡିଏ ଏନଫୋର୍ସମେଣ୍ଟ (ଓଏସଡି) ଦେବରାଜ ସେଠୀ ଓ ବିଡିଏ ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଟେକାପଥର ମାଡରେ ଜେସିବି କାଚ ଭାଙ୍ଗିଲା



## 'ଅର୍ଥନୀତି ବିକାଶରେ ସମସ୍ତଙ୍କ ଭୂମିକା ରହିଛି'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ)

ବିଜେବି କଲେଜ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ 'ବିକାଶଶୀଳ ଅର୍ଥନୀତିରେ ଭାରତୀୟ ଅର୍ଥନୀତିର ଭୂମିକା' ସମ୍ପର୍କିତ ଏକ ଆଲୋଚାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଅର୍ଥନୀତିର ବିଶେଷ ଗୁଣଗୁଡ଼ିକ କିପରି ଦେଶର ଅର୍ଥନୀତିକୁ ବିକଶିତ କରିବାରେ ସହାୟକ ହେଉଛି ସେ ସମ୍ପର୍କରେ ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଉପାଧ୍ୟକ୍ଷ ତଥା ଅର୍ଥନୀତି ବିଭାଗ ମୁଖ୍ୟ ଡ. ମଧୁବ୍ରତା ଶତପଥୀ ଦେଶର ଅର୍ଥନୀତିକୁ ବିକଶିତ କରିବାରେ ସମସ୍ତଙ୍କର ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅର୍ଥନୀତି ବିଶାରଦ ସଙ୍ଗୀତା ଅଗ୍ରୱାଲ ଭାରତୀୟ ଅର୍ଥନୀତିର ବିଭିନ୍ନ ଗୁଣ ଏବଂ ପରିସର ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ନଳୀନ କୁମାର ପାତ୍ର ଯୋଗଦେଇଥିବାବେଳେ ବରିଷ୍ଠ ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ପ୍ରଦାନ କରିଥଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତକୁ ନେଇ ଆସିବ ଚଳଚ୍ଚିତ୍ର 'ଖୋକାଭାଇ ତୁମପାଇଁ'

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଅକ୍ଷୟ ମହାନ୍ତି ଓଡ଼ିଆ ଗୀତ ଓ ସଙ୍ଗୀତର ଏକ ଜୀବନ୍ତ ଇତିହାସ। 'ଯାରେ ଭାସି ଭାସି ଯା'ରୁ ଆରମ୍ଭ କରି କଳଙ୍କିତ ଏକ ନାୟକ' ପର୍ଯ୍ୟନ୍ତ ଏକ ଲମ୍ବା ଇତିହାସର ନାଁ ଅକ୍ଷୟ ମହାନ୍ତି। ସେହି ଇତିହାସ ଆଜି ମଧ୍ୟ ଜୀବିତ ଆମମାନଙ୍କ ଭିତରେ ତାଙ୍କ ସଙ୍ଗୀତ ମାଧ୍ୟମରେ। ସେହି ସଙ୍ଗୀତକୁ ନେଇ କୁହୁ ସିନେ ଫ୍ଲିକ୍ସ ଭଦ୍ର ମୋଶନ ଷ୍ଟୁଡିଓ ନେଇ ଆସୁଛି ଚଳଚ୍ଚିତ୍ର 'ଖୋକାଭାଇ ତୁମପାଇଁ'। ବୁଧବାର ଏକ ଘରୋଇ ହୋଟେଲରେ ଏହାର ଟାଇଟଲ ଘୋଷଣା କରାଯାଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ଗିରିଶ ମହାନ୍ତି ଓ ତାଙ୍କ ଟିମ ଥିଲା ବେଳେ କାହାଣୀ ଲେଖିଛନ୍ତି ଭରଦ୍ୱାଜ ପଣ୍ଡା ଓ ଅକ୍ଷୟ ମହାନ୍ତିଙ୍କ ସୁପୁତ୍ର ମିତ୍ରଭାନୁ ମହାନ୍ତି। ପ୍ରେମିକାକୁ ଓ ଦୋଷ ଦେଇଛି ଖୋକା ଭାଇଙ୍କ ଗୀତକୁ ହେଲେ ପ୍ରେମିକାକୁ ଫେରିପାଇବା ପାଇଁ ମଧ୍ୟ ସେ ପୁଣି ଭରସା କରିଛି ସେହି ଅକ୍ଷୟ ସଙ୍ଗୀତକୁ ଓ ସଫଳ ମଧ୍ୟ ହୋଇଛି। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ପ୍ରସ୍ତୁତ ହେଉଛି।

## ହୋଲ୍ଡିଂ ଟିକସ ଖିଲାପକାରୀଙ୍କୁ ଚିହ୍ନଟ କରିବ ବିଏମସି

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)- ହୋଲ୍ଡିଂ ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ସଚେତନ କରିବା ପାଇଁ ବିଏମସି ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ୱାର୍ଡ ଅଫିସରମାନେ ପ୍ରତିଦିନ ସକାଳ ୭ଟାରୁ ଘର ଘର ବୁଲି ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବେ। ଏନେଇ ଗତ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ୧୫ଦିନ ମଧ୍ୟରେ ଏହି ସର୍ଭେ କାର୍ଯ୍ୟ ସମାପ୍ତ କରିବା ପାଇଁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ଟାରେ ସର୍ଭେ କାର୍ଯ୍ୟର ଅଗ୍ରଗତି ନେଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସମସ୍ତ ଜୋନାଲ ଡେପୁଟି କମିଶନର, ଡେପୁଟି କମିଶନର ଏବଂ ଅତିରିକ୍ତ କମିଶନର ଏହାର ତର୍ଜମା କରିବେ। ତେବେ ଅନେକ ସଂଖ୍ୟାରେ ସହରବାସୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଟିକସ ଦେଉନଥିବାରୁ ବିଏମସିର ରାଜସ୍ୱ ହାନି ହେଉଛି। ତେଣୁ ବିଏମସି ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶାରେ 'ଗଜ ଉତ୍ସବ' ଅଭିଯାନର ଶୁଭାରମ୍ଭ



'ଗଜ ଉତ୍ସବ' ଅଭିଯାନର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ)

ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଟିଆଇ) ପକ୍ଷରୁ ରାଜ୍ୟ ସରକାରଙ୍କ ସହଭାଗିତାରେ ବୁଧବାର ରାଜ୍ୟରେ 'ଗଜ ଉତ୍ସବ' ଅଭିଯାନର ଶୁଭାରମ୍ଭ କରାଯାଇଛି। ସୂଚନା ଭବନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ଅତିଥି ଭାବେ ଯୋଗଦେଇଥିଲେ। ଡବ୍ଲ୍ୟୁଟିଆଇ ପକ୍ଷରୁ ଏହି ଅଭିଯାନ ୨୦୧୮ରୁ ଆରମ୍ଭ ହୋଇଥିବା ବେଳେ ଦେଶରେ ହାତୀ ପ୍ରବଣ ରାଜ୍ୟରେ ଏହା କାର୍ଯ୍ୟ କରୁଛି। ହାତୀ ସଂରକ୍ଷଣ ଦିଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ଅଭିଯାନରେ ଗତ ୫ବର୍ଷରେ ୭୫ହଜାର ଲୋକ ଜଡ଼ିତ ହୋଇସାରିଲେଣି। ଡବ୍ଲ୍ୟୁଟିଆଇର ପ୍ରତିଷ୍ଠାତା ବିବେକ୍ ମେନନ, ହାତୀର ଓ ବାସସ୍ଥଳୀର ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ମିଶି ଆମେ ଏହି କାର୍ଯ୍ୟକ୍ରମ କରିବୁ। ସମାରୋହରେ ବିଶିଷ୍ଟ କଳାକାର ତଥା ଲେଖକ ଇନା ପୁରୀଙ୍କ ଦ୍ୱାରା ଚିତ୍ରିତ ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ନିର୍ମିତ ୫ଟି ହାତୀ ଆର୍ଟପିସ୍‌କୁ ଉନ୍ମୋଚିତ କରାଯାଇଥିଲା।

## ରୋଷେଇ ଘରୁ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୨ ଭଗବତୀ ବସ୍ତିର ଏକ ଘରୁ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତଦେହ ଜବତ ହୋଇଛି। ମୃତା ହେଲେ ଗଞ୍ଜାମର ଭବାନୀ ନାୟକ(୨୫)। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

ପୋଲିସ ସୂଚନାନୁସାରେ ମୃତା ଭବାନୀ ଗତ ୫ ମାସ ତଳେ ଗଞ୍ଜାମର ଚିଣ୍ଟୁ ମଲ୍ଲିକଙ୍କୁ ପ୍ରେମ ବିବାହ କରିଥିଲେ। ଚିଣ୍ଟୁ ପେସାରେ ଡ୍ରାଇଭର ଭାବେ କାମ କରୁଥିବାବେଳେ ଭଗବତୀ ବସ୍ତିରେ ସ୍ତ୍ରୀ ଓ ସାନ ଭାଇଙ୍କ ସହ ରହୁଥିଲେ। ମଙ୍ଗଳବାର କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଫଳରେ ଭବାନୀ ନ ଖାଇ ଶୋଇପଡ଼ିଥିଲେ। ଭୋର ସମୟରେ ସ୍ତ୍ରୀ ପାଖରେ ନ ଥିବା ଚିଣ୍ଟୁ ଜାଣିବା ପରେ ରୋଷେଇ ଘରକୁ ଯାଇଥିଲେ। ସେଠାରେ ଭବାନୀ ଏକ ଲୁଗା ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଭବାନୀଙ୍କ ମୃତଦେହ ଜବତ କରିଥିଲା।

## ହାଇକୋର୍ଟ ଡିସ୍‌ପେନ୍‌ସାରି ଉଦ୍‌ଘାଟିତ



କଟକ,୧୮।୧୦ (କାର୍ତ୍ତିକ ସାହୁ)

ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହାଇକୋର୍ଟ ଡିସ୍ପେନ୍ସାରିକୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଡିସ୍‌ପେନ୍‌ସାରିରେ ଏଲୋପ୍ୟାଥିକ, ହୋମିଓପ୍ୟାଥିକ ଓ ଫିଜିଓଥେରାପି ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ନିଃଶୁଳ୍କ ମେଡିସିନ ବିତରଣ ସହ ଅନ୍ୟାନ୍ୟ ମୌଳିକ ସ୍ୱାସ୍ଥ୍ୟ ସେବା ଏଠାରେ ଯୋଗାଇ ଦିଆଯାଉଛି। ହାଇକୋର୍ଟ ପରିସରରେ ଡିସ୍‌ପେନ୍‌ସାରି ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପାଇଁ ଜାଗାର ଅଭାବ ଥିଲେ ମଧ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏଥିସହ ପାଥୋଲାବ, ଲାକ୍‌ଟେସନ ରୁମ୍ ଓ ଶିଶୁଙ୍କ ପାଇଁ କ୍ରେଚ ବ୍ୟବସ୍ଥା ରହିଥିବା ଜଣାପଡିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା ପଣ୍ଡ : ୩ ଗିରଫ

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ପୋଲିସ ଉତ୍କଳ ହସ୍ପିଟାଲ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ମଙ୍ଗୁଆ ଗୌଡ଼, କାହ୍ନା ନାୟକ ଓ ସେକ୍ ଲାଲ୍‌ଚାନ୍ଦ। ସେମାନଙ୍କଠାରୁ ୨ଟି ଖଣ୍ଡା, ଗୋଟିଏ କଟୁରି ଓ ୩ ପ୍ୟାକେଟ ଲଙ୍କାଗୁଣ୍ଡ ଜବତ ହୋଇଛି। ତେବେ ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନଙ୍କୁ ଲୁଟ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଏକତ୍ରିତ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଉକ୍ତ ୩ ଅଭିଯୁକ୍ତ ପୂର୍ବରୁ ଗଞ୍ଜେଇ ଚାଲାଣ ମାମଲାରେ କୋର୍ଟ ଚାଲାଣ ହୋଇଥିଲେ। ମଙ୍ଗୁଆଙ୍କ ବିରୋଧରେ ପୂର୍ବରୁ ୧୧ଟି ମାମଲା ରହିଥିବା ପୋଲିସ କହିଛି।

## ବିଶ୍ୱନାଥ ମିଶ୍ରଙ୍କ ୧୪୫ତମ ଜୟନ୍ତୀ

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୫ତମ ଜୟନ୍ତୀ ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜାଶଙ୍କର ମହାପାତ୍ର, ନରେନ ସାହୁ, ଅଶ୍ୱିନୀ ପଟ୍ଟନାୟକ, ସବିତା ଦଳାଇ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ସୋଲେମାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଦଶହରାରେ ଦର୍ଶନ ଦେବେ ମହାବୀର

### ନୟାପଲ୍ଲୀ ନୂଆସାହିର ଶ୍ରୀଶ୍ରୀ ମହାବୀର ପୂଜା କମିଟି

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ସାଧାରଣତଃ ଦଶହରାରେ ମା' ଦୁର୍ଗାଙ୍କୁ ଆବାହନ କରାଯାଉଥିବାବେଳେ ନୟାପଲ୍ଲୀ ନୂଆସାହି ଅଞ୍ଚଳରେ କିନ୍ତୁ ହନୁମାନଙ୍କୁ ଆରାଧନା କରନ୍ତି ଶ୍ରଦ୍ଧାଳୁ। ଏଥିପାଇଁ ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ପୂଜା ମଣ୍ଡପରେ ହନୁମାନଙ୍କ ପୂଜା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥାଏ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମହାବୀରଙ୍କ ପୂଜା ହୋଇଥାଏ। ସପ୍ତମୀ ଦିନ ପୁରୀ ଜଗନ୍ନାଥଙ୍କ ମନ୍ଦିରରୁ ମା' ବିମଳାଙ୍କଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଚଳିତବର୍ଷ ଏହି ପୂଜା ୧୪ବର୍ଷରେ ପହଞ୍ଚିଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସପ୍ତମୀରେ ମେଲୋଡି ଗୀତ ତରଙ୍ଗ, ଅଷ୍ଟମୀରେ ଭଜନ ସମାରୋହ, ନବମୀରେ ସ୍ଥାନୀୟ କୁନିକୁନି ପିଲାଙ୍କ ନୃତ୍ୟ ପ୍ରତିଯୋଗିତା ସହ ନୂଆସାହି ଲକ୍ଷ୍ମୀ ନାରାୟଣ ହସ କ୍ଲବର ସଦସ୍ୟଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ଦଶମୀ ଦିନ ସମ୍ବଲପୁରୀ ବାଦ୍ୟନୃତ୍ୟ ସହିତ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପୂଜା ମଣ୍ଡପ ଚାରିପାଖରେ ସୁରକ୍ଷା ଦୃଷ୍ଟିରୁ ସିସିଟିଭିର ବ୍ୟବସ୍ଥା କରାଯାଇଛି। ୟୁନିଟ୍-୮ ଡିଏଭି ସ୍କୁଲ ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ଓ ଏଚଡିଏଫ୍‌ସି ଛକ ଠାରୁ ନୂଆସାହି ଆଖଣ୍ଡଳମଣୀ ଛକ ପର୍ଯ୍ୟନ୍ତ ଆଲୋକ ସଜାଯିବ। ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି ସମିତି ସହ ମିଶି ଭସାଣି ଦିନ ଡିଜେ ଓ ସମ୍ବଲପୁରୀ ଢୋଲ୍ ନିଶାନ୍ ସହ ମହାବୀରଙ୍କୁ ବିଦାୟ ଦିଆଯିବ।

**୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସମ୍ବର୍ଦ୍ଧନା ଦିଆଯିବ**



ଏହି କମିଟିରେ ବରିଷ୍ଠ ନାଗରିକ, ମହିଳା, ଯୁବକ ଓ ଛାତ୍ରୀଛାତ୍ରସଦସ୍ୟ ଅଛନ୍ତି, ଯାହାକି ଏହି କମିଟିର ବିଶେଷତ୍ୱ। ପୂଜା ୪ଦିନ ମଣ୍ଡପରେ ବରିଷ୍ଠ ନାଗରିକ, ରାଜନୈତିକ ବ୍ୟକ୍ତିବିଶେଷ ଓ ବିଭିନ୍ନ ସଂଗଠନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସମ୍ବର୍ଦ୍ଧିତ କରାଯିବ।

-ମିଲନ୍ କୁମାର ପାଇକରାୟ, କାର୍ଯ୍ୟକାରୀ ସଭାପତି

**ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ**



ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ସପ୍ତମୀ ଦିନ ୫୧ଜଣ ଭକ୍ତ ନୟାପଲ୍ଲୀ ପୁଷ୍କରିଣୀରେ କଳସ ବୁଡ଼ାଇବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଭସାଣି ଉତ୍ସବରେ ୟୁନିଟ୍-୮ ଡିଏଭି ସ୍କୁଲ ଛକରେ ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି ସମିତି ଅଧୀନରେ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ କୋଷାଧକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯିବ।

-ରମେଶ ଚନ୍ଦ୍ର ବେହେରା, କର୍ତ୍ତା

# କାଶୀ ବିଶ୍ୱନାଥଙ୍କ ତୋରଣରେ ବିରାଜିବେ ମା'

### ଚକେଇସିଆଣି ଦୁର୍ଗାପୂଜା ମଣ୍ଡପ

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



**ଧରାବତରଣ କରିବେ ମା'**




ଶାରଦୀୟ ଦୁର୍ଗାପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଆନନ୍ଦରେ ଚାହିଁ ବସିଛନ୍ତି ଶ୍ରଦ୍ଧାଳୁ। ଚଳଚଞ୍ଚଳ ହୋଇପଡିଛି ଦୁର୍ଗା ମଣ୍ଡପ। ଏଥର ଚକେଇସିଆଣି ଦୁର୍ଗାପୂଜା ମଣ୍ଡପରେ ଶୋଭା ପାଇବ କାଶୀ ବିଶ୍ୱନାଥଙ୍କ ତୋରଣ। ଏଥିପାଇଁ ଦୁର୍ଗାପୂଜା ସମିତି ପକ୍ଷରୁ ୬୦ଫୁଟ ଉଚ୍ଚତା ଓ ୫୬ଫୁଟ ଓସାରର ଏହି ତୋରଣର ପ୍ରସ୍ତୁତି ଚାଲିଛି। ମା' ଦୁର୍ଗାଙ୍କ ମୂର୍ତ୍ତିର ଉଚ୍ଚତା ୧୫ରୁ ୧୮ଫୁଟ ମଧ୍ୟରେ ରହିଥିବାବେଳେ ମେଢ଼ ୨୫ଫୁଟର ହେଉଛି। ମା'ଙ୍କ ମୂର୍ତ୍ତିକୁ ଓଡ଼ିଆ କାରିଗର ଗଢୁଥିବାବେଳେ ତୋରଣ ପ୍ରସ୍ତୁତିରେ ଲାଗିପଡିଛନ୍ତି କୋଲକାତା କାରିଗର। ବଜେଟ ୨୨ରୁ ୨୫ଲକ୍ଷ ଟଙ୍କା ରଖାଯାଇଥିବାବେଳେ ପ୍ରଥମଥର ମୀନା ବଜାର ପଡୁଛି। ଅଷ୍ଟମୀରେ ଦହି ପଖାଳ, ନବମୀରେ ଖେଚୁଡ଼ି ମା'ଙ୍କ ପାଖେ ଭୋଗ ଲାଗିବ। ସେହିପରି ମା'ଙ୍କ ଚତୁଃପାର୍ଶ୍ୱ ଓ ପାର୍ଶ୍ୱ ଦେବଦେବୀଙ୍କ ମୁକୁଟ, ତ୍ରିଶୂଳ ଆଦି ଚାନ୍ଦିରେ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶକଙ୍କ ପାଇଁ ମନୋରଞ୍ଜନର ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ସପ୍ତମୀ ଦିନ ଭଜନ, ଅଷ୍ଟମୀ ଓ ନବମୀରେ ମେଲୋଡ଼ି ଏବଂ ଦଶମୀ ଦିନ ବ୍ୟାଣ୍ଡ ଡ୍ୟାନ୍ସ ହେବ। କୋଲକାତା ଓ ବରମପୁରରୁ ମେଲୋଡ଼ି ପାର୍ଟି ଆସିବେ। ୫ କିମି ପର୍ଯ୍ୟନ୍ତ ଲାଇଟ୍ ଗେଟ୍ ଅନ୍ୟତମ ଆକର୍ଷଣ ସାଜିବ। ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ୍ ଚେୟାର ସହ ସମସ୍ତଙ୍କ ପାଇଁ ଧାଡ଼ି ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ୧୦୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଡିଜେ ସହ ଢୋଲ, ପଞ୍ଜାବୀ ବାଜା, ଘୋଡ଼ା ନାଚ, ତୂରୀମହୁରୀ ଭଳି ବାଦ୍ୟର ତାଳେତାଳେ ମା'ଙ୍କୁ ମେଲାଣି ଦିଆଯିବ। ପ୍ରସ୍ତୁତି କାର୍ଯ୍ୟକ୍ରମରେ ସମିତିର ସଦସ୍ୟ ବିଜୟ କୁମାର ରାଉତ, ଅଭୟ ମଙ୍ଗରାଜ, ଦିଲୀପ ମଙ୍ଗରାଜ, ପ୍ରଦୀପ ସ୍ୱାଇଁ, ଶ୍ରୀଧର ଦାସ, ସଞ୍ଜୟ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

**ମନୋରଞ୍ଜନ ସହ ପ୍ରଥମଥର ମୀନା ବଜାର**



ଦୁର୍ଗାପୂଜା ପାଇଁ ଏଥର ଭଲ ବ୍ୟବସ୍ଥା ହୋଇଛି। ଦର୍ଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପ୍ରଥମଥର ପାଇଁ ମୀନାବଜାରର ଆୟୋଜନ ମଧ୍ୟ କରିଛୁ। ଏଥିସହ ଲାଇଟ୍ ଆଉ ଗେଟ୍‌ରେ ପୂରା ଚକେଇସିଆଣି ଝଲସିବ। ସମସ୍ତେ କିପରି ସୁରୁଖୁରୁରେ ମା'ଙ୍କ ଦର୍ଶନ କରି ଘରକୁ ଫେରିବେ ତାହା ଉପରେ ସମିତି ପକ୍ଷରୁ ନଜର ଦିଆଯାଇଛି।

-ସନ୍ତୋଷ କୁମାର ମହାନ୍ତି, ସଭାପତି

**ମନୋରଞ୍ଜନ ସହ ପ୍ରଥମଥର ମୀନା ବଜାର**



ପାରମ୍ପରିକ ବାଦ୍ୟ ସହ ଡିଜେରେ ମା'ଙ୍କ ଭସାଣି ହେବ। ଭସାଣି ଶୋଭାଯାତ୍ରା ଚକେଇସିଆଣିରୁ ବାହାରି ଶହୀଦନଗରଠାରେ ପହଞ୍ଚିବ। ଏହାପରେ ରାଜମହ ଯାଇ ସେଠାରୁ କୁଆଖାଇ ନଦୀକୂଳ ଅସ୍ଥାୟୀ ପୁଷ୍କରିଣୀରେ ମାଙ୍କୁ ମେଲାଣି ଦିଆଯିବ।

-କେଦାରନାଥ ଦାସ, ସମ୍ପାଦକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଅକ୍ଟୋବର, ୨୦୨୩



# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

■ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା
■ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଚିକିତ୍ସା ଅବହେଳାରୁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର ଆଗରେ ଶିଶୁପୁତ୍ରର ମୃତଦେହ ରଖି ଧାରଣା ଦେଇଛନ୍ତି। ଖବର ପାଇ ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ପରିବାର ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

ଅଭିଯୋଗ ଅନୁଯାୟୀ, ବଡ଼ପୋଖରିଆର ପ୍ରଶାନ୍ତ ତାଡ଼ଙ୍କ ୭ବର୍ଷର ପୁଅକୁ ଜ୍ୱର ହୋଇଥିଲା। ପରିବାର ଲୋକେ ସ୍ଥାନୀୟ ଚିକିତ୍ସାଳୟରେ ଦେଖାଇଥିଲେ। ସେଠାରୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶିଶୁ ୱାର୍ଡରେ ସମ୍ପୃକ୍ତ ଶିଶୁକୁ ଭର୍ତ୍ତି କରାଯାଇଥିଲା। ଅପରାହ୍ଣରେ ଡାକ୍ତର ପରୀକ୍ଷାକରି ଔଷଧ ଓ ଇଞ୍ଜେକ୍‌ଶନ ଲେଖିଦେଇଥିଲେ। ତେବେ ଏହାପରଠାରୁ କୌଣସି ଚିକିତ୍ସା କରାଯାଇ ନ ଥିଲା। ଅପରାହ୍ଣ ୪ଟାରେ ପୁଅର ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକେ ପୁଅକୁ ଧରି ଆମ୍ବୁଲାନ୍ସରେ ନେବାକୁ ବାହାରିଥିବାବେଳେ ତା'ର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିଥିବା ଆଶଙ୍କା କରି ଡାକ୍ତରଙ୍କୁ ଯୋଗାଯୋଗ କରିଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ପୁଅର ଜୀବନ ଯାଇଥିବା ଅଭିଯୋଗ ଆଣି ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର ସମ୍ମୁଖରେ ମୃତଦେହ ରଖି ପରିବାରବର୍ଗ ଓ ସମ୍ପର୍କୀୟ ଧାରଣା ଦେଇଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଆନ୍ଦୋଳନକାରୀମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

# ପ୍ରଶାସନର ଚେତା ପଶିଲା
## ରାସ୍ତାରେ ନିର୍ମାଣ ହେଲା ହମ୍ପ୍‌ସ

ଖୋର୍ଦ୍ଧା,୧୮।୧୦ (ପ୍ରଭାତ ପାଣିଗ୍ରାହୀ)

ଟାଉନ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଛକରେ ମଙ୍ଗଳବାର ଏକ ଟ୍ୟାଙ୍କର ଧକ୍କାରେ ଜଣେ ଶିଶୁର ମୃତ୍ୟୁ ଘଟିଥିବାବେଳେ ମାଆ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ନୂଆ ବସ୍‌ଷ୍ଟାଣ୍ଡଠାରୁ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ପିଡ ବ୍ରେକର, ହମ୍ପସ ନିର୍ମାଣ କରାଯାଇଛି। ଦୁର୍ଘଟଣା ଘଟିଥିବା ଭାଲିଆବାଡ଼ି ଛକରେ ସ୍ପିଡ ବ୍ରେକର (୪ଟି ଲେଖାଏ ହମ୍ପ୍‌ସ) ବ୍ୟବସ୍ଥା କରାଯାଇଛି। ଏଥିସହ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ଘରୋଇ ଇଂଲିଶ ମିଡିୟମ ସ୍କୁଲ, ସାମ୍ବାଦିକ ଭବନ, ମେଡିକାଲ ପଛପଟ ଏବଂ ସଦର ଏସ୍‌ଡିପିଓଙ୍କ ଅଫିସ ଆଗରେ ହମ୍ପସ ନିର୍ମାଣ କରାଯାଇଛି। ପ୍ରକାଶ ଯେ, ନୂଆବସଷ୍ଟାଣ୍ଡଠାରୁ ଚଣ୍ଡିରୁଆ ଛକ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହି ରାସ୍ତା ଏବେ ଦୁର୍ଘଟଣାପ୍ରବଣ ପାଲଟିଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଭାଲିଆବାଡ଼ି ଛକରେ ସଙ୍କୁଚିତ ରାସ୍ତା, ଦ୍ରୁତଗତିରେ ଗାଡ଼ି ଚଳାଚଳ ଯୋଗୁ ଜୀବନ ଯାଉଛି। ମଙ୍ଗଳବାର ଭାଲିଆବାଡ଼ି ଛକରେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ସ୍ପିଡ ବ୍ରେକର, ହମ୍ପସ ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ।



## ସଂକ୍ଷେପରେ

### କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଲେ ମା' ବନଦୁର୍ଗା

ନିରାକାରପୁର, ୧୮।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତଠାରେ ଥିବା ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜାର ତ୍ରୟୋଦଶ ଦିବସ ଓ ନବରାତ୍ରର ଚତୁର୍ଥ ଦିବସରେ କୁଷ୍ମାଣ୍ଡା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଡ. ଚନ୍ଦନ କୁମାର ମିଶ୍ର, ମନୋଜ କୁମାର ଦାସ, ବରିଷ୍ଠ ଶିଳ୍ପୀ ମାନସ ବରାଳ ଓ ବିଷ୍ଣୁପ୍ରିୟା ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ

ବୋଲଗଡ଼,୧୮।୧୦(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅନ୍ତର୍ଗତ ଚୁଡ଼ା ଗ୍ରାମର ଜଣେ ଯୁବକଙ୍କର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ଘଟଣାରୁ ପ୍ରକାଶଯେ ମଙ୍ଗଳବାର ରାତ୍ରିରେ ଚୁଡା ଗ୍ରାମର ବିଜୟ ସ୍ୱାଇଁଙ୍କର ଏକ ମାତ୍ର ପୁଅ ରମାକାନ୍ତ ସ୍ୱାଇଁ (୨୨) ଏକ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର ଯୋଗେ ନିଜ ମା'ଙ୍କୁ ଗାଡ଼ିରେ ବସାଇ ରଣପୁର ନିକଟସ୍ଥ ଗୋପାଳପୁରରୁ ନିଜ ଗାଁକୁ ଫେରୁଥିଲେ। ତେବେ ସନ୍ଧ୍ୟାରେ ରାଜସୁନାଖଳା ସାମ୍ନାପଟୁ ୨ଜଣ ଯୁବକ ପ୍ୟାଶନ୍ ପ୍ରୋ ଯୋଗେ ନିଜଗ୍ରାମ ନୟାଗଡ଼ ଜିଲା ଲାଠିପଡା ଗ୍ରାମକୁ ଫେରୁଥିଲେ। ତେବେ ରାଜସୁନାଖଳାସ୍ଥିତ କୋଟଗଡ଼ ଖିଲାମୁଣ୍ଡା ଠାକୁରାଣୀଘାଟି ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଟି ଏତେ ପ୍ରଚଣ୍ଡ ଥିଲା ଯେ ଘଟଣାସ୍ଥଳରେ ରମାକାନ୍ତଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ରାଜସୁନାଖଳା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ଶୋକାକୁଳ ପରିବେଶରେ ରମାକାନ୍ତ ସ୍ୱାଇଁଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ତିମ ସଂସ୍କାର ସମୟରେ କଂଗ୍ରେସ ଯୁବ ନେତା ସଦାଶିବ ମହାପାତ୍ର ଓ ସାମାଜିକ କର୍ମୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

### ଲକ୍ଷାଧିକ ଟଙ୍କାର ବାଣ ଜବତ, ଥାନାରେ ମାମଲା

ବେଗୁନିଆ,୧୮।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପୋଲିସ ବୁଧବାର ସନ୍ଧ୍ୟାରେ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ୧୭୮/୨୩ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ବାଣ ପ୍ରସ୍ତୁତ ଖୁଲମଖୁଲା ଚାଲିଛି। ଏହାକୁ ରୋକିବା ପାଇଁ ବେଗୁନିଆ ଓ ବାଘମାରୀ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି। ବୁଧବାର ସନ୍ଧ୍ୟାରେ ଲେଖନପୁର ଗ୍ରାମରେ ଚଢାଉ କରାଯାଇ ୫ବସ୍ତା କାଗଜ ବମ, ୨୦ଟି ସୁତୁଲିବମ ସହିତ ଅନ୍ୟାନ୍ୟ ବାଣ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏହି ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମରେ ଗତ ୧୬ ତାରିଖ ଦିନ ପୃଥକ ଚଢାଉ କରି ପ୍ରାୟ ୧୨ ବସ୍ତା ବାଣ ଜବତ ହୋଇଥିଲା।

### ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବୋଲଗଡ଼,୧୮।୧୦(ଦେବବ୍ରତ ହୋତା)

ବୋଲଗଡ ଶିକ୍ଷାବ୍ଲକ ଅଧିନସ୍ଥ କାଉଁରୀପାଟଣା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରୁ ହାଟବସ୍ତୁସ୍ଥିତ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ସୁଧାଂଶୁବାଳା ସାହୁଙ୍କୁ ବଦଳି କରାଯାଇଛି। ଏନେଇ ବରିଷ୍ଠ ଶିକ୍ଷୟିତ୍ରୀ ଶୈଳବାଳା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ବଡ଼କୁମାରୀ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି, ବୋଲଗଡ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଏବିଇଓ କୈଳାସ ନାଥ ସ୍ୱାଇଁ, ସିଆର୍‌ସିସି ଧୀରେନ ପାତ୍ର, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଜୟକୃଷ୍ଣ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

# ମହିଳା ଗୋଷ୍ଠୀଙ୍କୁ ୧୦୨ କୋଟି ଟଙ୍କାର ଋଣ

ଆର୍ଥିକ କ୍ଷେତ୍ରରେ ସୁଧାର ଆଣିବ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦୨ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଟାଉନ ହଲଠାରେ ଆୟୋଜିତ ଋଣ ବଣ୍ଟନ ମେଳାରେ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟକ୍ରମ ଓ କୃଷି କାର୍ଯ୍ୟରେ ବିନିଯୋଗ ପାଇଁ ଜିଲାର ୧୮୦୦ ମହିଳା ଗୋଷ୍ଠୀଙ୍କୁ ଏହି ଋଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ କୁମାର ମହାନ୍ତି, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଡିଡିଏମ୍ ନାବାର୍ଡ ତୃପ୍ତି ତାପସୀ, ଓଜିବି ଜିଏମ୍ ବାସୁଦେବ ରାଉତରାୟ, ଓଜିବି ଆଞ୍ଚଳିକ ପରିଚାଳକ ଚନ୍ଦନ କୁମାର ମହାନ୍ତି, ପିପିଲି ଆଞ୍ଚଳିକ ପରିଚାଳକ ପଙ୍କଜ ଜେନା, ଖୋର୍ଦ୍ଧା ଶାଖା ପରିଚାଳକ ସତ୍ୟବ୍ରତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଋଣ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଆଣିବ ବୋଲି ଅତିଥିମାନେ କହିବା ସହ ତୃଣମୂଳସ୍ତରର ମହିଳାଙ୍କୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ପ୍ରତ୍ୟେକ ଅଞ୍ଚଳର ସିଆର୍‌ପି, ବ୍ୟାଙ୍କମିତ୍ର, ମିଶନ ଶକ୍ତିର ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମିଶନ ଶକ୍ତିର ଅଧିକାରୀ, ବ୍ୟାଙ୍କ କର୍ମଚାରୀଙ୍କ ଶତାଧିକ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ ।


ଖୋର୍ଦ୍ଧା ଟାଉନ ହଲଠାରେ ଆୟୋଜିତ ଋଣ ବଣ୍ଟନ ମେଳା।

# ଚେତାଶୂନ୍ୟ ଅବସ୍ଥାରେ ହାଟ ଭିତରୁ ଯୁବକ ଉଦ୍ଧାର

ବାଲିଅନ୍ତା,୧୮।୧୦(ନୀଳମାଧବ ସାହୁ)

ବାଲିଅନ୍ତା ହାଟ ଭିତରେ ଥିବା ହାଣ୍ଡିଆ ବିକ୍ରି ସ୍ଥାନରେ ବୁଧବାର ରାତିରେ ଏକ ଯୁବକଙ୍କ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଯୁବକ ଏକ ହାପ ପାଣ୍ଟ ଓ ହାପ ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଛି। ଯୁବକଙ୍କ ବୟସ ୨୪ ବର୍ଷ ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ଖବରପାଇ ବାଲିଅନ୍ତା ପୋଲିସ ରାତି ପ୍ରାୟ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଯୁବକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ବାରୁଦଗଦାରେ ଜଟଣୀ ସହର
## ବେଆଇନ ବାଣ ବ୍ୟବସାୟକୁ ନେଇ ଅସନ୍ତୋଷ

ଜଟଣୀ, ୧୮।୧୦ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ସହର ଓଡ଼ିଶାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ଓଡ଼ିଶାର ଅନ୍ୟ ସହର ବା ବ୍ୟବସାୟସ୍ଥଳଠାରୁ କମ୍ ଦର ଏବଂ ଗମନାଗମନର ସୁବିଧା ରହିଥିବାରୁ ବର୍ଷତମାମ ଜିଲା ଏବଂ ଜିଲା ବାହାରରୁ ବହୁ ବ୍ୟବସାୟୀ ଜଟଣୀର ସମସ୍ତ ସିଜିନାଲ୍ ବ୍ୟବସାୟ କେନ୍ଦ୍ରରୁ କିଣାକିଣି କରୁଥିବା ଦେଖିବାକୁ ମିଳିଥାଏ। ଜଟଣୀରେ ହୋଲସେଲ୍ ବାଣ ବ୍ୟବସାୟୀ ଦଶହରା ଓ ଦୀପାବଳିରେ ଅଧିକ ମୁନାଫା କରିବା ନେଇ ସରକାରୀ ନୀତିନିୟମ ଓ କଟକଣାକୁ ସ୍ପଷ୍ଟ ଉଲ୍ଲଂଘନ କରୁଥିବା ଦେଖାଯାଉଛି। ଗଣେଶପୂଜା ଠାରୁ ଜଟଣୀ ସହରରେ ବିଭିନ୍ନ ସ୍ଥାନରେ ବାଣ ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ଆତସବାଜି ତଥା ବାଣ ବ୍ୟବସାୟ ବ୍ୟବସାୟ ପାଇଁ ସରକାର କେତେକ ନୀତିନିୟମ ଧାର୍ଯ୍ୟ କରିଛନ୍ତି। ଜଟଣୀରେ ହୋଲସେଲ୍ ବାଣ ବ୍ୟବସାୟ କରିବା ପାଇଁ ହାତ ଗଣତି ୨/୩ ଜଣଙ୍କ ନିକଟରେ ଲାଇସେନ୍ସ ରହିଥିବାବେଳେ କେତେଜଣ ଅସାଧୁ ବ୍ୟବସାୟୀ ବେଆଇନ ଭାବେ ସହରର ବିଭିନ୍ନ ସାହି ବସ୍ତିରେ ବହୁ ପରିମାଣର ବାଣ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଅର୍ଥାତ ଜଟଣୀ ସହର ବର୍ତ୍ତମାନ ବାରୁଦ ଗଦାରେ ଛିଡ଼ା ହୋଇଛି। କୌଣସି ମୁହୂର୍ତ୍ତରେ ବି ଭୟଙ୍କର ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଧନଜୀବନ ହାନି ହେବାର ଆଶଙ୍କା କରିଛନ୍ତି ଅଞ୍ଚଳବାସୀ। ସୂଚନାଥାଉକି ବିଗତ ବର୍ଷମାନଙ୍କରେ ବାଣ ବ୍ୟବସାୟକୁ ନେଇ ଜଟଣୀରେ ଅନେକ ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ ହାନି ହୋଇଛି। ସାଧାରଣରେ ଧନଜୀବନର ସୁରକ୍ଷା ଏବଂ ଅସାଧୁ ବାଣ ବ୍ୟବସାୟୀଙ୍କ ଉପରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେହିପରି ଜଟଣୀ ପୌରାଞ୍ଚଳ ବାଲିଛକ ମୁଣ୍ଡିଆସାହି, ବିଶ୍ୱନାଥ କଲୋନିବାସୀ, ପାତ୍ରପଡା ଜଗନ୍ନାଥପୁରବାସୀଙ୍କ ସହିତ ଷଣ୍ଢପୁର, ଜଗନ୍ନାଥବିହାର, ଗୋବିନ୍ଦପୁର ଏବଂ ଓଗାଳପଡ଼ା ଗ୍ରାମବାସୀ ଜିଲାପାଳ, ୫-ଟି ସଚିବ, ଗୃହ ବିଭାଗ, ପୋଲିସ କମିଶନର, ଅଗ୍ନିଶମ ଡିଜିଙ୍କୁ ଲିଖିତ ଅଭିଯୋଗ କରି ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରିଛନ୍ତି।

# ଜାଲ୍ ଆଧାର କାର୍ଡ ଦେଇ ଜମି ବିକ୍ରି ପାଇଁ ମସୁଧା, ଥାନାରେ ଅଭିଯୋଗ

ବେଗୁନିଆ,୧୮।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଜମି କିଣାବିକାକୁ ନେଇ ନାନା ଜାଲିଆତି ହୋଇଥିବାର ଜଣାପଡିଛି। ଜମି ବିକ୍ରି କରିବା ପାଇଁ ଆବେଦନ କରିଥିବା ଜନୈକା ମହିଳା ଆବଶ୍ୟକୀୟ ପ୍ରମାଣପତ୍ରରେ ଜାଲ ଆଧାର କାର୍ଡ ଦାଖଲ କରିଥିବାର ସ୍ପଷ୍ଟ ହୋଇଛି। ଏହା ଉପରେ ପଦକ୍ଷେପ ନେବାକୁ ବୁଧବାର ବେଗୁନିଆ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅମିତ୍ କୁମାର ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ ବାଘମାରୀ ଗ୍ରାମର ଜନୈକା ମହିଳା ଜମି ବିକ୍ରି ପାଇଁ ଲିଗାଲ ହେୟାର ସାର୍ଟିଫିକେଟ ଦାଖଲ କରିଥିଲେ। ହେଲେ ସେ ପ୍ରମାଣପତ୍ରରେ ସଂଯୋଗ କରିଥିବା ଆଧାର କାର୍ଡଟି ତାଙ୍କର ହୋଇନଥିବା ଜଣାପଡିଥିଲା। ସବ୍‌ରେଜିଷ୍ଟ୍ରାର ସେଠୀଙ୍କର ସନ୍ଦେହ ହେବାରୁ ଆଧାର କାର୍ଡ ବାର୍‌କୋଡ ଚେକ୍ କରିଥିଲେ। ହେଲେ ଆଧାର କାର୍ଡରେ ଢେଙ୍କାନାଳ ଜିଲାର କୁଳମଣି ରାଉତ ବୋଲି ଠିକଣା ମିଳିଛି। ଏହାର ନିରପେକ୍ଷ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

# ସେପ୍ଟେମ୍ବର ମାସର ଦରମା ପାଇନାହାନ୍ତି ଶିକ୍ଷକ

ଜିଲାପାଳ, ଡିଇଓଙ୍କୁ ଜଣାଇଲା ପିଷ୍ଟା, ଆନ୍ଦୋଳନଚେତାବନୀ

ଖୋର୍ଦ୍ଧା,୧୮।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକରେ କାର୍ଯ୍ୟରତ ସବୁ ବର୍ଗର ଏନ୍‌ପିଏସ୍, କଳା, କ୍ରୀଡ଼ା ଓ ଗଣ ଶିକ୍ଷକମାନେ ଆଜି ପର୍ଯ୍ୟନ୍ତ ସେପ୍ଟେମ୍ବର ମାସର ଦରମା ପାଇନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ଖୋର୍ଦ୍ଧା ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)ର ଏକ ୫ଜଣିଆ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିସହିତ ବ୍ଲକ ଶିକ୍ଷା ଅଧିକାର I(ବିଇଓ), ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପୂଜା ପୂର୍ବରୁ ଦରମା ଓ ଫେଷ୍ଟିଭାଲ ଆଡ଼ଭାନ୍ସ ଦିଆ ନ ଯାଏ, ତେବେ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବ। ଶାରଦୀୟ ପୂଜା ଉପଲକ୍ଷେ ସରକାର ପୂଜା ଛୁଟି ପୂର୍ବରୁ ଅକ୍ଟୋବର ମାସର ଦରମା ପ୍ରଦାନ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ତ ଦୂରର କଥା ଏଯାବତ ସେପ୍ଟେମ୍ବରର ଦରମା ମିଳିନାହିଁ। ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ ମଧ୍ୟରୁ ୯ଟି ବ୍ଲକର ଶିକ୍ଷା ଅଧିକାରୀମାନେ ଶିକ୍ଷକମାନଙ୍କୁ ସେମାନଙ୍କ ସେପ୍ଟେମ୍ବର ମାସର ଦରମା ଦେଇ ସାରିଥିବା ବେଳେ ଖୋର୍ଦ୍ଧା ବ୍ଲକର ଶିକ୍ଷକମାନଙ୍କ ପ୍ରତି ଅବହେଳା କରାଯାଉଛି। ସେପ୍ଟେମ୍ବରରେ ସାରା ଓଡ଼ିଶାରେ ଶିକ୍ଷକମାନେ ସେମାନଙ୍କ ହକ୍ ପାଇଁ ୩ଦଫା ଦାବି ନେଇ ଏକ ମାସ ଛୁଟିରେ ରହିଥିଲେ। ସରକାର ଏହାରି ମଧ୍ୟରେ ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ଛୁଟିକୁ ଇ.ଏଲ୍‌ରେ ଭରଣା କରି ବେତନ ଦେବାକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଶିକ୍ଷକଙ୍କ ଛୁଟି ସମ୍ବନ୍ଧରେ ପ୍ରଧାନ ଶିକ୍ଷକଙ୍କ ଠାରୁ ସମସ୍ତ ରେକର୍ଡ ଓ ତଥ୍ୟ ସଂଗ୍ରହ କରି ନେଇଥିବା ସତ୍ତ୍ୱେ ଦରମା ଦେବାରେ ବିଳମ୍ବ କାହିଁକି କରାଯାଉଛି ବୋଲି ସଂଘ ପ୍ରଶ୍ନ କରିଛି। ପୂର୍ବରୁ ଏହି ଶିକ୍ଷା ଅଧିକାରୀଙ୍କ ବିରୋଧରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ପେନସନ୍ ପେପର ଓ ସେବା ପୁସ୍ତିକା ନିୟମିତ ପାଇଁ ଧାରଣା ଦେଇଥିଲେ। ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିଲା। ଏବେ ସଂଘ ଅଭିଯୋଗ କରିଛି ଯେ, ସେପ୍ଟେମ୍ବର ମାସର ଦରମା, ଫେଷ୍ଟିଭାର ଆଡ୍‌ଭାନ୍ସ ଏବଂ ଅକ୍ଟୋବର ମାସର ଦରମା ଠିକ୍ ସମୟରେ ତୁରନ୍ତ ନ ଦେଲେ ଶିକ୍ଷକମାନେ ଖୋର୍ଦ୍ଧା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ। ଶିକ୍ଷକଙ୍କ ଦରମା ପାଇଁ ପଦକ୍ଷେପ ନେବାକୁ ଦୃଢ଼ ଦାବି କରାଯାଇଛି।

# ହାଇକୋର୍ଟ ଡିସ୍‌ପେନ୍‌ସାରି ଉଦ୍‌ଘାଟିତ

କଟକ,୧୮।୧୦ (କାର୍ତ୍ତିକ ସାହୁ)

ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହାଇକୋର୍ଟ ଡିସ୍‌ପେନ୍‌ସାରିକୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଡିସ୍‌ପେନ୍‌ସାରିରେ ଏଲୋପ୍ୟାଥିକ, ହୋମିଓପ୍ୟାଥିକ ଓ ଫିଜିଓଥେରାପି ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ନିଃଶୁଳ୍କ ମେଡିସିନ ବିତରଣ ସହ ଅନ୍ୟାନ୍ୟ ମୌଳିକ ସ୍ୱାସ୍ଥ୍ୟ ସେବା ଏଠାରେ ଯୋଗାଇ ଦିଆଯାଉଛି। ହାଇକୋର୍ଟ ପରିସରରେ ଡିସ୍‌ପେନ୍‌ସାରି ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପାଇଁ ଜାଗାର ଅଭାବ ଥିଲେ ମଧ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏଥିସହ ପାଥୋଲାବ, ଲାକ୍‌ଟେସନ ରୁମ୍ ଓ ଶିଶୁଙ୍କ ପାଇଁ କ୍ରେଚ ବ୍ୟବସ୍ଥା ରହିଥିବା ଜଣାପଡିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ।



# ପାର୍ବଣରେ ପଶୁବଳି ବନ୍ଦ ପାଇଁ ଦାବି

ଖୋର୍ଦ୍ଧା,୧୮।୧୦ (ପ୍ରଭାତ ପାଣିଗ୍ରାହୀ)

ଆଜିର ଯୁଗ ହେଉଛି ବିଜ୍ଞାନର ଯୁଗ। ଆମେ ଚନ୍ଦ୍ରୟାନରେ ପହଞ୍ଚିସାରିଲୁଣି। ନୂତନ ଉଦ୍ଭାବନ, ବିଜ୍ଞାନର ଶୀର୍ଷ ସୋପାନରେ ପହଞ୍ଚିବା ସତ୍ତ୍ୱେ ଲୋକଙ୍କ ମନରୁ ଅନ୍ଧ ବିଶ୍ୱାସ ଦୂର ହୋଇନାହିଁ। ମନସ୍କାମନା ପାଇଁ ଦେବୀପୀଠରେ ଅଗଣିତ ପଶୁପକ୍ଷୀଙ୍କୁ ବଳି ଦିଆଯାଉଛି। ଏହା ଜୀବେଦୟା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଦେବୀ ପୀଠରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଦଶମୀରେ ଶକ୍ତିପୀଠରେ ଅସଂଖ୍ୟ ବଳି ଦେବାର ଆଶଙ୍କା ରହିଛି। ଧାର୍ମିକ, ପରମ୍ପରା ଆଳ ଦେଖାଇ କୁକୁଡ଼ା, ଛେଳି, ମେଣ୍ଢା ପ୍ରଭୃତି ପଶୁପକ୍ଷୀଙ୍କୁ ବଳି ଦିଆଯିବ। ପାର୍ବଣ ସମୟରେ ଶକ୍ତି ପୀଠଗୁଡ଼ିକରେ ପଶୁପକ୍ଷୀ ବଳି ପ୍ରଥା ବନ୍ଦ ଦାବିରେ ବୁଧବାର ପରିବେଶବିତ ଧନେଶ୍ୱର ବିଧାରଙ୍କ ନେତୃତ୍ୱରେ ଲୋହିତ ନାରାୟଣ ମହାପାତ୍ର, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିସହିତ ଜିଲା ଆରକ୍ଷୀ ଅଧୀକ୍ଷକ, ଚିଲିକା ବାଲୁଖଣ୍ଡ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ବଳିପ୍ରଥା ଏକ କୁସଂସ୍କାର। ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ। ଆଜିର ବିଜ୍ଞାନ ଯୁଗରେ ମଧ୍ୟ ଲୋକେ ଅନ୍ଧ ବିଶ୍ୱାସକୁ ଯାବୋଡ଼ି ଧରି ମନୋସ୍କାମନା ଆଳରେ ପଶୁପକ୍ଷୀଙ୍କୁ ବଳି ଦେଉଛନ୍ତି। ଏହା ଏକ ଘୃଣିତ ପ୍ରଥା। ଏହାକୁ ପ୍ରଶାସନିକ ସ୍ତରରେ ବନ୍ଦ କରାଯିବାକୁ ସେମାନେ ଦାବି କରିଛନ୍ତି। ଲୋକଙ୍କ ମଧ୍ୟରେ ପଶୁ ପକ୍ଷୀଙ୍କ ପ୍ରତି ଦୟାଭାବ ଜାଗ୍ରତ ତଥା ଜୀବେଦୟା ମନୋଭାବ ପ୍ରଦର୍ଶନ ପାଇଁ ପ୍ରଶାସନିକ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ୍ୟ ଏହି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।


ପଶୁବଳୀ ବନ୍ଦ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଶାରଦୀୟ ଉତ୍ସବ

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍‌ସା, ସ୍ୱେଚ୍ଛାସେବୀ ମହିଳା ଅନୁଷ୍ଠାନ ଶୈଳଜା ଓ ସୁଲତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଶାରଦୀୟ ଉତ୍ସବ ଏବଂ ସାଂସ୍କୃତିକ ସମାବେଶ କଟକ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅଭୀପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ସୁଶ୍ରୀ ମିଶ୍ର, ସୁଲତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ସୁଲତା ପଣ୍ଡା, କବି ସବିତା ମଞ୍ଜରୀ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନିରଞ୍ଜନ ସାହୁ, ନୃତ୍ୟଶିଳ୍ପୀ ଶିବାନୀ ଶୁଭାଙ୍ଗିନୀ ମିଶ୍ର ଓ ସୋନାକ୍ଷୀ ମହାନ୍ତିଙ୍କୁ ଶାରଦୀୟ ସମ୍ମାନ ପ୍ରଦାନ କରାଯାଇଥିଲା। କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁରରୁ ଆସିଥିବା ନୃତ୍ୟଶିଳ୍ପୀମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସୁଜିତ୍ କୁମାର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଖୋଲିଲା ନୂତନ ରାସ୍ତା

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ନୂତନ ରାସ୍ତା ଖୋଲିଛି। ୨୦ ଫୁଟ୍ ଚଉଡ଼ାର ଏହି ରାସ୍ତା ସିଧାସଳଖ ରିଂରୋଡ୍‌କୁ ସଂଯୋଗ କରିଛି। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଅନ୍ନପୂର୍ଣ୍ଣା ହସ୍ପିଟାଲ ନିକଟ ରାସ୍ତା ନିକଟରେ ଥିବା ଜବରଦଖଲକାରୀଙ୍କୁ ବୁଧବାର ସିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇଛି। ତେବେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏବେ ହସ୍ପିଟାଲକୁ ଯାତାୟତ କରିବାରେ କୌଣସି ଅସୁବିଧା ହେବ ନାହିଁ। ଏସ୍‌ସିବି ସମ୍ପ୍ରସାରଣ କାମ ଜାରି ରହିଥିବାବେଳେ ମଙ୍ଗଳାବାଗ ଓ ବୋସ କଲେଜ ଦେଇ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ରାସ୍ତା ସଂଯୋଗ ବନ୍ଦ ରହିଥିଲା। ଏଥିପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପଛପଟ ରାସ୍ତା ଯାହାକି ସିଧାସଳଖ ରିଂରୋଡ୍‌କୁ ସଂଯୋଗ କରିଥିବା ନେଇ ଏସ୍‌ଡିଓ ଦେବେନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଚୌଦ୍ୱାର,୧୮।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୬ ନଂ. ୱାର୍ଡ଼ ଦୌଲତାବାଦସ୍ଥିତ ନିଗମାନନ୍ଦ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ପରିଡ଼ାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆକୁଳାନନ୍ଦ ସ୍ୱାଇଁ, ଲକ୍ଷ୍ମୀଧର ଦାସ, ଅଶୋକ ବେହେରା, ସୁରେନ୍ଦ୍ର ବେହେରା, ବ୍ରଜେନ୍ଦ୍ର ନାୟକ, ଅଜୟ ବେହେରା ପ୍ରମୁଖ ଯୋଗଦେଇ ପରିଡ଼ାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ସିଡିଏରେ ସାମିଲ ହେବ ୧୦୨ ରାଜସ୍ୱ ଗ୍ରାମ

କଟକ,୧୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)



ବୈଠକରେ ସିଡିଏ ଅଧ୍ୟକ୍ଷ, ଆର୍‌ଡିସି, ସିଏମ୍‌ସି କମିଶନରଙ୍କ ସମେତ ଅନ୍ୟମାନେ।

**ସିଡିଏର ୧୩୬ତମ ବୈଠକ**

**■ ଏକାଧିକ ଉନ୍ନୟନ ପ୍ରକଳ୍ପକୁ ମଞ୍ଜୁରୀ**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ପରିସୀମା ବୃଦ୍ଧି ପାଇବ। ବାରଙ୍ଗ, ସାଲେପୁର, କଟକ ସଦର ଓ ଆଠଗଡ ଅଞ୍ଚଳର ୧୦୨ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଯିବ। ଏ ନେଇ ସିଡିଏସ୍ଥିତ କାର୍ଯ୍ୟାଳୟରେ ବୁଧବାର ସିଡିଏର ୧୩୬ତମ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମର୍କତନଗରରେ ଏକ ଆର୍ଟ ଗ୍ୟାଲେରି ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ବିଶେଷକରି ସହରାଞ୍ଚଳର ଖାଲି ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ମର୍କତନଗର ସେକ୍ଟର-୭ ଓ ୮ରେ ନୂତନ କଲ୍ୟାଣ ମଣ୍ଡପ, ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ସିଡିଏ ସେକ୍ଟର-୯ରେ ଏକ ପେଟ୍ରୋଲ ପମ୍ପ ସ୍ଥାପନ, କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ପରିସରରେ ଏକ ଟାୟାର ପଙ୍କଚର୍ ଓ ରିପ୍ୟାରିଂ ଦୋକାନ ଖୋଲାଯିବ। ସହରର ବିଭିନ୍ନ ସ୍ଥାନରେ ସିଡିଏ ଦ୍ୱାରା ଜଳ ବିତରଣ କେନ୍ଦ୍ର ପ୍ରତିଷ୍ଠା ସହ ସ୍ମାର୍ଟ ଆଇକନିକ୍ ଟ୍ରାଫିକ ପୋଷ୍ଟ ଓ ଟ୍ରାଫିକ୍ ରେଷ୍ଟ ଶେଡ୍ ନିର୍ମାଣ କରାଯିବ। ମର୍କତନଗର ସେକ୍ଟର-୮ରେ ଏକ ପ୍ରେକ୍ଷାଳୟ, ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ସହ ଜନସାଧାରଣଙ୍କ ପାଇଁ ସମାବେଶ ସ୍ଥଳ ପ୍ରସ୍ତୁତ କରାଯିବ। ସେହିପରି ନେତାଜୀ ସୁଭାଷ ବୋଷ ସଂଗ୍ରହାଳୟ ନିକଟରେ ଥିବା ପୁରୁଣା ଜେଲ୍ ପରିସରର ଉନ୍ନତୀକରଣ କରାଯାଇ ମିନି ପାର୍କ, ଇ-ଟଏଲେଟ୍ ବ୍ୟବସ୍ଥା ସହ ଏକ ବ୍ୟାଖ୍ୟାନ କେନ୍ଦ୍ର ସ୍ଥାପନ କରାଯିବ । ସହରର ବିଭିନ୍ନ ସ୍ଥାନରେ ଉଚ୍ଚକୋଟୀର ନିଃଶୁଳ୍କ ପାଠାଗାର ନିର୍ମାଣ, ସେକ୍ଟର-୬ରେ ସିଡିଏ କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଏବଂ ନହରଣପୁରରେ ନିର୍ମିତ ଏଲଆଇଜି ବାସଗୃହ ସ୍ୱଳ୍ପ ଆୟକାରୀଙ୍କୁ ଖୁବ୍‌ଶୀଘ୍ର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ, ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ବିତ୍ତ ସଦସ୍ୟ ସତ୍ୟସାଇ ଦାସ, ପ୍ଲାନିଂ ସଦସ୍ୟ ମହମ୍ମଦ କ୍ୟୁ. ଆଇ ଅଲ୍ଲୀ, ଇଞ୍ଜିନିୟରିଂ ମେମ୍ବର ଅତନୁ ସାମନ୍ତ, ଅଧୀକ୍ଷଣ ଯନ୍ତ୍ରୀ ହେମନ୍ତ କୁମାର ସେଠୀ, ଲ୍ୟାଣ୍ଡ୍ ଅଫିସର ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୮।୧୦ (କାର୍ତ୍ତିକ ସାହୁ)

**ନାବାଳିକା ବଳାତ୍କାର ମାମଲା**

ସାଲେପୁର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କନ୍ଦରପୁର ଥାନା ଅଧୀନ ପରମହଂସ ଅଞ୍ଚଳର ରାଜେଶ ମଲ୍ଲିକ (୨୩)। ମାମଲାର ବିବରଣୀ ଅନୁସାରେ, ୨୦୨୦ ଜୁଲାଇ ୨୮ରେ ଅଭିଯୁକ୍ତ ଜଣଙ୍କ ପୀଡ଼ିତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରି ନେବା ପରେ ବଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ସେହି ବର୍ଷ ଅଗଷ୍ଟ ୬ରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାପରେ ପୋଲିସ ୨୦୨୧ ମାର୍ଚ୍ଚ ୩ରେ ଅଦାଲତରେ ରାଜେଶଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଜାଲ୍‌ନୋଟ୍, ପ୍ରିଣ୍ଟର ଜବତ: ଅଭିଯୁକ୍ତ ଗିରଫ

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

ଜାଲ୍‌ନୋଟ୍ କାରବାର ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ନିମେଇସାପୁର ଗ୍ରାମର ତାରାଶଙ୍କର ମହାନ୍ତି(୫୭)। ତାଙ୍କଠାରୁ ୨ ଖଣ୍ଡ ୨୦୦ ଟଙ୍କିଆ ଜାଲ୍‌ନୋଟ୍ ଓ ଗୋଟିଏ ପ୍ରିଣ୍ଟର ଜବତ କରାଯାଇଛି। କଟକ-ପାରାଦୀପ ରାସ୍ତାର କମରପଦା ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଭିଡ଼ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଜଣେ ବୃଦ୍ଧ ପରିବା ଦୋକାନୀଙ୍କୁ ଠକିବା ସହ ୫୦୦ ଟଙ୍କିଆ ଜାଲ୍‌ନୋଟ୍ ବଦଳାଇ ଖସି ପଳାଇ ଆସିଥିଲେ। ଏ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଟୋଲ୍‌ଗେଟ୍ ନିକଟରେ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୦୧/୨୩) ରୁଜୁ ହୋଇଛି। ପଚରାଉଚରାବେଳେ କିଶନ ନଗର ହାଟ, କନ୍ଦରପୁର ଓ ଅନ୍ୟ ଅଞ୍ଚଳର ଛୋଟ ଦୋକାନୀମାନଙ୍କୁ ଜାଲ୍‌ନୋଟ୍ ଦେଇ କିଣାକିଣି କରୁଥିବା ତାରାଶଙ୍କର ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସୂଚନାଯୋଗ୍ୟ, ୨୦୧୫ରେ ଜାଲ୍‌ନୋଟ୍ କାରବାର ଘଟଣାରେ ଅଭିଯୁକ୍ତ ଜଣଙ୍କ ଗିରଫ ହୋଇ ଜେଲ୍ ଯାଇଥିଲେ।

# ହାଇକୋର୍ଟ ଡିସ୍‌ପେନ୍‌ସାରି ଉଦ୍‌ଘାଟିତ



ହାଇକୋର୍ଟ ଡିସ୍‌ପେନ୍‌ସାରି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତିମାନେ।

କଟକ,୧୮।୧୦ (କାର୍ତ୍ତିକ ସାହୁ)

ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହାଇକୋର୍ଟ ଡିସ୍‌ପେନ୍‌ସାରିକୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଡିସ୍‌ପେନ୍‌ସାରିରେ ଏଲୋପ୍ୟାଥିକ୍, ହୋମିଓପ୍ୟାଥିକ ଓ ଫିଜିଓଥେରାପି ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ନିଃଶୁଳ୍କ ମେଡିସିନ ବିତରଣ ସହ ଅନ୍ୟାନ୍ୟ ମୌଳିକ ସ୍ୱାସ୍ଥ୍ୟ ସେବା ଏଠାରେ ଯୋଗାଇ ଦିଆଯାଉଛି। ହାଇକୋର୍ଟ ପରିସରରେ ଡିସ୍‌ପେନ୍‌ସାରି ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପାଇଁ ଜାଗାର ଅଭାବ ଥିଲେ ମଧ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏଥିସହ ପାଥୋଲାବ, ଲାକ୍‌ଟେସନ ରୁମ୍ ଓ ଶିଶୁଙ୍କ ପାଇଁ କ୍ରେଚ ବ୍ୟବସ୍ଥା ରହିଥିବା ଜଣାପଡିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ।

# ରୂପଯାତ୍ରା, କୁମାରୋତ୍ସବ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୮।୧୦(ଆଶୁତୋଷ ଦାସ)

ଚୌଦ୍ୱାରର ପ୍ରସିଦ୍ଧ କୁମାରୋତ୍ସବ ଓ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ସ୍ଥାନୀୟ ପୌର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା, ରୂପଯାତ୍ରା କମିଟି, କମିଶନ୍‌ରେଟ୍ ପୋଲିସ ଓ ସେବା ଯୋଗାଉଥିବା ସମସ୍ତ ସରକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମେଢ଼ ଭସାଣି ପାଇଁ ପୌରପାଳିକା ପକ୍ଷରୁ ଅସ୍ଥାୟୀ ପୋଖରୀ ନିର୍ମାଣ, ଆଲୋକୀକରଣ, ରାସ୍ତାଘାଟ ମରାମତି, ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯାତ୍ରା କମିଟି ସଭାପତି ସୁବୋଧ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, ପ୍ରେମଚାନ୍ଦ ନାୟକ, ବିଷ୍ଣୁଚରଣ ପରିଡ଼ା, ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶମ୍ଭୁନାଥ ସେଠୀ, ଟାଟା ପାୱାର ଏସ୍‌ଡିଓ ସମୀରକାନ୍ତ ପଢ଼ିହାରୀ, ଅକ୍ଷୟ ମିଶ୍ର, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସ୍‌ଡିଓ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଚାନ୍ଦିମେଢ଼ ଉଦ୍‌ଘାଟିତ



ଚାନ୍ଦିମେଢ଼ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୧୮।୧୦( ସୁପ୍ରିୟା ପ୍ରିୟଦର୍ଶିନୀ)

କଟକର ମହମ୍ମଦିଆ ବଜାର ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ନୂତନ ଚାନ୍ଦି ମେଢ଼ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଦେଢ଼ କୁଇଣ୍ଟାଲ ଚାନ୍ଦିରେ ଏହି ମେଢକୁ ଫିଟିଂ କରିବା ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମେଢରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଇଛି। ଏହି ଅବସରରେ କଟକ ମହାନଗର ପୂଜା କମିଟି ଅନ୍ତର୍ଗତ ସମସ୍ତ ପୂଜା ମଣ୍ଡପର ସଭାପତି, ସମ୍ପାଦକ, ଶାନ୍ତି କମିଟି କର୍ମକର୍ତ୍ତା, ଲୋକ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, କଂଗ୍ରେସ ନେତା ସୁରେଶ ମହାପାତ୍ର, ସିଏମ୍‌ସି ମେୟର ସୁବାସ ସିଂ, ମହମ୍ମଦିଆ ବଜାର ପୂଜା କମିଟି ସଭାପତି ଭାନୁପ୍ରତାପ ସାହୁ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବାରିକ ପ୍ରମୁଖ ଉପସ୍ଥିତଥିଲେ।

# ଚିଲିକାରେ ନୌକାୟନ ଅଭିଯାନ

କଟକ,୧୮।୧୦ (କାର୍ତ୍ତିକ ସାହୁ)



ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ନାଭାଲ ୟୁନିଟ୍ କଟକ ନେତୃତ୍ୱରେ ଚିଲିକାରେ ୧୦ ଦିନିଆ ନୌକାୟନ ଅଭିଯାନ ଚାଲିଛି। ଏନ୍‌ସିସିର ଚିଲିକା କମାଣ୍ଡର ସଞ୍ଜୀବ ତୋମାର ଏହାକୁ ଉଦ୍‌ଘାଟନ କରି କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ନୌକାୟନ ଅଭିଯାନରେ ୬୦ ଜଣ କ୍ୟାଡେଟ୍ ସାମିଲ ହୋଇଛନ୍ତି। ସେମାନେ ନୌଯାତ୍ରାରେ ୨୧୦ କିଲୋମିଟର ଅତିକ୍ରମ କରିବା ସହ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ଭାଗ ନେବେ। କ୍ୟାମ୍ପ କମାଣ୍ଡର ପିୟୁସ ପ୍ରତିମ ଦାସ ଓ ସୁରକ୍ଷା ଅଧିକାରୀ କମାଣ୍ଡର ସୁନୀଲ କୁମାର ବେହେରା ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ଏସ୍‌ସିବି ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟ କଟକ ବଡ଼ ମେଡିକାଲକୁ ଉନ୍ନତ ଚିକିତ୍ସା ପାଇବା ଆଶାରେ ପ୍ରତିଦିନ ଦୂର ଦୂରାନ୍ତରୁ ବହୁ ସଂଖ୍ୟକ ରୋଗୀ ଆସୁଛନ୍ତି। ହେଲେ ସେମାନେ ଏଠାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବିଭିନ୍ନ ପ୍ରକାର ପରୀକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ କାଉଣ୍ଟର ଖୋଲିବା ସହ ଯନ୍ତ୍ରପାତି ଓ ଟେକ୍ନିସିଆନ ଯୋଗାଇ ଦେବା, ନିରାମୟରେ ସମସ୍ତ ଔଷଧ ଉପଲବ୍ଧ କରିବା, ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ପ୍ରଦାନ ଭଳି ୯ ଦଫା ଦାବି ପୂରଣ ପାଇଁ ଏସ୍‌ୟୁସିଆଇ(ସି) ପକ୍ଷରୁ ଦାବି କରାଯାଇଛି। ଏସ୍‌ୟୁସିଆଇ(ସି)ର ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସୌଭାଗ୍ୟ ସାମଲ, ଭାଗ୍ୟରବି ଦାସ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।




ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଏଥରର ଆକର୍ଷଣ ନେପାଳ ଜାନକୀ ମନ୍ଦିର ତୋରଣ

କଟକ,୧୮।୧୦( ସୁପ୍ରିୟା ପ୍ରିୟଦର୍ଶିନୀ)




ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହି ପୂଜା ଦୌଡରେ ସାମିଲ ହୋଇଛି ଶଙ୍କରପୁର-ବାଦାମବାଡି ପୂଜା କମିଟି। ଚଳିତବର୍ଷ କମିଟି ପକ୍ଷରୁ ବାଦାମବାଡି ଛକରେ ନେପାଳର ଜନକପୁରସ୍ଥିତ ଜାନକୀ ମନ୍ଦିର ଆକୃତିର ତୋରଣ ନିର୍ମାଣ କରାଯାଉଛି। ଏହି ତୋରଣ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିବ। ଏହାର ଉଚ୍ଚତା ୬୦ ଫୁଟ ଓ ଚଉଡା ୮୦ ଫୁଟ ରହିଛି। ସପ୍ତମୀ ଦିନ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିବେ। ସେହିଭଳି ଆକର୍ଷଣୀୟ ଲାଇଟ୍ ଏବଂ ଗେଟ୍ ନିର୍ମାଣ କରାଯାଉଛି। ଏହାକୁ ଡିସିପି ପିନାକ ମିଶ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭସାଣି ଶୋଭାଯାତ୍ରାରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ନାଇଡୁ ବ୍ୟାଣ୍ଡ ପାର୍ଟିକୁ କମିଟି ପକ୍ଷରୁ ଅଣାଯିବ। ପ୍ରାୟ ୫ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ବଜାର ଓ ଅଟୋ ଷ୍ଟାଣ୍ଡରେ ବଣ୍ଟାଯିବ। ଏଥିସହ ଦଶମୀ ଦିନ ୨୦୦୦ ଲୋକଙ୍କ ପାଇଁ ଦହି ପଖାଳ ବ୍ୟବସ୍ଥା କରାଯିବ। ଚଳିତବର୍ଷ ପୂଜା ବଜେଟ ପ୍ରାୟ ୨୫ ଲକ୍ଷ ଟଙ୍କା ରହିଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଜଣାପଡ଼ିଛି।

**ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି**



"ଏଠାରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା କରାଯାଏ। ଦୁର୍ଗା ପୂଜା ସମୟରେ ମାଟିରେ ତିଆରି ମହାଦେବଙ୍କର ମୂର୍ତ୍ତିକୁ ପୂଜା କରାଯାଏ। ମହାଦେବଙ୍କର ମୃଣ୍ମୟୀ ମୂର୍ତ୍ତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ସହ ଭସାଣି ଉତ୍ସବକୁ ଗୁରୁତ୍ୱ ଦିଆଯାଉଛି। ତୋରଣ ଲାଗି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଯାଜପୁର ଜିଲା ଜାରକାର ଶାରଳା ଟେଣ୍ଟହାଉସ ଏହାର ନିର୍ମାଣ ଦାୟିତ୍ୱ ନେଇଛି।

**ପ୍ରମୋଦ ପାତ୍ର, ସଭାପତି**



"ସହରରେ ଥିବା ପୂଜା ମଣ୍ଡପ ମଧ୍ୟରେ ଶଙ୍କରପୁର-ବାଦାମବାଡି ପୂଜା କମିଟି ଅନ୍ୟତମ। ମା' ଦୁର୍ଗାଙ୍କ ନିକଟରେ ଏକ ଅଖଣ୍ଡ ଦୀପ ବର୍ଷ ସାରି ଜଳିଥାଏ। ପ୍ରତିବର୍ଷ ଦଶହରାରେ କମିଟି ପକ୍ଷରୁ ମହାଦେବଙ୍କ ପୂଜା କରାଯାଉଛି। ଦଶମୀରେ ପାଣି କଖାରୁ ବଳି ଦିଆଯିବ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ବାଦାମବାଡି ବଜାର ଅଞ୍ଚଳରେ ଭୋଗ ଦିଆଯିବ।

**କୃଷ୍ଣଚନ୍ଦ୍ର ପରିଡା, ଯୁଗ୍ମ ସମ୍ପାଦକ**

**ଛାତ୍ରୀଛାତ୍ର, ମହିଳାଙ୍କୁ ନେଇ ହେବ ବିଭିନ୍ନ ପ୍ରତିଯୋଗିତା**

ପୁରୀ,(ଅଜିତ ମହାନ୍ତି): ପୁରୀ ଗଜପତି ନଗରସ୍ଥିତ ଶ୍ରୀକ୍ଷେତ୍ର ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆସନ୍ତା ୨୨ ତାରିଖରେ ରାଣୀସତୀ ଭବନ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ମହିଳାଙ୍କ ସମେତ ପ୍ରଥମ ଶ୍ରେଣୀଠାରୁ ୧୦ ଶ୍ରେଣୀର ଛାତ୍ରୀଛାତ୍ର ଭାଗନେଇପାରିବେ। ବୁଧବାର ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପୌର ସଦସ୍ୟ ପ୍ରଦୀପ କୁମାର ନାୟକ, ତ୍ରିନାଥ ମହାପାତ୍ର, ବିଚିତ୍ରା କୁମାର ଶତପଥୀ, କୈଳାଶ ପ୍ରସାଦ ତ୍ରିପାଠୀ, ରାକେଶ କୁମାର ମହାରଣା, ଚାରୁଲତା ମିଶ୍ର ଏବଂ ରବିନ୍ଦ୍ର କୁମାର ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବତୀ ମୃତ

ବଳଙ୍ଗା,୧୮।୧୦(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅଧୀନ ସାଦେରିଆ ଗ୍ରାମରେ ଜଣେ ଯୁବତୀଙ୍କ ବୁଧବାର ସକାଳେ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତ ଯୁବତୀ ହେଲେ ବିଦ୍ୟାଧର ସ୍ୱାଇଁଙ୍କ ଝିଅ ସ୍ୱପ୍ନାରାଣୀ(୩୨)। ପ୍ରକାଶ ଯେ, ସ୍ୱପ୍ନା ବୁଧବାର ଭୋର ସମୟରେ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସେହି ଗ୍ରାମର ଜଣେ ମହିଳା ଗାଧୋଇବାକୁ ଯାଇଥିବାବେଳେ ସେଠାରେ ଜଣେ ଝିଅ ଭାସୁଥିବା ଦେଖି ଗାଁଲୋକଙ୍କୁ ଡାକିଥିଲେ। ପରିବାରବର୍ଗ ଖବରପାଇ ସେଠାରେ ପହଞ୍ଚି ପୋଖରୀ ସ୍ୱପ୍ନାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସ୍ୱପ୍ନାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି।

### ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ଗୋପ,୧୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ): ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ମୃତକ ହେଲେ ଗୋପ ବ୍ଲକ ଅଧୀନ ସୁତନ ଗ୍ରାମର ଦେବାଶିଷ ପ୍ରଧାନ(୨୯)। ପ୍ରକାଶ ଯେ, ଗତ ୧୬ ତାରିଖ ସନ୍ଧ୍ୟାରେ ଦେବାଶିଷ ଏହି ଥାନା ଅଧୀନ ନାଗପୁର ବଜାରରୁ ସଉଦା ନେଇ ବାଇକ୍‌ରେ ଫେରୁଥିଲେ। ସେହି ସମୟରେ ତାଙ୍କୁ ଅପରପାର୍ଶ୍ୱରୁ ଏକ ବାଇକ୍ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଖବରପାଇ ପରିବାର ସଦସ୍ୟ ଗୁରୁତର ଅବସ୍ଥାରେ ଦେବାଶିଷଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଗୁରୁତର ଦେବାଶିଷଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପୁରୀ ସଦର ହସ୍ପିଟାଲ ଓ ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏନେଇ ମୃତକଙ୍କ ସମ୍ପର୍କୀୟ ଭାଇ ରାଜେଶ ପ୍ରଧାନ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୨୪/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କ୍ଲବ ପରିସରରୁ ନାଗସାପ ଉଦ୍ଧାର

ପୁରୀ,୧୮।୧୦(ଅଜିତ୍ ମହାନ୍ତି): ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ୍ ନୂଆସାହି କ୍ଲବ ପରିସରରୁ ବୁଧବାର ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପଲାଇନ ସଦସ୍ୟ ସଂଗ୍ରାମ ଉକ୍ତ ନାଗସାପଟିକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ଅପରାହ୍ନରେ କ୍ଲବ୍ ପରିସରକୁ ଯୁବକମାନେ ସଫା କରୁଥିଲେ। ଏହି ସମୟରେ ଏକ ସାପ ଥିବା ଯୁବକମାନେ ଦେଖିବାକୁ ପାଇ ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ।

# ବୃତ୍ତିରୁ ମୁହଁ ଫେରାଉଛନ୍ତି ଚିତ୍ରକାର

**ମିଳୁନି ଉପଯୁକ୍ତ ପାରିଶ୍ରମିକ**

- କଳାକାର ମାନ୍ୟତା ବିନା ଭତ୍ତା ପାଇବାରୁ ବଞ୍ଚିତ
- ଜିଲାପାଳଙ୍କୁ ଦାବିପତ୍ର ଦେଲା ଶ୍ରୀକ୍ଷେତ୍ର ଚିତ୍ରକାର ମହାସଂଘ

ପୁରୀ,୧୮।୧୦(ଅଜିତ ମହାନ୍ତି)



ଶ୍ରୀକ୍ଷେତ୍ର ଚିତ୍ରକାର ମହାସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଶ୍ରୀକ୍ଷେତ୍ର ଚିତ୍ରକାର ମହାସଂଘ ପକ୍ଷରୁ ୧୧ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଚିତ୍ରଶିଳ୍ପୀମାନେ ବିବାହ, ବ୍ରତଘର ଆଦି ସମୟରେ କାନ୍ଥରେ ଚିତ୍ର ଆଙ୍କିବାଠାରୁ ରାସ୍ତାଘାଟ କାନ୍ଥବାଡ଼ରେ ଚିତ୍ର ଅଙ୍କନ ସହ ସରକାରୀ ବୋର୍ଡ, ଗାଡ଼ି ନମ୍ବର ପ୍ଲେଟ ଷ୍ଟିକରିଂ କରିଥାନ୍ତି। କିନ୍ତୁ ଦୁଃଖର କଥା, ଏହି ବୃତ୍ତିରୁ ଧୀରେ ଧୀରେ ଚିତ୍ରକାରମାନେ ମୁହଁ ଫେରାଇ ନେବାକୁ ବସିଲେଣି। ସରକାରଙ୍କ ପକ୍ଷରୁ କଳାକାର ମାନ୍ୟତା ମିଳିନାହିଁ। ଫଳରେ କଳାକାରମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ବର୍ଷର ସବୁ ସମୟରେ କାର୍ଯ୍ୟ ମିଳୁ ନ ଥିବାରୁ କଳାକାରଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇପଡୁଛି। ପରିବାର ଭରଣପୋଷଣ କରିବା ସମ୍ଭବ ହୋଇପାରୁନାହିଁ। ସରକାର ଜିଲାର ରଙ୍ଗତୂଳି ଚିତ୍ରକାର ଓ ଷ୍ଟିକର କଳାକାରଙ୍କୁ ଚିହ୍ନଟ କରି ଚିତ୍ରକାର ମାନ୍ୟତା ସହ ପରିଚୟପତ୍ର ପ୍ରଦାନ କରନ୍ତୁ। ଓାଲ୍‌ପେଣ୍ଟରମାନଙ୍କ ପାଇଁ ବର୍ଗଫୁଟ୍ ହିସାବରେ ସର୍ବନିମ୍ନ ପାରିଶ୍ରମିକ ମୂଲ୍ୟ ଧାର୍ଯ୍ୟ କରାଯାଉ। ୧୦ରୁ ଅଧିକ ଚିତ୍ରକାର ବା ଷ୍ଟିକର କଳାକାରଙ୍କୁ ନେଇ କାର୍ଯ୍ୟ କରୁଥିବା ସଂସ୍ଥା କ୍ଷେତ୍ରରେ ଇଏସ୍‌ଆଇ, ଇପିଏଫ୍ ବାଧ୍ୟତାମୂଳକ ଭାବେ ଲାଗୁ କରାଯାଉ। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପକରଣ ଯୋଗାଣ ସହ କଲ୍ୟାଣ ବୋର୍ଡ ଗଠନ କରାଯାଇ ସହାୟତା ଦିଆଯାଉ। ସରକାରୀ କାର୍ଯ୍ୟାଳୟଗୁଡ଼ିକର ବିଜ୍ଞାପନ ପ୍ରସାର ଦାୟିତ୍ୱ ଚିତ୍ରକାର ସଂଘକୁ ଦିଆଯାଉ। କଳାକାରଙ୍କୁ ଆବାସ ଯୋଜନା, ବିଶ୍ୱକର୍ମା ଯୋଜନାରେ ଅର୍ନ୍ତଭୁକ୍ତ କରାଯାଉ। ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ଉପଦେଷ୍ଟା ଶ୍ରୀକାନ୍ତ ପରିଜା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାତ୍ର, ସହସମ୍ପାଦକ ସରୋଜ କୁମାର ଦାଶ, କୋଷାଧ୍ୟକ୍ଷ ଏସ୍.କେ.ରାଜା, ସଭାପତି ଲିଙ୍ଗରାଜ ମହାରଣା, ଉପସଭାପତି ହାଡ଼ିବନ୍ଧୁ ମହାରଣା, ଶ୍ରମିକନେତା ଜଗନ୍ନାଥ ଦେଓ, ଷ୍ଟାଲିନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଦେବା ପୂର୍ବରୁ ମହାସଂଘ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ପିକେଡିଏ ଛକ ନିକଟରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲା।

## ୨ ଡାକ୍ତର, ୩୧ ଗ୍ରାମବାସୀଙ୍କ ନାମରେ ମାମଲା

- ଭିନ୍ନ ମୋଡ଼ ନେଉଛି ନାବାଳିକା ମୃତ୍ୟୁ ଘଟଣା
- ଭିଜିଲାନ୍ସ ତଦନ୍ତ ଦାବି

ଅସ୍ତରଙ୍ଗ, ୧୮।୧୦ (ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମର ସୁକାନ୍ତ ସେନାପତିଙ୍କ ୬ବର୍ଷର ନାବାଳିକା ଝିଅ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ ନେଇଛି। ହାଇକୋର୍ଟ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସକୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେବା ସହ ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ପରାମର୍ଶ ଦେଇଛନ୍ତି। ଘଟଣାଟି ୧ବର୍ଷ ତଳର ହୋଇଥିଲେ ବି ଏବେ ୨ ଡାକ୍ତରଙ୍କ ସମେତ ୩୧ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସୂଚନା ମୁତାବକ ବର୍ଷକ ତଳେ ସୁକାନ୍ତ ସେନାପତିଙ୍କ ଝିଅଙ୍କୁ ଜ୍ୱର ହୋଇଥିଲା। ସୁକାନ୍ତଙ୍କ ମା' ଝିଅକୁ ଧରି ମନୋଜ କୁମାର ଦଳାଇଙ୍କ ନିକଟକୁ ଯାଇଥିଲେ। ମନୋଜ କାକଟପୁର ବ୍ଲକ ବାଙ୍ଗୁରୀଗାଁ ମେଡିକାଲରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଝିଅର ଦେହ ଖରାପ ଜାଣି ମନୋଜ ତାଙ୍କୁ ଅସ୍ତରଙ୍ଗ ମେଡିକାଲକୁ ନେବାପାଇଁ ପରାମର୍ଶ ଦେଇଥିଲେ। ମନୋଜଙ୍କ ପରାମର୍ଶରେ ପରିବାର ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝିଅକୁ ନେଇଥିଲେ। ପରେ ସେଠାରେ କାର୍ଯ୍ୟରତ ଡାକ୍ତର ଝିଅର ଅବସ୍ଥା ଦେଖି ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ପରେ ସରକାରୀ ଆମ୍ବୁଲାନ୍ସରେ ଝିଅକୁ ଚାରିଛକ ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲେ ବି ସେଠାରେ ଡାକ୍ତର ଝିଅଟିକୁ ମୃତ ଘୋଷଣା କରିଥିଲେ। ଶେଷରେ ସୁକାନ୍ତ ମୃତ ଝିଅକୁ ଧରି ଗ୍ରାମକୁ ଫେରିଥିଲେ ଓ ଗ୍ରାମର କିଛି ମୁରବୀଙ୍କ ସହାୟତାରେ ମୃତଦେହ ସତ୍କାର କରାଯାଇଥିଲା। ବର୍ଷକ ପରେ ସୁକାନ୍ତ ଅଭିଯୋଗ ଆଣିଛନ୍ତି ଯେ ମନୋଜ ଭୁଲ୍ ଇଞ୍ଜେକସନ୍ ଦେବାରୁ ତାଙ୍କ ଝିଅର ମୃତ୍ୟୁ ହୋଇଛି। ଏହାକୁ ନେଇ ସେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାଟି ବିଳମ୍ବ ହୋଇଯାଇଥିବା ଜାଣି ପୋଲିସ ଅଭିଯୋଗ ଗ୍ରହଣ କରିନଥିଲା। ପରେ ସୁକାନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ୩୦ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ ଆମେ ସୁକାନ୍ତଙ୍କ ପରିବାରର ସହମତିରେ ମୃତଦେହ ସତ୍କାର କରିଥିଲୁ। ଘଟଣାରେ ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବରିମଣ୍ଡଳ କ୍ଷତ୍ରିୟ-ଖଣ୍ଡାୟତ ମହାସଭା


ବରିମଣ୍ଡଳ କ୍ଷତ୍ରିୟ-ଖଣ୍ଡାୟତ ମହାସଭାରେ ଉପସ୍ଥିତ କର୍ମକର୍ତ୍ତା ଏବଂ ସଦସ୍ୟମାନେ।

କଣାସ,୧୮।୧୦(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଗଡ଼ବଡ଼ପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରିମଣ୍ଡଳ ଶ୍ରୀଶ୍ରୀ ଗତିଶ୍ୱର ମହାଦେବଙ୍କ ପୀଠରେ ରାଜ୍ୟ କ୍ଷତ୍ରିୟ-ଖଣ୍ଡାୟତ ମହାସଭାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ରାଜ୍ୟ ସଭାପତି ଯୋଗୀନାଥ ବଳିୟାରସିଂହ। ସେ କ୍ଷତ୍ରିୟ-ଖଣ୍ଡାୟତ ମହାସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା କଣାସ ମୁଲକର ପାଇକ ଦାୟାଦମାନଙ୍କୁ ଅବଗତ କରାଇଥିଲେ। ସାରସ୍ୱତ ସାଧକ ଡକ୍ଟର ହେମନ୍ତ କୁମାର ଛୋଟରାୟ, ଶିକ୍ଷାବିତ୍ ସତ୍ୟବାନ ଶ୍ରୀଚନ୍ଦନ, ରମେଶ ଚନ୍ଦ୍ର ରାଉତ, ଯୁବନେତା ଦେବରାଜ ରଣହାନ୍ଦୋଳ, କେଦାରେଶ୍ୱର ଜଗଦ୍ଦେବ ଓ ସାମାଜିକ କର୍ମୀ ତଥା ଯୁବନେତା ସୁକାନ୍ତ କିଶୋର ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ଛଳରେ ଖୋର୍ଦ୍ଧା ଦୁର୍ଗର ଖନନ ଏବଂ ସଂରକ୍ଷଣ, ପାଇକ ସ୍ମୃତି ପୀଠର ତୁରନ୍ତ କାର୍ଯ୍ୟାନ୍ୱୟନ, ପ୍ରତିରକ୍ଷା କ୍ଷେତ୍ରରେ ପାଇକ ରେଜିମେଣ୍ଟ ସ୍ଥାପନ, ପାଇକ ବିଦ୍ରୋହକୁ ଭାରତ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ବିଦ୍ରୋହର ମାନ୍ୟତା ପ୍ରଦାନ, ଗ୍ରାମାଞ୍ଚଳରେ ପାଇକ ଆଖଡାର ପୁନଃ କାର୍ଯ୍ୟକାରିତା ଇତ୍ୟାଦି ସଂପର୍କରେ ସରକାର ଦୃଷ୍ଟି ଦେବାକୁ ଦାବି କରିଥିଲେ। କ୍ଷତ୍ରିୟ-ଖଣ୍ଡାୟତ ମହାସଭାର କଣାସ ବ୍ଲକରେ ଏକ ଶାଖା ଗଠନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯିବା ସହ ସୁକାନ୍ତ କିଶୋର ସାମନ୍ତରାୟଙ୍କୁ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଗଲା।



ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ପିପିଲି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ପିପିଲି,୧୮।୧୦(ଦୁର୍ଗା ମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ପିପିଲି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜବାହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷାଧିକାରୀ ସାହେବ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ମୋଟ ୧୭ଟି କ୍ଲଷ୍ଟରରୁ ମନୋନୀତ ପ୍ରାୟ ୫ଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏସେ, ଡିବେଟ୍, କୁଇଜ୍, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ଡିବେଟ୍‌ରେ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ବିଚାରକ ଭାବେ ଏବଂ ସଙ୍ଗୀତରେ ସଚ୍ଚିକାନ୍ତ ନାୟକ, ପବିତ୍ର ପରିଡ଼ା ଏବଂ ଶ୍ୱେତପଦ୍ମା ପଣ୍ଡା ସୁପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସରକାରଙ୍କ ସଫଳ ଶିକ୍ଷାନୀତିକୁ ପାଥେୟ କରି ଶିକ୍ଷା ଭିତ୍ତିକ ନାଟକ ଖୁବ୍ ଚିତ୍ତାକର୍ଷକ ହୋଇଥିଲା।

## ମ୍ୟୁଟେଶନ କେସ୍ ଫଇସଲା, ରାଜସ୍ୱ ଆଦାୟକୁ ଗୁରୁତ୍ୱ

**ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ପର୍ଷଦ ସଭ୍ୟ**

ପୁରୀ, ୧୮।୧୦(ଅଜିତ ମହାନ୍ତି)

ରାଜସ୍ୱ ପର୍ଷଦ ସଭ୍ୟ ସି.ଜେ. ବେନୁଗୋପାଳ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେନୁଗୋପାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ବିଭିନ୍ନ ବିଭାଗର ସମୀକ୍ଷା କରିବା ସହ ଜନସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ପ୍ରସ୍ତାବ, ରାଜସ୍ୱ ଆଦାୟ, ମ୍ୟୁଟେଶନ କେଶ୍ ଫଇସଲା, ଶିକ୍ଷାନୁଷ୍ଠାନଗୁଡ଼ିକ ସପକ୍ଷରେ ଜମିପଟ୍ଟା ତ୍ୱରାନ୍ୱିତ, ବିଭିନ୍ନ ସାର୍ଟିଫିକେଟ ମାମଲାର ତୁରନ୍ତ ଫଏସଲା ଉପରେ ବେନୁଗୋପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ସମୟରେ ଜିଲାପାଳ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ଗୋପୀନାଥ ମିଶ୍ର, ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ରାଜସ୍ୱ ପର୍ଷଦ ସଭ୍ୟ ସି.ଜେ. ଭେନୁଗୋପାଳ ଏବଂ ଅନ୍ୟ ଅତିଥିମାନେ।

## ବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ସଚେତନତା

ପୁରୀ, ୧୮।୧୦(ଅଜିତ ମହାନ୍ତି)

ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୋଲିସ୍ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ଛୋଟ ସଚେତନତା ବାର୍ତ୍ତାମୂଳକ ଭିଡିଓମାନ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ବିଦ୍ୟାର୍ଥୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍‌କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବେ ସେ ବିଷୟରେ ବୁଝାଇ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

**ମା' ଦୁର୍ଗାଙ୍କ ଶ୍ଳୋକ ଗାଇ ମନ ଜିଣିଲେ ସମ୍ବିତ ପାତ୍ର**

ପିପିଲି,୧୮।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲି ଏନ୍‌ଏସିରେ ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର ଏଥିରେ ଯୋଗଦେଇ ଏନ୍‌ଏସିରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କଠାରୁ ମାଟି ସଂଗ୍ରହ କରିଥିଲେ। ଅପରାହ୍ନରେ ପିପିଲି ପୌରାଞ୍ଚଳ ଭାଜପା ଦଳୀୟ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ଚାନ୍ଦୁଆ ନଗରୀ ସହ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ସହ ପିପିଲି ବ୍ଲକର ଜଗନ୍ନାଥପୁର, ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ପୂବା ପଞ୍ଚାୟତରେ ମଧ୍ୟ ମାଟି ସଂଗ୍ରହ କରାଯାଇଥିବା ଜିଲା ଭାଜପା ସଭାପତି ପଟ୍ଟନାୟକ କହିଛନ୍ତି। ବୀର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦିଲ୍ଲୀ ଦରବାରରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ ଏହି ମାଟି ସଂଗ୍ରହ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ମିଳୁଥିବାରୁ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଖୁସି ବ୍ୟକ୍ତ କରିଥିଲେ। ଶୋଭାଯାତ୍ରାରେ ସେ ମା' ଦୁର୍ଗାଙ୍କ ଶ୍ଳୋକ ଗାନ କରି ପିପିଲିବାସୀଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ଭାଜପା ସଭାପତି ପଟ୍ଟନାୟକଙ୍କ ସହ ପିପିଲି ଏନ୍‌ଏସି ମଣ୍ଡଳ ସଭାପତି ସୁକାନ୍ତ ଭଞ୍ଜ, କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ଶୁଭାଶିଷ ରଥ, ମୁକୁନ୍ଦପୁର ମଣ୍ଡଳ ସଭାପତି ସୁଧୀର ବିଶ୍ୱାଳ, ସାତଶଙ୍ଖ ମଣ୍ଡଳ ସଭାପତି ପ୍ରଦୀପ ପାତ୍ର, ଗଡ଼ମୋଟରୀ ମଣ୍ଡଳ ସଭାପତି ଶ୍ୱେତ ନାୟକ, ଘୋରଡ଼ିଆ ମଣ୍ଡଳ ସଭାପତି ଲଡୁକିଶୋର ରାୟ ପ୍ରମୁଖ ସାମିଲ ହୋଇଥିଲେ।


ଶୋଭାଯାତ୍ରାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର ଯାଉଛନ୍ତି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ମିଲେଟ ପ୍ରତିଯୋଗିତା

**୩୩ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ**

ନିମାପଡ଼ା,୧୮।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସମୂହର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍‌ସ ପ୍ରତିଯୋଗିତା ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପୁରୀ ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ନିମାପଡ଼ା କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ୍, ଜବରା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମଲ୍ଲିକ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ଦାଶ, ପ୍ରତିଭା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ଉଜ୍ଜୀବିତ କରି ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ବ୍ଲକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଅଧ୍ୟକ୍ଷତା କରି ସମାରୋହର ଲକ୍ଷ୍ୟ, ଉଦ୍ଦେଶ୍ୟ, ବାବଦରେ କହିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକର ୧୮୩ଟି ବିଦ୍ୟାଳୟ, ୧୭ଟି ଯୁକ୍ତ ୨ କଲେଜର ମୋଟରେ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୩ଟି ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଡିବେଟ୍, ରଚନା, ସୃଜନଶୀଳ ଲେଖ, ଯୁକ୍ତିମୂଳକ ସନ୍ଦର୍ଭ କଥନ, ମିଲେଟ ସମିସନ, ନୃତ୍ୟ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୩ଟି ବର୍ଗରେ ୩୩ ଜଣ କୃତୀ ଛାତ୍ରୀଛାତ୍ର ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସମାରୋହରେ କୃତୀ ପ୍ରତିଭାଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବରେ ବ୍ଲକର ସମସ୍ତ ସିଆର୍‌ସିସି, ବିଆର୍‌ସିସି, ଶିକ୍ଷକ ସଂଗଠନର କର୍ମକର୍ତ୍ତା, ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): କଳାହାଣ୍ଡିରେ ୩.୮୯ କୋଟିର ଗଞ୍ଜେଇ ଜବତ ମାମଲାରେ ଗିରଫ ହୋଇଥିବା ଜଣେ ଆନ୍ତଃରାଜ୍ୟ ଚାଲାଣକାରୀ ୫ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ବାନ୍ଦା ଅଞ୍ଚଳର ମୈନୁଦ୍ଦିନ୍। ବୁଧବାର ଭବାନୀପାଟଣା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତର ବିଚାରପତି ରଞ୍ଜନ କାନୁନ୍‌ଗୋ ତାଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୨ ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ମୈନୁଦ୍ଦିନ୍‌ଙ୍କୁ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ବିଚାରପତି ରାୟ ଶୁଣାଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ଜିତେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ସଂକ୍ଷେପରେ**

## ଏଲ୍‌ଜେପିଆର୍ ପକ୍ଷରୁ ରାସ୍ତାରୋକୋ

ବାଲିପାଟଣା,୧୮।୧୦(ଅଭିମନ୍ୟୁ ନାୟକ)

ଲୋକ ଜନଶକ୍ତି ପାର୍ଟି ଆର୍ (ଏଲ୍‌ଜେପିଆର୍) ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ନିଯୁକ୍ତି, କୃଷି ବିଭାଗରେ ଭିଏଡବ୍ଲ୍ୟୁ ନିଯୁକ୍ତି, ଧାନମଣ୍ଡିରେ କଟ୍‌ନୀଛଟନି ବନ୍ଦ, ସାରା ଜୟଦେବକୁ ତୁରନ୍ତ ପାନୀୟ ଜଳ ଯୋଗାଣ, ସମସ୍ତଙ୍କୁ ପରିମଳ ବ୍ୟବସ୍ଥା, ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ, ଚାଷ ସମୟ ପୂର୍ବରୁ ବିହନ ଓ ରବି ଫସଲ ମଞ୍ଜି ଯୋଗାଣ, ଉଦ୍ୟାନ ବିଭାଗର ଚାରା ବଣ୍ଟନ, ଫାଣ୍ଡିଗୁଡିକୁ ଥାନାର ମାନ୍ୟତା ପାଇଁ ବୁଧବାର ଦଳ ପକ୍ଷରୁ ବାଲିପାଟଣା ଛକ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ ମୁଖ୍ୟରାସ୍ତା ଅବରୋଧ କରାଯାଇଥିଲା। ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଲିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ଓମ୍ ପ୍ରକାଶ ମହାନ୍ତି ଏକ ପ୍ଲାଟୁନ ଫୋର୍ସ ମୁତୟନ କରିଥିଲେ। ଘଟଣା ସ୍ଥଳରେ ବିଭିନ୍ନ ବିଭାଗର ଅଧିକାରୀ ପହଞ୍ଚି ବୁଝାଶୁଝା କରିବାରୁ ରାସ୍ତାରେ ଯାତାୟାତରେ ସୁଧାର ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଧୀରେନ ଭୋଇ, ଜିଲା ସଭାପତି ଅନିତା ନାୟକ, ସଂଗଠନର ଉପଦେଷ୍ଟା ରମେଶଚନ୍ଦ୍ର ପଣ୍ଡା, ଯୁବ ସଭାପତି ବଳଭଦ୍ର ସେଠୀ, ତପନ ପ୍ରଧାନ, ବିଶ୍ୱନାଥ ମଲ୍ଲିକ, ମଦନ ନାୟକ, ଦୀପ୍ତି ରଞ୍ଜନ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜୟନ୍ତୀ ରୋହି, ଭାକୁର ମାଛ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲକାଟୀ,୧୮।୧୦(ମନୋଜ ମଣ୍ଡଳ)

କୌଶଲ୍ୟାଗଙ୍ଗସ୍ଥିତ ମଧୁର ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥା(ସିଫା) ପକ୍ଷରୁ ଉନ୍ନତ ଅନୁବଂଶୀୟ ଜୟନ୍ତୀ ରୋହି ଓ ଭାକୁର ମାଛ ପ୍ରଜନନକୁ ବହୁଗୁଣିତ କରିବାକୁ ୩ ଜଣ ଅଗ୍ରଣୀ ଚାଷୀଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅଗ୍ରଣୀ ଚାଷୀମାନେ ହେଲେ ମହାରାଷ୍ଟ୍ରର ଝୁଲେକା ଫିରୋଜ ତମ୍ବଲି, କେନ୍ଦ୍ରାପଡ଼ାର ଝିନା ପରିଡ଼ା ଓ ଆନ୍ଧ୍ରପ୍ରଦେଶର କୁମାର ସ୍ୱାମୀ। ଆୟୋଜିତ ଉତ୍ସବରେ ସିଫାର ନିର୍ଦ୍ଦେଶକ ଡ. ପିକେ ସାହୁ ଯୋଗଦେଇ ମଧୁର ଜଳଜୀବ ପାଳନ କରୁଥିବା ଚାଷୀଙ୍କ ପାଇଁ ଆଇସିଏଆର (ସିଫା)ଅନେକ ଜ୍ଞାନ କୌଶଳ ବିକଶିତ କରିଥିବା କହିଥିଲେ। ଏହି ଅବସରରେ ଫିସ ଜେନେଟିକ୍ସ ଓ ୟୋ ଟେକ୍ନୋଲୋଜି ବିଭାଗ ମୁଖ୍ୟ ଡ. ଜେକେ ସୁନ୍ଦରାୟ ଯୋଗଦେଇ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଫାର ପ୍ରଧାନ ବୈଜ୍ଞାନିକ ଡ. ଖୁଣ୍ଟିଆ ମୁର୍ମୁ, ସିଫାର ପୂର୍ବତନ ପ୍ରଧାନ ବୈଜ୍ଞାନିକ ଡ. କାନ୍ତାବାସ ମହାପାତ୍ର ଯୋଗଦେଇ ସିଫାରେ ହେଉଥିବା ଚୟନମୂଳକ ପ୍ରଜନନର ଐତିହାସିକ ପୃଷ୍ଠଭୂମିର ଆଲୋଚନା କରିବା ସହ ଏହି ବୁଝାମଣା ପତ୍ର ଦ୍ୱାରା ଉତ୍ପାଦନ ନିଶ୍ଚିତ ଭାବରେ ବୃଦ୍ଧି ପାଇବ ଓ ଉଭୟ ହାଚେରୀ ମାଲିକ ଓ ଚାଷୀ ଲାଭବାନ ହେବେ ବୋଲି କହିଥିଲେ। ବୈଜ୍ଞାନିକ ଡ. ଅବିନାଶ ରଶାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମୁର୍ମୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପି ଦାସ, ଡ. ଏମ୍ ସାମନ୍ତ, ଡ. ଏସ୍‌କେ ସ୍ୱାଇଁ, ଡ. ଜିଏସ୍ ସାହା, ଏଚ୍ ମିନା ଓ ଏସ୍‌ଏସ୍ ମହାପାତ୍ର ଯୋଗଦେଇଥିଲେ।

# ସିକ୍ୟୁରିଟି ଗାର୍ଡଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

## ରାଜଧାନୀରେ ଆତଙ୍କରାଜ

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)



ସିସିଟିଭିରେ କଏଦ ହୋଇଥିବା ଆକ୍ରମଣ ସମୟର ଦୃଶ୍ୟ। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଗୌରାଙ୍ଗ ଦାସ।

ଭୁବନେଶ୍ୱରରେ ଲୁଟ୍, ଚୋରି, ଡକାୟତି ଓ ଆକ୍ରମଣ ଆଦି ଘଟଣା ଦିନକୁ ଦିନ ବଢ଼ିଚାଲିଛି। ଘରେ ହେଉ କି ବାହାରେ ସବୁଠି ଜନସାଧାରଣ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ବିଳମ୍ବିତ ରାତିରେ ଅପରାଧୀମାନେ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। କଟକ-ପୁରୀ ବାଇପାସ୍ ରୋଡସ୍ଥିତ ମଙ୍ଗରାଜ ପଏଣ୍ଟ ନିକଟରେ ଥିବା ଏକ ଇଲେକ୍‌ଟ୍ରିକ୍ ଅଟୋ ଶୋରୁମ୍‌ର ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଗୁରୁତର କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ଜଗତ୍‌ସିଂପୁର ଜିଲା ବାଲିକୁଦା ଅଞ୍ଚଳର ଗୌରାଙ୍ଗ ଦାସ। ଗୌରାଙ୍ଗଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ସେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଜୟଦେବବିହାରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏ ସଂକ୍ରାନ୍ତରେ କେ.୧ ସିକ୍ୟୁରିଟି ସଂସ୍ଥାର ସୁପରଭାଇଜର୍ ପ୍ରକାଶ ପତି ବୁଧବାର ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲା ଆଧାରରେ ଏକ ମାମଲା (ନଂ.୫୮୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଆକ୍ରମଣ ଘଟଣା ଶୋ'ରୁମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରେ କଏଦ୍ ହୋଇଛି। ଦୁଇ ଦୁର୍ବୃତ୍ତ ଖଣ୍ଡାରେ ଗୌରାଙ୍ଗଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଲୁଟ୍ ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଉକ୍ତ ଶୋ'ରୁମ୍(ଅଲ୍‌ଟିଗ୍ରିନ୍)ରେ ଗୌରାଙ୍ଗ ସବୁଦିନ ଭଳି ସୋମବାର ରାତିରେ ମଧ୍ୟ ଡିଉଟି କରୁଥିଲେ। ରାତି ପ୍ରାୟ ୧୧ଟା ୩୨ ସମୟରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଶୋ'ରୁମ୍ ନିକଟକୁ ଆସି ଚେୟାରରେ ବସିଥିବା ଗୌରାଙ୍ଗଙ୍କୁ ପାଣି ମାଗିଥିଲେ। ଗୌରାଙ୍ଗ ପାଣି ଦେବା ପରେ ସୁଯୋଗ ଦେଖି ସେମାନେ ତାଙ୍କଠୁ ମୋବାଇଲ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ଗୌରାଙ୍ଗ ପ୍ରତିରୋଧ କରିବାରୁ ଦୁଇ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଖଣ୍ଡାରେ ହାଣିଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଗୌରାଙ୍ଗ ତଳେ ପଡ଼ିଯିବାରୁ ନିକଟରେ ଥିବା ଜଣେ ପାନଦୋକାନୀ ତାଙ୍କ ପାଖକୁ ଆସି ପୋଲିସକୁ ଖବର ଦେଇଥିଲେ। ତେବେ ପୁରୀ ବାଇପାସ୍ ଅଞ୍ଚଳ ଶୂନ୍‌ଶାନ୍ ହୋଇଥିବା ବେଳେ ପୋଲିସର ଢ଼ିଲା ପାଟ୍ରୋଲିଂ ପାଇଁ ଲୁଟେରାମାନେ ସକ୍ରିୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

## ପ୍ରଥମ ଅପିଲ ଶୁଣାଣିବେଳେ ହାଜର ହେଲେନି ପିଆଇଓ

### ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ମାମଲା

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ମାମଲା ଉପରେ ସୂଚନା ନ ମିଳିବାକୁ ନେଇ ବୁଧବାର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ସତନ୍ତ୍ର ସଚିବ ମୁକୁଲ ଚନ୍ଦ୍ର ବେରାଙ୍କ କୋର୍ଟରେ ଶୁଣାଇ ହୋଇଥିଲା। ସେହି ଗୋଟିଏ କୋଠାରେ କାର୍ଯ୍ୟ କରୁଥିବା ଏଫ୍‌ଇ-୨ର ଲୋକ ସୂଚନା ଅଧିକାରୀ(ପିଆଇଓ) ତଥା ଅନୁଶାସନ ସଚିବ ଦୀପକ ବରାଳ କିମ୍ବା ତାଙ୍କର କୌଣସି କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ସମୟରେ କୋର୍ଟରେ ହାଜର ହୋଇ ନ ଥିଲେ। ଶେଷରେ ୭ ଦିନ ମଧ୍ୟରେ ପଦୋନ୍ନତି ପାଇଥିବା ଓ ଅପେକ୍ଷା ତାଲିକାରେ ଥିବା ଯନ୍ତ୍ରୀଙ୍କ ନାମ ତାଲିକା ଆବେଦନକାରୀଙ୍କୁ ବିନା ଖର୍ଚ୍ଚରେ ଦେବା ପାଇଁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ବେରା ନିର୍ଦ୍ଦେଶ ଦେଇଥିଲେ। ୨୦୨୧-୨୦୨୨ରେ ଏହି ପଦବୀ ପାଇଁ ଯୋଗ୍ୟ ଯନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୭୦ ଭାଗ ପଦୋନ୍ନତି ପାଇଥିଲେ, ବାକି ଆଶାୟୀଙ୍କୁ ଏପର୍ଯ୍ୟନ୍ତ ପଦୋନ୍ନତି ମିଳିନାହିଁ। ଏ ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ମଗାଯାଇଥିଲା।

## ଲୋକାର୍ପିତ ହେଲା ହୁଲକ୍ ଗିବନ ଖୁଆଡ଼



ବାରଙ୍ଗ,୧୮।୧୦ (ଲିଙ୍ଗରାଜ ରାଉତ)

ଦୀର୍ଘଦିନର ବ୍ୟବଧାନ ପରେ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନୂତନ ଭାବେ ହୁଲକ୍ ଗିବନ ଏନ୍‌କ୍ଲୋଜର ବୁଧବାର ଲୋକାର୍ପଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଏହାକୁ ଲୋକାର୍ପିତ କରିଥିଲେ। ସେହିପରି ବହୁତଳ ରହଣିସ୍ଥଳରେ ନବନିର୍ମିତ ସେଲ୍ଫି ପଏଣ୍ଟ, ଫାଉଣ୍ଟେନ, ସୋଭେନର ଓ ବନପାଳ, ବନରକ୍ଷୀଙ୍କ ବାସଗୃହ ସମେତ ହ୍ୱାର୍ଟ୍ସଆପ ଟିକେଟ ବୁକିଂ କାଉଣ୍ଟର ମଧ୍ୟ ଉଦ୍‌ଘାଟନ କରିଥିଲେ। ନୂତନ ୫୯ନଂ. କ ଓ ଖ ଏନ୍‌କ୍ଲୋଜରରେ ୨ ହଳ ହୁଲକ୍ ଗିବନଙ୍କୁ ଛଡ଼ାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ସମେତ ଜଙ୍ଗଲ ବିଭାଗ ସଚିବ, ପ୍ରଧାନ ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ(ପିସିସିଏଫ୍) ସୁଶିଲ ପୋପଲି, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି.ନାୟର, ଉପନିର୍ଦ୍ଦେଶକ ସନଥ ନାରାୟଣ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଆଇଏମ୍‌ଏମ୍‌ଟିରେ ସ୍ପ୍ରିଙ୍ଗର ନେଚର ଇଣ୍ଡିଆର ରିସର୍ଚ୍ଚ ଟୁର୍ ଟିମ୍



ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିଠାରେ ସ୍ପ୍ରିଙ୍ଗର ନେଚର ଇଣ୍ଡିଆ ରିସର୍ଚ୍ଚ ଟୁର୍ ଟିମକୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ସ୍ପ୍ରିଙ୍ଗର ନେଚର ଇଣ୍ଡିଆ ରିସର୍ଚ୍ଚ ଟୁର୍ ଟିମକୁ ସ୍ୱାଗତ କରାଯାଇଛି। ଏହି ଅବସରରେ 'ଷ୍ଟେମ୍‌ରେ ମହିଳାଙ୍କ ପାଇଁ ବ୍ରେକିଂ ବ୍ୟାରିୟର' ଏବଂ 'ତାଙ୍କ ଗବେଷଣା, ଆମ ଭବିଷ୍ୟତ: ମହିଳା ଅଗ୍ରଣୀ ଆବିଷ୍କାର' ଶୀର୍ଷକ ଆଲୋଚନାଚକ୍ରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ଅଭିଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିଭାଗର ଯୁଗ୍ମ ସଚିବ ପି.କେ ବାନାର୍ଜୀ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ଭିଏଚ୍‌ୟୁ)ର କୁଳପତି ପ୍ରଫେସର ଏସ୍. କେ ଜୈନ ଯୋଗଦେଇଥିଲେ। ସ୍ପ୍ରିଙ୍ଗର ନେଚରର ଗବେଷଣା ପରିବେଶ ଆଲାଏନ୍ସର ନିର୍ଦ୍ଦେଶକ ଏଡ୍ ଗାର୍ଷ୍ଟନର ପ୍ରକୃତି ପ୍ରକାଶନର ପରିସର ଏବଂ ସମୀକ୍ଷା ଉପସ୍ଥାପନ କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ପ୍ରମୁଖ ବୈଜ୍ଞାନିକ ଡ. ଐଶ୍ୱର୍ଯ୍ୟା ଭି, ବୈଜ୍ଞାନିକ ଡ. ତୃପ୍ତି ଦାସ, ବୈଜ୍ଞାନିକ ଡ. ନୀଲୋତ୍ପଳା ପ୍ରଧାନ, କିଟ୍‌ର ଡ. ନମ୍ରତା ମିଶ୍ର ଏବଂ ମୁଖ୍ୟ ବୈଜ୍ଞାନିକ ଡ. ଏନ୍. କେ. ଧଳ ଷ୍ଟେମରେ ମହିଳାଙ୍କ ପାଇଁ ପ୍ରତିବନ୍ଧକ ଭାଙ୍ଗିବା ଉପରେ ବକ୍ତବ୍ୟ ରଖିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ କହିଲେ, ଇଣ୍ଡିଆ ରିସର୍ଚ୍ଚ ଟୁର ହେଉଛି ଭାରତୀୟ ଗବେଷଣା ସମୁଦାୟକୁ ଏକାଠି କରିବା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ଗବେଷଣା ପ୍ରକାଶ କରିବା ପାଇଁ ଏକ ପଦକ୍ଷେପ। ସ୍ପ୍ରିଙ୍ଗର ନେଚର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟେଶ ସର୍ବସିଦ୍ଧି ତାଙ୍କ ଦୃଷ୍ଟିକୋଣ ପ୍ରକାଶ କରିଥିଲେ।

## ଏକତରଫା ପ୍ରେମକୁ ବିରୋଧ କରିବାରୁ ମା', ଭାଇଙ୍କୁ ଆକ୍ରମଣ

ବାଲକାଟୀ,୧୮।୧୦(ମନୋଜ ମଣ୍ଡଳ)

ନାବାଳିକା କଲେଜ ଛାତ୍ରୀ ଜଣେ ଯୁବକଙ୍କ ଏକତରଫା ପ୍ରେମକୁ ବିରୋଧ କରିବାରୁ ଛାତ୍ରୀଙ୍କ ମା' ଓ ଭାଇଙ୍କୁ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣରେ ନାବାଳିକାଙ୍କ ଭାଇଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ପୋଲିସ ଉଭୟଙ୍କୁ ଡାକି ପଚରାଉଚରା କରି ଛାଡିଥିବା ଜଣାପଡିଛି। କିଛି ଦିନ ହେଲା ଯୁକ୍ତ ୩ରେ ପଢୁଥିବା ଯୁବକ ଜଣକ ନାବାଳିକାଙ୍କୁ ମୋବାଇଲରେ ବିଭିନ୍ନ ଅଶାଳୀନ ମେସେଜ୍ କରୁଥିଲେ। ଗତ ୧୪ ତାରିଖ ରାତିରେ ବାଡ଼ି ପଟେ ଦେଖା ହେବାକୁ ମେସେଜ ପଠାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଉକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ୧୬ ତାରିଖରେ ଉକ୍ତ ଯୁବକ ସହଯୋଗୀଙ୍କ ସହ ନାବାଳିକାଙ୍କ ଘର ଆଗରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ମଙ୍ଗଳବାର ରାତିରେ ଗାଁରେ ନିଶାପ ବସିଥିବାବେଳେ ଉକ୍ତ ଯୁବକ ଓ ତାଙ୍କ ସହଯୋଗୀ ନାବାଳିକାଙ୍କ ଭାଇ ଓ ବାପାଙ୍କୁ ଆକ୍ରମଣ କରିଥିଲେ।

## ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୦ ହଜାର ଲୁଟ୍

ବାଲକାଟୀ,୧୮।୧୦(ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡି ଅଧୀନ ସରକଣା ରାସ୍ତାରେ ବୁଧବାର ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ୨ ଜଣ ଦୁର୍ବୃତ୍ତ ଭୁଜାଲି ଦେଖାଇ ତାଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଅଭିଯୋଗ ପରେ ବାଲକାଟୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ସୂଚନା ମୁତାବକ, ବାଲକାଟୀ ଜଗେଶ୍ୱରୀ କଲୋନିଏଏରେ ଏକ ଘରୋଇ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ ଜୀବନଜ୍ୟୋତି ମହାନ୍ତି ନିଜର ସ୍କୁଟିରେ ସରକଣା ଅଞ୍ଚଳର ବୁଧିପଡ଼ା, ରଣପୁର, ବିରି ବଟି ଗ୍ରାମରୁ ଋଣ ନେଇଥିବା ହିତାଧିକାରୀଙ୍କଠାରୁ ଋଣ ଟଙ୍କା ସଂଗ୍ରହ କରି ଫେରୁଥିଲେ। ସେହି ସମୟରେ ପୂରଣ ଶାସନ ନିକଟରେ ଏକ ନିଛାଟିଆ ସ୍ଥାନରେ ଏକ ପୋଲିସ ବାଇକ୍ ତାଙ୍କୁ ଜଗି ରହିଥିଲା। ବାଇକ୍‌ରେ ୨ ଦୁର୍ବୃତ୍ତ ମୁଖା ପିନ୍ଧି ମହିଳାଙ୍କୁ ଭୁଜାଲି ଦେଖାଇ ତାଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ବାଲକାଟୀ ଫାଣ୍ଡି ପୋଲିସ ସେଠାରେ ପହଞ୍ଚିଥିଲେ। ହେଲେ ଦୁର୍ବୃତ୍ତଙ୍କ ଟେର ପାଇ ନ ଥିଲେ।

## ଇଣ୍ଡିଆନ୍ ଆଇଡଲ୍‌ରେ ଡାକ୍ତର ରୋହନ




ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଇଣ୍ଡିଆନ୍ ଆଇଡଲ ମଞ୍ଚରେ ଓଡ଼ିଆ ପୁଅ ଡ. ରୋହନ ବିଶ୍ୱାଳ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ରୋହନ ୧୪ତମ ଇଣ୍ଡିଆନ ଆଇଡଲ ଅଡିସନ୍‌ରେ ଗୋଲ୍ଡେନ ଟିକେଟ ହାତେଇ ଥିଏଟର୍ ରାଉଣ୍ଡକୁ ଟପ୍ ୨୭ରେ ପ୍ରବେଶ କରିଛନ୍ତି। ରୋହନ ବୃତ୍ତିରେ ଡାକ୍ତର ହେଲେ ମଧ୍ୟ ସଙ୍ଗୀତ ପ୍ରତି ରହିଛି ଅହେତୁକ ଭଲ ପାଇବା। ଜଣେ ଡାକ୍ତରଙ୍କ ଏଭଳି ସଙ୍ଗୀତ ପ୍ରେମ ଦେଖି ବଲିଉଡର ଚର୍ଚ୍ଚିତ କଣ୍ଠଶିଳ୍ପୀ ତଥା ଶୋ'ର ବିଚାରକ କୁମାର ସାନୁ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ତୁମେ ଯଦି ଏଭଳି ଗୀତ ଗାଇ ପୂରା ଭାରତ ବୁଲିବ ତୁମେ ସବୁଠି ଡାକ୍ତର ସିଙ୍ଗର ନାମରେ ପରିଚିତ ହୋଇଯିବ। ରୋହନ୍ କବୀର ସିଂ ଚଳଚ୍ଚିତ୍ରର କୈସେ ହୁଆ ସଙ୍ଗୀତ ପରିବେଷଣ କରିଥିଲେ। ଶୋ'ର ୩ ବିଚାରକ ବିଶାଲ ବଦ୍‌ଲାନି, କୁମାର ସାନୁ ଓ ଶ୍ରେୟା ଘୋଷାଲ ରୋହନଙ୍କ ଖୁବ୍ ପ୍ରଶଂସା କରିଥିଲେ। ପରେ ରୋହନଙ୍କ ଅନୁରୋଧ କ୍ରମେ କୁମାର ଶାନୁ ଭିଡିଓ କଲ୍ ମାଧ୍ୟମରେ ହସ୍ପିଟାଲରେ ଥିବା ଶିଶୁମାନଙ୍କୁ ଗୀତ ଗାଇ ଶୁଣାଇଥିଲେ। ଏ ସମ୍ପର୍କରେ ରୋହନ କହିଛନ୍ତି, ୪ବର୍ଷ ବୟସରୁ ମୁଁ ସଙ୍ଗୀତ ଶିକ୍ଷା କରି ଆସୁଛି। ୨୦୧୫ରେ ଇଣ୍ଡିଆନ ଆଇଡଲରେ ଟପ୍ ୨୦ ଯାଏ ରହିଥିଲି। ୨୦୧୩ରେ ଅକ୍ଷୟ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଆଶା ଭୋସଁଲେ ମୋତେ ପୁରସ୍କୃତ କରିଥିଲେ। ମୋର ୟୁଟ୍ୟୁବ ଚ୍ୟାନେଲ, ଅରଫାନ୍ ନାମକ ବ୍ୟାଣ୍ଡ ସହ ଲାଇଭ୍ ଶୋ ମଧ୍ୟ କରେ। ଏହି ଅଡିଶନ୍‌ରେ ଷ୍ଟାଣ୍ଡିଙ୍ଗ ଓବେସନ୍ ମିଳିଛି ଆଉ ବିଚାରକ ମଧ୍ୟ ପ୍ରଶଂସା କରିଛନ୍ତି।






## କଲ୍ୟାଣପୁର, ଦାଢ଼ା ପଞ୍ଚାୟତରେ ବିଜେଡି ଜନସମ୍ପର୍କ ପଦଯାତ୍ରା

ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ)



ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଭୁବନେଶ୍ୱର ବ୍ଲକର କଲ୍ୟାଣପୁର ଓ ଦାଢ଼ା ପଞ୍ଚାୟତରେ କର୍ମୀଙ୍କୁ ନେଇ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏହାର ନେତୃତ୍ୱ ନେଇଥିଲେ। ପଦଯାତ୍ରାରେ ଏମ୍‌ପି ମୁନ୍ନା ଖାଁ, ମୋ ପରିବାର ଅଧକ୍ଷ ଅରୂପ ପଟ୍ଟନାୟକ, ୩୦ନଂ. ଜୋନ୍ ଜିଲାପରିଷଦ ସଭ୍ୟା ବବିତା ରାଉତ, ୫ ପଞ୍ଚାୟତ ମୁରବି ଅନ୍ତର୍ଯାମୀ କୁଅଁର, ବିଜେଡିର ସାଙ୍ଗଠନିକ ସମ୍ପାଦକ ନିର୍ମଳ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମେ କଲ୍ୟାଣପୁର ପଞ୍ଚାୟତ କଲ୍ୟାଣପୁର ଗାଁମୁଣ୍ଡରୁ ଆରମ୍ଭ ହୋଇ କଲ୍ୟାଣପୁର ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ସେହିପରି ଅପରାହ୍ନରେ ଦାଢ଼ା ପଞ୍ଚାୟତ ବାଲିପଡ଼ା ହନୁମାନ ମନ୍ଦିର ଗଡ଼ାଠାରୁ ଆରମ୍ଭ ହୋଇ ବାଲିପଡ଼ା ଗ୍ରାମ ଶେଷମୁଣ୍ଡ ଖଣ୍ଡିଆ ନଈଠାରେ ଶେଷ ହୋଇଥିଲା। ଏହି ବିଶାଳ ଦୁଇଟି ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ରାଉତଙ୍କ ସାଙ୍ଗରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ। ଏହି ପଦାଯାତ୍ରା ସମୟରେ ବିଧାୟକ ରାଉତ ଗାଁଗଣ୍ଡାର ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହ ଗ୍ରାମମୁରବି, ମହିଳା, ଯୁବକ ଓ ଦଳୀୟକର୍ମୀ ଯୋଗଦେଇଥିଲେ।









ଷୋଳପୂଜା ଅବସରରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ। । ମା'ଗଡ଼ଚଣ୍ଡୀଙ୍କ ନାରାୟଣୀ ବେଶ। । ମା' ଝାଞ୍ଜିରୀମଙ୍ଗଳାଙ୍କ ବନଦୁର୍ଗା ବେଶ। । ମା' ବାସନ୍ତୀ ଦୁର୍ଗାଙ୍କ ନାରାୟଣୀ ବେଶ। । ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ଉଗ୍ରତାରା ବେଶ। । ବଡ଼ମ୍ବା ଭଟ୍ଟାରିକାଙ୍କ ଜୟଦୁର୍ଗା ବେଶ। । ନୂଆପାଟଣା କଳାପାଟ ଠାକୁରାଣୀଙ୍କ ଭୁବନେଶ୍ୱରୀ ବେଶ।

## ଆଜି କ'ଣ କେଉଁଠି

**ବଡ଼ମ୍ବା**

- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଖେଳ ପଡ଼ିଆ, ପୂର୍ବାହ୍ନ ୧୦ଟା।

**ଟିଗିରିଆ**

- ଆମ ଓଡ଼ିଶା ନବୀନ ଓଡ଼ିଶା, ମୁଖ୍ୟମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମ, ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପଡ଼ିଆ, ପୂର୍ବାହ୍ନ ୧୦ଟା।

# ଜଙ୍ଗଲରୁ ଦୁର୍ବୃତ୍ତ କାଟି ନେଉଛନ୍ତି ଶାଳଗଛ

**କାଳିଟିଆ ବଲ୍ଲଭ ସଂରକ୍ଷିତ ଜଙ୍ଗଲ**

■ ବନ ବିଭାଗ ନୀରବ

ଟିଗିରିଆ,୧୮।୧୦(ଜାଫର ଖାଁ)

କଟକ ଜିଲା ଟିଗିରିଆ ବନପାଳଙ୍କ ଅଧୀନ କାଳିଟିଆ ବଲ୍ଲଭ ସଂରକ୍ଷିତ ଜଙ୍ଗଲରୁ ବଡ଼ ବଡ଼ ଶାଳ ଗଛକୁ ଦୁର୍ବୃତ୍ତମାନେ ଦିନ ଦ୍ୱିପହରରେ କାଟି ନେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ଓ ବନ ବିଭାଗର ସହାଭାଗିତାରେ ପରିବେଶ ସୁରକ୍ଷା ପାଇଁ ଅର୍ଥ ବ୍ୟୟ କରି ମୂଲ୍ୟବାନ ଶାଳ, ପିଆଶାଳ ଗଛ ଲଗାଯାଇଥିଲା। ମାତ୍ର ବନ ବିଭାଗର ଦାୟିତ୍ୱ ହୀନତା ଯୋଗୁ ଯେଉଁ ଶାଳ ଗଛର ମୋଟେଇ ୪ରୁ ୫ ଫୁଟ ତାହାକୁ ଦୁର୍ବୃତ୍ତମାନେ କଟର ସାହାଯ୍ୟରେ କାଟି ନେଉଛନ୍ତି। ଏପରିକି ଜଙ୍ଗଲ ଭିତରକୁ କାଠ ନେବା ଲାଗି ଗାଡ଼ି ଯିବା ଭଳି ରାସ୍ତା ମଧ୍ୟ ଦୁର୍ବୃତ୍ତମାନେ ତିଆରି କରିଛନ୍ତି।




ଜଙ୍ଗଲରୁ କଟାଯାଇଥିବା ଶାଳଗଛ।

କାଳିଟିଆ ବଲ୍ଲଭ ସଂରକ୍ଷିତ ଜଙ୍ଗଲରେ ହଜାରରୁ ଊର୍ଦ୍ଧ୍ୱ ଏକର ପରିମିତ ଅଞ୍ଚଳରେ କେବଳ ଶାଳ ଗଛ ରହିଛି। ସଂରକ୍ଷିତ ଜଙ୍ଗଲରେ ଗଛ ଲଗାଇବା ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ସୀମାକୁ ଲାଗିଥିବା ଗାଁ ଯଥା ବାଲିପୁଟ, ଗୋଦ୍ରାବନ୍ଧ, ଭୁଟିଆଡ଼ିହ, ଭେଜିଆ, ଗୋକର୍ଣ୍ଣଖାଲର ଲୋକଙ୍କୁ ନେଇ ଜଙ୍ଗଲ ସୁରକ୍ଷା କମିଟି କରାଯାଇଥିଲା। ହେଲେ ସୁରକ୍ଷା କମିଟି ଓ ବନ ବିଭାଗର ଅଜାଣତରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ ଗଛ କଟା ହୋଇଯାଉଛି। ଫଳରେ ବନ ବିଭାଗ ଓ ଜଙ୍ଗଲ ସୁରକ୍ଷା କମିଟିର କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି। ଏ ନେଇ ଟିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡାଙ୍କୁ ପଚାରିବାରେ ଗଛ କଟାଯାଉଥିବା ଖବରପାଇ ଚଢ଼ାଉ କରିଥିଲୁ। ହେଲେ ଦୁର୍ବୃତ୍ତମାନେ ଫେରାର ହୋଇଯାଉଥିଲେ ବୋଲି ସେ କହିଛନ୍ତି। ଜଙ୍ଗଲ ସୁରକ୍ଷା କମିଟିର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ଜଙ୍ଗଲ ସୁରକ୍ଷା ନାଁରେ ବନ ବିଭାଗ ଓ ସୁରକ୍ଷା କମିଟି ସଲାସୁତୁରା ହୋଇ ମୂଲ୍ୟବାନ ଶାଳ ଗଛ କାଟି ଲକ୍ଷାଧିକ ଟଙ୍କା ଭାଗ ବାଣ୍ଟି ନେଉଛନ୍ତି। ସେହିପରି ଭେଜିଆ ସଂଲଗ୍ନ ଗୋଡ଼ିତୋଟାରୁ ଜେମାଦେଇପୁର ଗାଁର ପ୍ରଦୀପ ସାଥୁଆଙ୍କ ବଗିଚାରୁ ଦୁର୍ବୃତ୍ତ ୫ଟି ଶାଗୁଆନ ଗଛ ମଧ୍ୟ କାଟି ନେଇଥିବା ସେ କହିଛନ୍ତି।

# ଅଭିନନ୍ଦନିକା 'ପ୍ରସ୍ଫୁରିତ ଗୌତମ' ପୁସ୍ତକ ଉନ୍ମୋଚିତ

ମାହାଙ୍ଗା,୧୮।୧୦(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ସାରସ୍ୱତ ସାଧକ ତଥା କବି ଗୌତମ ଚରଣ ଜେନାଙ୍କ ୬୦ତମ ଜୟନ୍ତୀ ଅବସରରେ ଏକ ସାହିତ୍ୟ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଦୁଲ୍ଲାରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଔପନାସିକା ବିଦ୍ୟୁଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଶଶଧର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧାପକ ନିରୋଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ଶ୍ରୀନିବାସ ସାହୁ, ଶିକ୍ଷାବିତ୍ ଡ. ଭାଗ୍ୟଧର ସାହୁ, ମାତୃ ସାଧକ ବିପିନ ବିହାରୀ କର, ଅବସରପ୍ରାପ୍ତ ଶିକ୍ଷକ ବ୍ରଜସୁନ୍ଦର ନାୟକ, ପ୍ରାଧାପକ ଡ. ନିଖିଳେଶ ମହାନ୍ତି, କବି ରସରାଜ ବୀରକିଶୋର ସ୍ୱାଇଁ, ଶ୍ରୀଧର ଶେଖର ମହାପାତ୍ର, କବି ରାଜକିଶୋର ମିଶ୍ର, କବି ନରେନ୍ଦ୍ର ପରିଡା,କବୟିତ୍ରୀ ଲବଙ୍ଗଲତା ରାଉତଙ୍କ ସମେତ ବହୁ କବି, ସାହିତ୍ୟିକମାନେ ଯୋଗଦେଇଥିଲେ। ସେମାନେ କବି ଜେନାଙ୍କୁ ତାଙ୍କର ଉଚ୍ଚକୋଟୀର ଲେଖନୀ ପାଇଁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିବା ସହ ତାଙ୍କ ଜୀବନର ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଚିନ୍ମୟ କୁମାର ଜେନା, ବିବେକାନନ୍ଦ ପାଣି, ଉମାକାନ୍ତ ସାମଲ, ନରହରି ସେଠୀ, ପ୍ରହ୍ଲାଦ ସେଠୀଙ୍କ ସମେତ ସଂସଦର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନେ ଅଭିନନ୍ଦନିକା 'ପ୍ରସ୍ଫୁରିତ ଗୌତମ' ପୁସ୍ତକ ଉନ୍ମୋଚିତ କରିଥିଲେ। ବାଦ୍ୟଶିଳ୍ପୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭକ୍ତି ସଙ୍ଗୀତ ଓ ଭଜନ ପରିବେଷଣ କରାଯାଇଥିଲା। ମହେନ୍ଦ୍ର ଘଡେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।

# ଡ୍ରିମ୍ସ ପଲିଟେକ୍ନିକ୍‌ରେ ପ୍ରକଳ୍ପ ପ୍ରଦର୍ଶନୀ

କଟକ,୧୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ପଲିଟେକ୍ନିକ୍‌ରେ ନବସୃଜନ ପ୍ରତିଭା ପ୍ରକଳ୍ପ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ ଏଜୁକେଶନ (ଆଇଏସ୍‌ଟିଇ) ଟ୍ୟାଲେଣ୍ଟ ଜୋନ୍-୨୦୨୩ ଅନ୍ତର୍ଗତ ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ଭର୍ଚୁଆଲ ମାଧ୍ୟମରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦଘାଟନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିତ ପ୍ରତିଭା ଉନ୍ମେଷ ଦିଗରେ ଏହା ସହାୟକ ହେବ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଏଥିରେ ୫ମ ସେମିଷ୍ଟର ଛାତ୍ର ଶକ୍ତିରଞ୍ଜନ ବାରିକ ଓ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱୟଂଚାଳିତ ଚଟାଣ ପୋଛା ଯନ୍ତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ଦିବ୍ୟଜ୍ୟୋତି ମହାନ୍ତି ଓ ସାଥୀଙ୍କ ଖାଦ୍ୟ ବିତରଣ ପ୍ରକଳ୍ପ ଦ୍ୱିତୀୟ, ଦେବାଶିଷ ସାହୁ ଓ ସାଥୀଙ୍କ ଥ୍ରୀଡି ପ୍ରିଣ୍ଟର ଏବଂ ଚିନ୍ମୟ ସାହୁ ଓ ସାଥୀଙ୍କର ଓ୍ୱାରଲେସ୍ ଚାର୍ଜିଂ ରୋଡ ପ୍ରକଳ୍ପ ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏତଦ୍‌ବ୍ୟତୀତ ପ୍ରଥମ ବର୍ଷ ଛାତ୍ର କୌଶିକ ପଣ୍ଡା ଓ ମାୟାଙ୍କ ମଣ୍ଡଳ ଦଳଗତ ଭାବରେ ସ୍ୱତନ୍ତ୍ର ଜୁରି ପୁରସ୍କାର ହାସଲ କରିଥିଲେ। ଆଇଏସ୍‌ଟିଇ ସଂଯୋଜକ ତଥା ଅଧ୍ୟାପକ କୁଞ୍ଜ ବିହାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦ରୁ ଭଟ୍ଟାରିକା ମହୋତ୍ସବ




ଖବରଦାତା ସମ୍ମିଳନୀରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

ବଡ଼ମ୍ବା/ମାଣିଆବନ୍ଧ,୧୮।୧୦ (ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ତ୍ରିପୁରା ସୁନ୍ଦରୀ ମହାମାୟା ମା' ଭଟ୍ଟାରିକାଙ୍କ ୨୨ତମ ଭଟ୍ଟାରିକା ମହୋତ୍ସବ ୨୦ ତାରିଖରୁ ଆରମ୍ଭ ହେବ। ଏହି ଉପଲକ୍ଷେ ବୁଧବାର ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ପାନ୍ଥନିବାସରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବର ମୁଖ୍ୟ ପୁରୋଧା ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟ ସଂଯୋଜକ ରବୀନ୍ଦ୍ର କୁମାର ସାହୁ, ସଭାପତି ଭ୍ରମରବର ନାୟକ, ସମ୍ପାଦକ ସନାତନ ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ମହୋତ୍ସବ ୩ଦିନ ବଢ଼ାଯାଇଛି। ଏହି ଅବସରରେ ମହାସପ୍ତମୀ ସନ୍ଧ୍ୟାରେ ମହୋତ୍ସବ ମଣ୍ଡପରେ ଓଡ଼ିଶାର ପ୍ରତିଷ୍ଠିତ କଳାକାର ଓ ସାଂସ୍କୃତିକ ଦଳଗୁଡ଼ିକ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିବେ। ମହୋତ୍ସବର ଶେଷ ତଥା ମହାଷ୍ଟମୀ ସନ୍ଧ୍ୟାରେ ବୈଦ୍ୟନାଥ ଦାସଙ୍କ ଦଳ, କୁମାର ବାପି, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ମୁଖ୍ୟ ପୁରୋଧା ତଥା ସ୍ଥାନୀୟ ବିଧାୟକ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ମନ୍ଦିର ସଂଲଗ୍ନ ପାର୍କର ନବୀକରଣର ଲୋକାର୍ପଣ ସହ ମା'ଙ୍କ ପୀଠ ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ ହେବ। ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୁଖ୍ୟ ପୁରୋଧା ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ଏମପି ଭର୍ତ୍ତୃହରି ମହତାବ, ଜିଲା ପରିଷଦ ସଭାପତି କିଶୋର ମିଶ୍ର, ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ନୟନା ସାହୁ, ସରପଞ୍ଚ ଶତ୍ରୁଜିତ ପୁହାଣ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ

**କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓ କ୍ରିୟା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ଆସୋସିଏଟ ପ୍ରଫେସର ଡ. ପ୍ରଶାନ୍ତ ପରିଡ଼ା, ଡ. ଲୁସି ପଟ୍ଟନାୟକ ଯୋଗଦେଇ ସ୍ତନ୍ୟ କର୍କଟ ବିଷୟରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଲିଲି ଜେନାମଣି ଓ ଲଗ୍ନଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରେଡ୍‌କ୍ରସ ଅଧିକାରୀ ଡ. ଗାୟତ୍ରୀ କର ସଭା ପରିଚାଳନା ଓ ସଦସ୍ୟା ଡ. ପ୍ରତିଭାରାଣୀ ବାରିକ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ଡ. ମେନକାରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ଅପିଲ ଶୁଣାଣିରେ ହାଜର ହେଲେନି ପିଆଇଓ

**ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ମାମଲା**

କଟକସଦର,୧୮।୧୦(ସୁଶାନ୍ତକୁମାରଜେନା)

ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ମାମଲା ଉପରେ ସୂଚନା ନ ମିଳିବାକୁ ନେଇ ବୁଧବାର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ସତନ୍ତ୍ର ସଚିବ ମୁକୁଲ ଚନ୍ଦ୍ର ବେରାଙ୍କ କୋର୍ଟରେ ଶୁଣାଇ ହୋଇଥିଲା। ସେହି ଗୋଟିଏ କୋଠାରେ କାର୍ଯ୍ୟ କରୁଥିବା ଏଫ୍‌ଇ-୨ର ଲୋକ ସୂଚନା ଅଧିକାରୀ(ପିଆଇଓ) ତଥା ଅନୁଶାସନ ସଚିବ ଦୀପକ ବରାଳ କିମ୍ବା ତାଙ୍କର କୌଣସି କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ସମୟରେ କୋର୍ଟରେ ହାଜର ହୋଇ ନ ଥିଲେ। ଶେଷରେ ୭ ଦିନ ମଧ୍ୟରେ ପଦୋନ୍ନତି ପାଇଥିବା ଓ ଅପେକ୍ଷା ତାଲିକାରେ ଥିବା ଯନ୍ତ୍ରୀଙ୍କ ନାମ ତାଲିକା ଆବେଦନକାରୀଙ୍କୁ ବିନା ଖର୍ଚ୍ଚରେ ଦେବା ପାଇଁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ବେରା ନିର୍ଦ୍ଦେଶ ଦେଇଥିଲେ। ୨୦୨୧-୨୦୨୨ରେ ଏହି ପଦବୀ ପାଇଁ ଯୋଗ୍ୟ ଯନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୭୦ ଭାଗ ପଦୋନ୍ନତି ପାଇଥିଲେ, ବାକି ଆଶାୟୀଙ୍କୁ ଏପର୍ଯ୍ୟନ୍ତ ପଦୋନ୍ନତି ମିଳିନାହିଁ। ଏ ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ମଗାଯାଇଥିଲା।






# ଜରି ମେଢ଼ ତିଆରିରେ ମୁସଲମାନ କାରିଗର

**କଟକ ସମେତ ବାହାର ସ୍ଥାନରୁ ମିଳୁଛି କାମ**




ମୁସଲମାନ କାରିଗର ମେଢ଼ ତିଆରି କରୁଛନ୍ତି।

**କଟକ, ୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ):** କଟକ ସହର ଭାଇଚାରାର ଏକ ଅନନ୍ୟ ଉଦାହରଣ। ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକ ଏଠାରେ ମିଳିମିଶି ଦୁର୍ଗାପୂଜା ପାଇଁ ମେଢ଼ ତିଆରି କରିଥାନ୍ତି। କଟକ ବାଙ୍କା ବଜାର ଅଞ୍ଚଳରେ ପ୍ରାୟ ୮୦ରୁ ଅଧିକ ମୁସଲମାନ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୫୦ରୁ ୬୦ ଜଣ ଦୁର୍ଗାପୂଜା ପାଇଁ ମା'ଙ୍କ ଜରି ମେଢ଼ ତିଆରି କରିଥାନ୍ତି। ଏପରି କି କଟକ ସମେତ ରାଉରକେଲା, ବ୍ରହ୍ମପୁର, ହାଇଦ୍ରାବାଦ, ପୁରୀ, ଝାରସୁଗୁଡ଼ା ଭଳି ସହରଗୁଡ଼ିକରୁ କଟକର ଏହି ମୁସଲମାନ କାରିଗରଙ୍କୁ ଜରି ମେଢ଼ ପାଇଁ ଅର୍ଡର ମଧ୍ୟ ମିଳୁଛି। ପୂଜା ପାଇଁ ଦୁଇମାସ ଜରି ମେଢ଼ ତିଆରି କାମ ଆରମ୍ଭ ହେଲାଣି।

ସୂଚନା ଅନୁଯାୟୀ, ଦୁର୍ଗାପୂଜା ପାଇଁ କଟକ ସହର ଚଳଚଞ୍ଚଳ ହେଲାଣି। କଟକ ସହରରେ ବିଭିନ୍ନ ପୂଜା କମିଟିରେ ସୁନା ଓ ଚାନ୍ଦିର ମେଢ଼ ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏହାସତ୍ତ୍ୱେ ଜରି ମେଢ଼ର ଚାହିଦା କମିନି। ଅଧିକାଂଶ ପୂଜା ମଣ୍ଡପରେ ଏବେବି ଜରି ମେଢ଼ ବ୍ୟବହାର କରାଯାଉଛି। ଆଉ ଏହି ମେଢ଼ କାର୍ଯ୍ୟ ବିଶେଷକରି ମୁଖ୍ୟତଃ ମୁସଲମାନ ସମ୍ପ୍ରଦାୟର ଲୋକମାନେ କରିଥାନ୍ତି। କଟକ ସହରରେ ୧୭୦ଟି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କୁ ଆରାଧନା କରାଯାଉଥିବାବେଳେ ୩୨ଟି ପୂଜା ମଣ୍ଡପରେ ସୁନା ଓ ଚାନ୍ଦିର ମେଢ଼ ରହିଛି। ରାଉସାପାଟଣା ପୂଜା ମଣ୍ଡପରେ ଏଥର କାଚରେ ମେଢ଼ ପ୍ରସ୍ତୁତ ହୋଇଥିବାବେଳେ ଷ୍ଟେଶନ ବଜାରରେ ପିତଳରେ ମେଢ଼ ତିଆରି ହୋଇଛି। ଏହାବାଦ୍ ଅନ୍ୟ ୧୩୬ଟି ପୂଜା ମଣ୍ଡପରେ ରହିଛି ଜରିମେଢ଼। ଖାସ୍ କରି ଦୁର୍ଗା ପୂଜାରେ ଜରି ମେଢ଼ ତିଆରି କରିବା ପାଇଁ ମୁସଲମାନ କାରିଗର ପ୍ରସ୍ତୁତ ରହିଥାନ୍ତି। ଜରି ମେଢ଼ ତିଆରି କରିବା ପାଇଁ ବାଉଁଶ, ମାଢ଼ୀ, ପେପର, ବୁଲିଆନ, ଚୁମ୍କି ପ୍ଲେଟ, ଡ୍ରଇଁ ସିଟ୍, କାର୍ଡବୋର୍ଡ଼, ମହମଅଠା, ରଙ୍ଗ, ଜିକ୍‌ଜାକ୍ ଇତ୍ୟାଦି ବ୍ୟବହାର କରାଯାଇଥାଏ। ଗୋଟେ ଜରି ମେଢ଼ ତିଆରି କରିବାରେ ପ୍ରାୟ ୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିପାଇଁ ସୁରଟ ଓ କୋଲ୍‌କାତାରୁ ଆବଶ୍ୟକ ସାମଗ୍ରୀ ଅଣାଯାଇଥାଏ। ସୟଦ ଅସଲମ୍ ଅଲ୍ଲୀ କୁହନ୍ତି, ମା' ଦୁର୍ଗାଙ୍କ ପାଇଁ ୩୦ବର୍ଷରୁ ଅଧିକ ହେବ ଜରି ମେଢ଼ ତିଆରି କରି ଆସୁଛନ୍ତି। ମା'ଙ୍କ ଏହି କାମରେ ନିୟୋଜିତ ରହିଥିବାରୁ ଅଧିକ ଗର୍ବିତ ଅନୁଭବ ହୋଇଥାଏ। ମେଢ଼ ତିଆରି ପାଇଁ ଦୁଇମାସରୁ ଅଧିକ ସମୟ ଲାଗିଥାଏ। ମେଢ଼ ତିଆରି କାମ ପାଇଁ ମୋ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥାନ୍ତି ବୋଲି ଅସ୍‌ଲମ୍ କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିର ତଦନ୍ତ ଆରମ୍ଭ

## ଟ୍ୟାଙ୍କର ଧକ୍କାରେ ଶିଶୁ ମୃତ, ମାଆ ଗୁରୁତର ଘଟଣା

■ ପୀଡ଼ିତାଙ୍କୁ ୫୦ ଲକ୍ଷ କ୍ଷତିପୂରଣ, ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ
■ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଭାଲିଆବାଡ଼ି ଛକରେ ମଙ୍ଗଳବାର ତେଲ ଟ୍ୟାଙ୍କର ଧକ୍କାରେ ୫ବର୍ଷର ଶିଶୁ ମୃତ ଏବଂ ମାଆ ଗୁରୁତର ଆହତ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାନବ ଅଧିକାର କର୍ମୀ ଜୟନ୍ତ ଦାଶଙ୍କ ଅଭିଯୋଗ ଉପରେ ବୁଧବାର ଏନ୍‌ଏଚ୍‌ଆର୍‌ସି ଏକ କେସ୍ (ନଂ. ୨୩୭୭/୧୮/୨୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହିତ ଟ୍ରାଫିକ ନିୟନ୍ତ୍ରଣ ଓ ରାସ୍ତାରେ ଯାତ୍ରୀଙ୍କ ସୁରକ୍ଷାରେ ଅବହେଳା ସକାଶେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ମାନବ ଅଧିକାର କର୍ମୀ ଦାଶ ଦାବି କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀପଡିଆର ବଦ୍ରୀ ନାରାୟଣ ଦାସ ଓ ବୈଜୟନ୍ତୀ ଦାସଙ୍କ ୫ବର୍ଷର ପୁଅ ବିନାୟକ ବିଡିଏ କଲୋନୀସ୍ଥିତ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଏଲ୍‌କେଜିରେ ପଢନ୍ତି। ସବୁଦିନ ପରି ମଙ୍ଗଳବାର ସ୍କୁଲ ଛୁଟି ପରେ ବୈଜୟନ୍ତୀ ପୁଅକୁ ସ୍କୁଟିରେ ଧରି ଘରକୁ ଫେରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍କୁଟି ସହ ମାଆ ପୁଅ କିଛି ବାଟ ଘୋଷାରି ହୋଇଯାଇଥିଲେ। ମାଆ ସ୍କୁଟିରୁ ଛିଟିକି ପଡ଼ିଥିବାବେଳେ ପୁଅ ରାସ୍ତା ଉପରେ ପଡ଼ିଯାଇଥିଲା। ଟ୍ୟାଙ୍କର ଚକା ତା' ପେଟ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ମାଆ ଆଗରେ ପୁଅର ଜୀବନ ଚାଲିଯାଇଥିଲା। ବୈଜୟନ୍ତୀ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ମାନବ ଅଧିକାର କର୍ମୀ ଦାଶ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ରାସ୍ତା ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଯାନବାହନ, ମାଲବାହୀ ଟ୍ରକ, ଘରୋଇ ବସ୍ ଚଳାଚଳ କରୁଛି। ତେଣୁ ସବୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଭାଲିଆବାଡ଼ି ଛକ ନିକଟରେ ଦୁଇଟି ବିଦ୍ୟାଳୟ ରହିଛି। ରାସ୍ତା ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ ହୋଇପଡ଼ିଛି। ସବୁ ସମୟରେ ଯାତାୟତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଘଟଣ ସତ୍ତ୍ୱେ ଏଠାରେ ଟ୍ରାଫିକ ନିୟନ୍ତ୍ରଣ ଓ ଦ୍ରୁତଗତିରେ ଯାତାୟତ କରୁଥିବା ଯାନବାହନର ବେଗ କମାଇବା ପାଇଁ ସ୍ପିଡ ବ୍ରେକର ବ୍ୟବସ୍ଥା ନାହିଁ। ଫଳରେ ଦୁର୍ଘଟଣା ଘଟିଲା। ରାଜ୍ୟ ସଡ଼କ ଓ ପରିବହନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଉ। ଟ୍ରାଫିକ ନିୟନ୍ତ୍ରଣରେ ଅବହେଳା ଏବଂ ଏହି ରାସ୍ତା ଅଧୀନରେ ଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏଥିଲାଗି ଉତ୍ତରଦାୟୀ। ଏହି ଘଟଣାର ତଦନ୍ତ କରାଯାଇ କର୍ତ୍ତବ୍ୟରେ ଅବହେଳା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମାନବାଧିକାର କର୍ମୀ ଦାଶ ଦାବି କରିଛନ୍ତି।

## ଖୋର୍ଦ୍ଧାରୋଡ ରେଳମଣ୍ଡଳ ଚାମ୍ପିୟନ

ଜଟଣୀ, ୧୮।୧୦ (ରବୀନ୍ଦ୍ର ନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଇଣ୍ଟର ଡିଭିଜନାଲ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ୍ କଲୋନିସ୍ଥ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଦ୍ୱାରା ଇଣ୍ଟର ଡିଭିଜନାଲ ସାଂସ୍କୃତିକ ପ୍ରତିଯୋଗିତାରେ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୱାଲଟିୟର, ଖୋର୍ଦ୍ଧାରୋଡ଼, ସମ୍ବଲପୁର ରେଳ ମଣ୍ଡଳ ଏବଂ ମଞ୍ଚେଶ୍ୱର ୱାର୍କଶପ୍‌ର ସାଂସ୍କୃତିକ ନାଟକ ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଚାମ୍ପିୟନ ଟ୍ରଫି ହାସଲ କରିଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା ଏବଂ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁରୁ ସିମନ କୌର, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ ଏବଂ ଖୋର୍ଦ୍ଧା ରୋଡ଼ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତିରେ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅନ୍ତର ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତାରେ ୱାଲଟିୟର ମଣ୍ଡଳ ଦ୍ୱିତୀୟ ସ୍ଥାନ ଏବଂ ମଞ୍ଚେଶ୍ୱର ୱାର୍କସପ୍ ତୃତୀୟ ସ୍ଥାନ ହାସିଲ କରିଛି। କାର୍ଯ୍ୟକ୍ରମରେ ସମସ୍ତ ଶାଖା ଅଧିକାରୀ, ମହିଳା କଲ୍ୟାଣ ସଂଗଠନର ସଦସ୍ୟ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର୍‌ଏନ୍‌ଏ ପରିଡ଼ା ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିବା ମଣ୍ଡଳ ରେଳ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## 'ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେବି'

ବେଗୁନିଆ,୧୮।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନାର ନୂତନ ଅଧିକାରୀ (ଆଇଆଇସି) ଭାବେ ଜ୍ୟୋତି ପ୍ରକାଶ ପଣ୍ଡା ବୁଧବାର ଯୋଗ ଦେଇଛନ୍ତି। ସେ ବୋଲଗଡ଼ ଥାନା କାର୍ଯ୍ୟାଳୟରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ତଥା ଅଞ୍ଚଳରୁ ଅପରାଧ ରୋକିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଧ୍ୟାନ ଦିଆଯିବ ବୋଲିପଣ୍ଡା ସୂଚନା ଦେଇଛନ୍ତି। ସୂଚନାଥାଉକି ବେଗୁନିଆ ଥାନା ପରିସରରୁ ଗତ ଶନିବାର ଜବତ ମଦ ଓ ବାଣ ଚୋରାଚାଲାଣ ମାମଲାରେ ଛନ୍ଦି ହୋଇ ପୂର୍ବତନ ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି।

## 'ସମସ୍ୟା ସମାଧାନ ନ ହେଲେ ସେକ୍ସନରେ ତାଲା ଝୁଲିବ'


ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ।

ନିରାକାରପୁର,୧୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଟା କମ୍ପାନୀ ବିଦ୍ୟୁତ୍‌ବିତରଣ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ୍‌ବିତରଣରେ ଅନିୟମିତତା ଓ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି। ଏଥିଯୋଗୁଁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନେ ବହୁବାର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କେହିଏଥିପ୍ରତିକର୍ଣ୍ଣପାତ କରୁନଥିବା ଅଭିଯୋଗ ଆସିଛି। ଏ ନେଇ ୧୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ଆବାହକତ୍ୱ ଓ ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ବିଦ୍ୟୁତ୍ ସେକ୍ସନ ଅଧୀନରେ ଖୋର୍ଦ୍ଧା ଜିଲାର ୪ଟି ପଞ୍ଚାୟତ ଓ ଗୋଟିଏ ଜିଲାପରିଷଦ ଝୋନ ରହିଥିବା ବେଳେ ପୁରୀ ଜିଲାର ୮ ପଞ୍ଚାୟତ ଓ ଗୋଟିଏ ଜିଲା ପରିଷଦ ଜୋନ ରହିଛି। ସେହିପରି ନିରାକାରପୁର, ଡିଆ, ଲେଣ୍ଡୋ, ରାମେଶ୍ୱର, ଗଡଖାରଦ, ଦେଇପୁର, ସାହୁପଡା, କାଦୁଆ, ନଡାଲ, ଦୋଛିଆଁ, ବକୁ, ଦିବ୍ୟସିଂହପୁର ଆଦି ୧୨ ପଞ୍ଚାୟତର ୨ଟି ଜିଲା ପରିଷଦ ଜୋନ୍ ରହିଛି। ଏ ସବୁ ଜୋନ୍‌ର ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଉପଭୋକ୍ତାମାନେ ସାମିଲ ହୋଇ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଥିବା ମାରୁତି ମଣ୍ଡପରେ ଏକତ୍ରିତ ହୋଇଥିଲେ। ସେଠାରେ ଆଲୋଚନା କରି ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ବିଭାଗୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ତେବେ ଯଦି ସାତ ଦିନ ମଧ୍ୟରେ ଯଦି ଏହାର କୌଣସି ଉତ୍ତର ନ ମିଳେ ତା'ହେଲେ ସେକ୍ସନରେ ତାଲା ଝୁଲିବ ବୋଲି ଏହି ଦାବିପତ୍ର ଜରିଆରେ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନିରାକାପୁରର ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂହ, ହୃଷୀକେଶ ରାଉତରାୟ, ଟାଙ୍ଗୀ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା,ବିଦୁଭୂଷଣ ମହାରଣା, ଲେଣ୍ଡୋ ସମିତି ସଭ୍ୟ ବିକାଶ ନାୟକ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ବାଲୁଙ୍କେଶ୍ୱର ବିଶ୍ୱାଳ, ରାମେଶ୍ୱର ସମିତି ସଭ୍ୟ ରମେଶ ବିଶ୍ୱାଳଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## ଗୋପାଳପୁର କ୍ଲବ୍ ବିଜୟୀ

### ପ୍ରଶାନ୍ତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ ଖୋର୍ଦ୍ଧା, ୧୮।୧୦ (ରଘୁନାଥ ସାହୁ)

ଟାଙ୍ଗୀ ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମ୍‌ଠାରେ ଚାଲିଥିବା ପ୍ରଶାନ୍ତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ମ୍ୟାଚ୍‌ରେ ତରତୁଆ କ୍ଲବ୍ ସହିତ ଗୋପାଳପୁର ଫୁଟ୍‌ବଲ କ୍ଲବ୍‌ର ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ପାରି ନଥିଲେ। ଟାଇବ୍ରେକର ମାଧ୍ୟମରେ ୫-୪ ଗୋଲ୍‌ରେ ଗୋପାଳପୁର କ୍ଲବ୍ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରାଜ କିଶୋର ସ୍ୱାଇଁ, ବିନୋଦ କୁମାର ରାଉତ ଯୋଗ ଦେଇଥିଲେ। ଶେଖାୱତ ଖାଁ, ବିପିନ କୁମାର ସାମନ୍ତରାୟ, ସୁଦର୍ଶନ ରାଉତ ଓ ନନ୍ଦ କିଶୋର ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ ସୁଶାନ୍ତ ବିଶ୍ୱାଳ, ପ୍ରଣୟ ପାଇକରାୟ, ସତ୍ୟ ରଞ୍ଜନ ଜେନା, କାହ୍ନୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ଟାଙ୍ଗୀ ସ୍ପୋର୍ଟସ ଆସୋସିଏସନ୍ ସହିତ ଇଟାମାଟି ଫୁଟ୍‌ବଲ ଏକାଡେମୀର ମ୍ୟାଚ୍ ଅନୁଷ୍ଠିତ ହେବ।

## 'ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ କର'


ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ନେଇ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି ଜିଲାରେ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ନିର୍ମାଣାଧୀନ ପ୍ରକଳ୍ପ ଏବଂ ଯୋଜନାଗୁଡ଼ିକୁ ତ୍ୱରିତ ଗତିରେ ସାରିବାକୁ ବିଧାୟକ ସାହୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନୁମୋଦିତ ଯୋଜନାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷା ସହ କିଭଳି ସମସ୍ତ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ସମନ୍ୱୟ ଓ ଦାୟିତ୍ୱ ପ୍ରତି ଉତ୍ତରଦାୟିତ୍ୱ ରହିଲେ ଯୋଜନା ଲୋକାଭିମୁଖୀ ହୋଇପାରିବ ବୋଲି ସାହୁ କହିଥିଲେ। ଏହି ବୈଠକରେ ୧୦ଟି ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ




ବୋଲଗଡ଼,୧୮।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କଚେରିବରଠାରେ ୪୩ତମ ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଖୋର୍ଦ୍ଧା ବେଣାପଞ୍ଝୁରୀ କବାଡିଟିମ୍ ନୟାଗଡ଼ କଳିକା ପ୍ରସାଦ କବାଡି ଟିମ୍‌ଠାରୁ ଅଧିକ ୪୦ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କୁଳମଣି ହୋତା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ବାଙ୍କୋଇ ଫାଣ୍ଡି ଅଧିକାରୀ ସଂଗ୍ରାମ ପାଇକରାୟ, ବ୍ୟାଙ୍କ ମ୍ୟାନେଜର ପିନାକୀ ପାଢ଼ୀ, ବନପାଳ ପ୍ରଦୀପ୍ତ ପଟନାୟକ, ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ଜୟକୃଷ୍ଣ ଫତେସିଂହ, ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ବେଣାପଞ୍ଝୁରୀ ବିଜୟୀ

ଖେଳରେ ପ୍ରଥମାର୍ଦ୍ଧ ସୁଦ୍ଧା କଳିକା ପ୍ରସାଦ କବାଡି ଟିମ ୬ ପଏଣ୍ଟ ପାଇଥିବା ବେଳେ ବେଣାପଞ୍ଝୁରୀ କବାଡି ଟିମ ୧୭ ପଏଣ୍ଟ ପାଇଥିଲା। ତେବେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଖେଳ ସମାପ୍ତ ବେଳକୁ କଳିକା ପ୍ରସାଦ ଟିମ ମୋଟ ୧୪ ପଏଣ୍ଟ ଏବଂ ବେଣାପଞ୍ଝୁରୀ କବାଡି ଟିମ ମୋଟ ୫୪ ପଏଣ୍ଟ ପାଇଥିଲା। ରେଫରୀ ଭାବେ ଗୋପାଳ ମାହାନ୍ତି, କାହ୍ନୁ ଚରଣ ସାମନ୍ତରାୟ, ସତ୍ୟବ୍ରତ ନାୟକ ଓ ପ୍ରିତମ ଦାସ ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ ମା' ରାମଚଣ୍ଡୀ କବାଡି ଆସୋସିଏସନର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ସିକ୍ୟୁରିଟି ଗାର୍ଡଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ


ସିସିଟିଭିରେ କଏଦ ଆକ୍ରମଣ ବେଳର ଦୃଶ୍ୟ।

## ରାଜଧାନୀରେ ଆତଙ୍କରାଜ

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ଲୁଟ୍, ଚୋରି, ଡକାୟତି ଓ ଆକ୍ରମଣ ଆଦି ଘଟଣା ଦିନକୁ ଦିନ ବଢ଼ିଚାଲିଛି। ଘରେ ହେଉ କି ବାହାରେ ସବୁଠି ଜନସାଧାରଣ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଅପରାଧୀମାନେ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। କଟକ-ପୁରୀ ବାଇପାସ୍ ରୋଡସ୍ଥିତ ମଙ୍ଗରାଜ ପଏଣ୍ଟ ନିକଟରେ ଥିବା ଏକ ଇଲେକ୍‌ଟ୍ରିକ୍ ଅଟୋ ଶୋରୁମ୍‌ର ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଗୁରୁତର କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ଜଗତସିଂପୁର ଜିଲା ବାଲିକୁଦା ଅଞ୍ଚଳର ଗୌରାଙ୍ଗ ଦାସ। ଗୌରାଙ୍ଗଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ସେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଜୟଦେବବିହାରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏ ସଂକ୍ରାନ୍ତରେ କେ.୧ ସିକ୍ୟୁରିଟି ସଂସ୍ଥାର ସୁପର୍‌ଭାଇଜର୍ ପ୍ରକାଶ ପତି ବୁଧବାର ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲା ଆଧାରରେ ଏକ ମାମଲା (ନଂ.୫୮୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଆକ୍ରମଣ ଘଟଣା ଶୋ'ରୁମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରେ କଏଦ୍ ହୋଇଛି। ଦୁଇ ଦୁର୍ବୃତ୍ତ ଖଣ୍ଡାରେ ଗୌରାଙ୍ଗଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଲୁଟ୍ ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଉକ୍ତ ଶୋ'ରୁମ୍(ଅଲ୍‌ଟିଗ୍ରିନ୍)ରେ ଗୌରାଙ୍ଗ ସବୁଦିନ ଭଳି ସୋମବାର ରାତିରେ ମଧ୍ୟ ଡିଉଟି କରୁଥିଲେ। ରାତି ପ୍ରାୟ ୧୧ଟା ୩୨ ସମୟରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଶୋ'ରୁମ ନିକଟକୁ ଆସି ଚେୟାରରେ ବସିଥିବା ଗୌରାଙ୍ଗଙ୍କୁ ପାଣି ମାଗିଥିଲେ। ଗୌରାଙ୍ଗ ପାଣି ଦେବା ପରେ ସୁଯୋଗ ଦେଖି ସେମାନେ ତାଙ୍କଠୁ ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଗୌରାଙ୍ଗ ପ୍ରତିରୋଧ କରିବାରୁ ଦୁଇ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଖଣ୍ଡାରେ ହାଣିଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଗୌରାଙ୍ଗ ତଳେ ପଡ଼ିଯିବାରୁ ନିକଟରେ ଥିବା ଜଣେ ପାନ ଦୋକାନୀ ତାଙ୍କ ପାଖକୁ ଆସି ପୋଲିସକୁ ଖବର ଦେଇଥିଲେ। ତେବେ ପୁରୀ ବାଇପାସ୍ ଅଞ୍ଚଳ ଶୁନ୍‌ଶାନ୍ ହୋଇଥିବା ବେଳେ ପୋଲିସର ଢ଼ିଲା ପେଟ୍ରୋଲିଂ ପାଇଁ ଲୁଟେରାମାନେ ସକ୍ରିୟ ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।




**ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ସେବା ପୂଜା**

ପୁରୀ,(ଅଜିତ୍ ମହାନ୍ତି): ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଦୁଇଟି ସିଂହ ମୂର୍ତ୍ତିକୁ ପରିଷ୍କାର କରାଯାଇ ଦୀପ, ଧୂପ ଚନ୍ଦନ, ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୋକ କୁମାର ବାରିକ, ସୂର୍ଯ୍ୟକାନ୍ତ ନାୟକ, ସୁନିଲ ମହାପାତ୍ର, ଅଶୋକ ବେହେରା, ନାରାୟଣ ରାୟ ସିଂହ, ବାଳକୃଷ୍ଣ ମହାପାତ୍ର, ଜଗନ୍ନାଥ ପାଢ଼ୀ ପ୍ରମୁଖ ସାମିଲ ଥିଲେ। ପ୍ରତ୍ୟେକ ସଂକ୍ରାନ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ଏପରି କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୦।୨୦୨୩

| ୩,୬୬,୫୭୭ ଟଙ୍କା | |
|---|---|
| ସୁନା | ୪୦୦ ମିଲିଗ୍ରାମ୍ |
| ରୁପା | ୫.୨୫୦ ଗ୍ରାମ୍ |

# ‘ଶିଶୁ ସୁରକ୍ଷା ଆଇନ ଉପରେ ଧ୍ୟାନ ଦେଇ କାର୍ଯ୍ୟ କର’

## କିଶୋର ପୋଲିସ ୟୁନିଟ୍ କର୍ମଚାରୀଙ୍କ ପାଇଁ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ପୁରୀ,୧୮।୧୦(ଅଜିତ ମହାନ୍ତି)**

ଜିଲା ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ବୁଧବାର ପୁରୀ ପୋଲିସ ବିଭାଗର କିଶୋର ପୋଲିସ ୟୁନିଟ କର୍ମଚାରୀଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ଅଧୀନ ସମସ୍ତ ୨୯ ଥାନାର ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଅଧିକାରୀ, ଥାନା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ, ଡିଏସ୍‌ପି ହେଡ୍ କ୍ୱାର୍ଟର, ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ଅଧୀକ୍ଷକ, ଆର୍‌ପିଏଫ୍ ଏବଂ ଜିଆର୍‌ପି ଅଧିକାରୀଙ୍କ ସମେତ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧୀକ୍ଷକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବବ୍ରତ ଚକ୍ର, ସମ୍ମାନିତ ଅତିଥି ଭାବେ କିଶୋର ନ୍ୟାୟ ପରିଷଦ ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନିଖିଲ ଭାରତ ମହାନ୍ତି, ଶିଶୁ କଲ୍ୟାଣ ସମିତି ଅଧକ୍ଷ ଡ. ଅଜିତ କୁମାର ମହାପାତ୍ର, ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ୟୁନିଟ ଅଧକ୍ଷା ତିଳୋତ୍ତମା ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ ଯୋଗଦେଇଥିଲେ । ଏଥିରେ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ରର ତାଲିମଦାତା ଡ. ଗୁରୁ ପ୍ରସାଦ ଶିବ ଶଙ୍କର ନନ୍ଦ ଏବଂ କଟକ ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ନାୟକ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ଆଇନ ଉପରେ ବିଶେଷ ଧ୍ୟାନ ଦେଇ କାର୍ଯ୍ୟ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚକ୍ର ପରାମର୍ଶ ଦେଇଥିଲେ । ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ପାଇଁ କିଶୋର ନ୍ୟାୟ ପରିଷଦ କିଭଳି କାମ କରିଥାଏ ସେ ନେଇ କିଶୋର ନ୍ୟାୟ ପରିଷଦ ମହାନ୍ତି ବୁଝାଇଥିଲେ। ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କ କାର୍ଯ୍ୟ ଓ ଦାୟିତ୍ୱ ସହିତ ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଆଇନ-୨୦୧୫, ଶିଶୁଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ-୨୦୧୨ର ସକ୍ରିୟ ପ୍ରଣୟନ ବିଷୟରେ ଡିଏସ୍‌ପି ନନ୍ଦ ଆଲୋଚନା କରିଥିଲେ। ଯୌନ ଶୋଷଣରୁ ସୁରକ୍ଷା ଆଇନ-୨୦୧୨ ବିଷୟରେ ପ୍ରଶିକ୍ଷକ ନାୟକ ଆଲୋଚନା କରିଥିଲେ। ମିଶନ ବାତ୍ସଲ୍ୟ ଏବଂ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ତାଲିମର ଲକ୍ଷ୍ୟ ବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ ବୁଝାଇଥିଲେ। ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ କିଶୋର ନ୍ୟାୟ ବୋର୍ଡ, ଚିଲଡ୍ରେନ କୋର୍ଟଙ୍କ କାର୍ଯ୍ୟ ବିଷୟରେ ବୁଝାଇବା ସହ ପୀଡ଼ିତା କ୍ଷତିପୂରଣ ପାଣ୍ଠି ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ (ଅଣଅନୁଷ୍ଠାନିକ ଯତ୍ନ) ଶିଶୁ ଯତ୍ନ ଅନୁଷ୍ଠାନର କାର୍ଯ୍ୟ ଓ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ବିଭାଗ ସାମାଜିକ କର୍ମୀ କମଳା ମହାରଣା, ପରାମର୍ଶ ଦାତ୍ରୀ ରୋଜାଲିନ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### ନିମାପଡ଼ାରୁ ଅପହୃତା ନାବାଳିକା ଶରଣକୁଳରୁ ଉଦ୍ଧାର

**ନିମାପଡ଼ା,୧୮।୧୦(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ପୋଲିସର ସ୍ୱତନ୍ତ୍ର ଟିମ୍ ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳରେ ଚଢ଼ାଉ କରି ଥାନା ଅଧୀନ ଗୋଡ଼ିସାହି ଗ୍ରାମରୁ ଜଣେ ଅପହୃତା ୧୬ ବର୍ଷୀୟା ନାବାଳିକାଙ୍କୁ ବୁଧବାର ଉଦ୍ଧାର କରିଛି। ଅପହରଣକାରୀ ଯୁବକଙ୍କୁ କାବୁ କରି ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେ ହେଲେ ପିପିଲି ଥାନା ଅଧୀନ ଭାରତୀପୁର ଗ୍ରାମର ରାକେଶ ମଲ୍ଲିକ(୨୧)।

ସୂଚନା ମୁତାବକ, ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟାଙ୍କୁ ରାକେଶ କେଉଁଆଡ଼େ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ଅପହରଣ ଦଫାରେ ଏକ ମାମଲା (କେଶ ନଂ. ୩୬୨/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ଏଏସ୍‌ଆଇ ଶିଶିର ମହାନ୍ତି, କନଷ୍ଟେବଲ ଲକ୍ଷ୍ମୀଧର ନାୟକ ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶରଣକୁଳ ଥାନା ଅଞ୍ଚଳରେ ଚଢ଼ାଉ କରିଥିଲା।

### ଆଇନ ସଚେତନତା ଶିବିର

**ନିମାପଡ଼ା,୧୮।୧୦(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା କୋର୍ଟ ତାଲୁକ ଆଇନସେବା କମିଟି ପକ୍ଷରୁ ଏକ ସଚେତନତା ଶିବିର ନିମାପଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥି ଭାବେ କମିଟି ଅଧକ୍ଷ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ଲୋକନାଥ ସାହୁ, ସବ୍‌ଜଜ୍ ସଂଘମିତ୍ରା ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି ୧) ମିଲନ ତାଣ୍ଡି, ଜେଏମ୍‌ଏଫ୍‌ସି(୨) ବ୍ରଜେଶ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ୍, ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା ଓ ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାକୁ ଦୃଢ଼ ଭଆବେ ପ୍ରତିହତ କରାଯିବା, ଯୌନ ନିର୍ଯାତନା ନିରାକରଣ, ପୋକ୍‌ସୋ ଆକ୍ଟ ସମ୍ପର୍କରେ ବିଚାରପତିମାନେ ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଶିବରରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ଓଡ଼ିଶା ଜୀବିକା ମିଶନ କର୍ମଚାରୀ, ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ


ପିଲାମାନଙ୍କୁ ସଚେତନତା କରାଯାଉଛି।

**ପିପିଲି,୧୮।୧୦(ପ୍ରଭାତ ମହାପାତ୍ର):** ନାବାଳିକାଙ୍କ ସୁରକ୍ଷା ନିମନ୍ତେ ଭୁବନେଶ୍ୱର ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ହାଟସାହି ନୋଡାଲ ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଗୋଷ୍ଠୀ ସାମାଜିକ କର୍ମୀ ହରପ୍ରିୟା ଖଟୋଇ, ପ୍ରମୋଦ ବେହେରା, କୃଷ୍ଣଚନ୍ଦ୍ର ବେହେରା, ସୁପ୍ରିୟା ମହାନ୍ତି, ପ୍ରକାଶ ପ୍ରଧାନ, ଅର୍ଚ୍ଚନା ମିଶ୍ର ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ମୁକ୍ତ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ୨୧ ପ୍ରତିଶତ ଓ ଦେଶରେ ୨୩ ପ୍ରତିଶତ ବାଲ୍ୟବିବାହ ହେଉଛି ବୋଲି ଅନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି। ବାଲ୍ୟବିବାହ କରୁଥିବା ଶିଶୁଟି ତାର ସମସ୍ତ ଅଧିକାରରୁ ବଞ୍ଚିତ ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ସହଭାଗିତାରୁ ବଞ୍ଚିତ ହୋଇ ଶାରୀରିକ ମାନସିକସ୍ତରରେ ନିର୍ଯାତନା ପାଉଛି। ଏହାକୁ ଦୃଷ୍ଟିରେ ରଖି ରୁଚିକା ସଂଗଠନ ରାଜ୍ୟର ସମସ୍ତ ଜିଲା ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ବିଭିନ୍ନ ଗ୍ରାମ, ସହରର ବିଦ୍ୟାଳୟ ଆଦି ଅଞ୍ଚଳ ଏହି ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ କରୁଛି ବୋଲି ସଂଗଠନର କର୍ମକର୍ତ୍ତା କହିଛନ୍ତି। କାର୍ଯ୍ୟକ୍ରମକୁ ସଂଗଠନର ମୁଖ୍ୟ ପରିଚାଳକ ଡ. ବେଣୁଧର ସେନାପତି ଓ ପୁରୀ ଜିଲା ସଂଯୋଜକ ହେମନ୍ତ ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

### ଭିଜିଲାନ୍ସ ତଦନ୍ତ ଦାବି

**କାକଟପୁର,୧୮।୧୦(ଶୁଭଦର୍ଶନ ମିଶ୍ର):** ପାଟସୁନ୍ଦରପୁର ପଞ୍ଚାୟତରେ ବାଟ ହୁଡ଼ିଛି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)। ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩-୨୪ରେ ବିଭିନ୍ନ ପ୍ରକଳ୍ପରେ କାମ କରାନଯାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଏକାଧିକ ପ୍ରକଳ୍ପରେ ମାଟି ମୁଠାଏ ନପଡ଼ି ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମିଥ୍ୟା ବିଲ୍ କରାଯାଇଥିବା ପଞ୍ଚାୟତର କେତେକ ଜନସାଧାରଣ ଓ ସମିତିସଭ୍ୟ ମନୋଜ କୁମାର ନାୟକ ଅଭିଯୋଗ ଆଣିଛନ୍ତି । ଏଭଳି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାୟକଙ୍କ ସହ ପ୍ରହ୍ଲାଦ ସାହୁ, କେଦାର ନାଥ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଦିଲ୍ଲୀପ ଦଳାଇ, ସୁବାସ ଜେନା, ଅକ୍ଷୟ ନାୟକ, ବିପ୍ର ରାଉତ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତରାଜ ସଚିବ, ପୁରୀ ଜିଲା ପ୍ରକଳ୍ପ ଅଧିକାରୀ ଓ କାକଟପୁର ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ବହୁ ପ୍ରକଳ୍ପର ଚିହ୍ନବର୍ଣ୍ଣ ନ ଥାଇ ବି ବ୍ଲକରୁ ମିଥ୍ୟା ମଷ୍ଟରରୋଲ ବାହାରି ଜବକାର୍ଡ ମାଧ୍ୟମରେ ଅନାୟାସରେ ସରକାରୀ ଅର୍ଥ ହରିଲୁଟ୍ କରାଯାଇଛି ବୋଲି ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତନ୍ତି। ସେହିଭଳି ପଞ୍ଚାୟତରେ ୪୦ଟି ଫାର୍ମପଣ୍ଡ (କ୍ଷେତପୋଖରୀ) ଉପରୋକ୍ତ ଆର୍ଥିକ ବର୍ଷରେ ଖୋଳାଯାଇଥିବା କାଗଜପତ୍ରରେ ଦର୍ଶାଯାଇଥିଲେ ମଧ ବାସ୍ତବ କ୍ଷେତ୍ରରେ ଅନ୍ୟର ପୁରୁଣା ପୋଖରୀକୁ ଦେଖାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଲ ହୋଇଥିବା ଅଭିଯୋଗ ହୋଇଛି।


ପୁରୀ : ମା’ ବାଙ୍କୀମୁହାଣ ରାମଚଣ୍ଡୀଙ୍କ ତ୍ରିପୁରାସୁନ୍ଦରୀ ବେଶ।

## ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି ନୀତି

**ପୁରୀ, ୧୮।୧୦( ଅଜିତ୍ ମହାନ୍ତି)**

ଗର୍ଭଣା ସଂକ୍ରାନ୍ତି ଅବସରରେ ବୁଧବାର ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଗୋପାଳ ବଲ୍ଲଭ, ସକାଳ ଧୂପ, ବାଳଭୋଗ, ପ୍ରଥମ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ମଇଲମ ହୋଇ ଯାତ୍ରୀଙ୍ଗୀ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଘଟୁଆରୀ ଘରୁ ରୁପାପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତ ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରତ୍ନସିଂହାସନକୁ ଚନ୍ଦନ ବିଜେ ହୋଇଥିଲା। ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ହୋଇଥିଲା। ଶ୍ରୀବିଗ୍ରହମାନେ ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିସହ ନୂଆଲୁଗା ଲାଗି ବେଶ ହୋଇଥିଲେ। ଏହାପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା। ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ

### ବିଭିନ୍ନ ସାହିରେ ପୂଜା ପାଇଲେ ନାଗ ଦେବତା

ରୋଷ ଭିତରେ ଅଲଗା ଭାବେ ରଖୁଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ଟି ସ୍ଥାନରେ ବାଢ଼ିଥିଲେ। ଏହାକୁ ‘ବଳି’ କୁହାଯାଏ। ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ। ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡ଼ିଥିଲା। ଏହି ଅବସରରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଗର୍ଭଣା ସଂକ୍ରାନ୍ତିରେ ପୁରୀରେ ଏକ ପରମ୍ପରା ଦେଖିବାକୁ ମିଳିଥାଏ। ଗୋଟିଏ ହାଣ୍ଡିରେ ଏକ ନାଗସାପକୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଉକ୍ତ ହାଣ୍ଡିରେ ଥିବା ନାଗସାପକୁ ନଗର ପରିକ୍ରମା କରାଯିବା ସହ ମାନସିକଧାରୀଙ୍କ ଦୁଆର ସମ୍ମୁଖରେ ପୂଜା କରାଯାଇଥାଏ। ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ଗଦ ପ୍ରଦାନ କରାଯାଇଥାଏ। ଲୋକକଥା ଅନୁଯାୟୀ, ଏହି ଦିନ ଉକ୍ତ ଗଦକୁ ସେବନ କଲେ ସର୍ପ ଦଂଶନର ଭୟ ନ ଥାଏ ବୋଲି ବିଶ୍ୱାସ ରହିଛି । ସନ୍ଧ୍ୟାରେ ଉକ୍ତ ସାପକୁ ଜଙ୍ଗଲରେ ନେଇ ଛାଡ଼ି ଦିଆଯାଏ।

## ସ୍ମୃତିରେଖା ଜାତୀୟ ଟାଏକୋଣ୍ଡୋ ରେଫରି ମନୋନୀତ

### ସତ୍ୟବାଦୀର ପ୍ରଥମ ଝିଅ ଭାବେ ମିଳିଲା ସଫଳତା



**ସାକ୍ଷୀଗୋପାଳ, ୧୮।୧୦(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ):** ପୁରୀ ରେଲୱେ ଇଣ୍ଡୋର ହଲ୍‌ଠାରେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାରା ଆୟୋଜିତ ରେଫରୀ ସେମିନାରରେ ସତ୍ୟବାଦୀ ଅଞ୍ଚଳର ସୁରେନ୍ଦ୍ର ନାୟକଙ୍କ ଝିଅ ସ୍ମୃତିରେଖା ନାୟକ ଜାତୀୟ ରେଫେରୀ ଭାବେ ମନୋନୀତ ହେଇଛନ୍ତି। ସେମିନାରରେ ୨୦୦ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ସେମିନାରରେ ବିଶ୍ୱ ଟାଏକୋଣ୍ଡୋ ସଂଘ ପ୍ରତିଯୋଗିତାର ନୂତନ ନିୟମାବଳୀ ସମ୍ବନ୍ଧରେ ଶିକ୍ଷା ଦିଆଯାଇଥିଲା। କର୍ଣାଟକର ମାଷ୍ଟର ଥିରୁମଲ ଅନ୍ତର୍ଜାତୀୟ ରେଫରୀ ପରୀକ୍ଷକ ଭାବେ ସଂଘ ତରଫରୁ ଆମନ୍ତ୍ରିତ ହେଇଥିଲେ। ସ୍ମୃତିରେଖା ସାକ୍ଷୀଗୋପାଳସ୍ଥିତ ହାନା ଟାଏକୋଣ୍ଡୋରେ ଟାଏକୋଣ୍ଡୋ ଶିକ୍ଷା ଲାଭ କରୁଛନ୍ତି। କୋଚ ଦୀପକ କୁମାର ପ୍ରଧାନ ଏବଂ ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମାଷ୍ଟର ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ପ୍ରୟୋଗଶାଳା ସୁରଭି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସାକ୍ଷୀଗୋପାଳ,୧୮।୧୦ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ):** ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି ଏବଂ ଓଡ଼ିଶା ମିଲେଟ୍ସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ସମିତି ଅଧକ୍ଷ ସୁନିଲ କୁମାର ପଣ୍ଡା ଯୋଗଦେଇ ବିଦ୍ୟାଳୟ ପରିସରସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ପ୍ରତିପାଦନ କରିବା ପାଇଁ ଏହି କାର୍ଯ୍ୟକ୍ରମ ହେଉଛି ମୁଖ୍ୟ ପ୍ରୟୋଗଶାଳା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ ଓ କୁମୁଦିନି ମିଶ୍ର, ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ଜେନା, ଜୟପୁର ସରପଞ୍ଚ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ ଯୋଗଦେଇଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀ ପିଲାଙ୍କୁ ନେଇ କନିଷ୍ଠ ବର୍ଗ, ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବର୍ଗ, ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ନେଇ ଅତି ବରିଷ୍ଠ ବିଭାଗ ଗଠନ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ନଭେମ୍ବରରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ସ୍ଥାନୀୟ ତହସିଲଦାର ଜୟନ୍ତ କୁମାର ଜୟସିଂ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିଚାରକ ଦିଗନ୍ତ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ବ୍ଲକରେ ଥିବା ୧୫୪ ବିଦ୍ୟାଳୟରରୁ ୪୦୦ ଛାତ୍ରୀ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।



## ସଂକ୍ଷେପରେ

**ନାବାଳିକାଙ୍କୁ ବଳାତ୍କାର ମାମଲା**

### ପୂର୍ବତନ ଲୋକୋ ପାଇଲଟ୍‌ଙ୍କୁ ୭ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା):** ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାର ମାମଲାରେ ରେଳ ବିଭାଗର ଜଣେ ପୂର୍ବତନ ଲୋକୋ ପାଇଲଟ୍‌ଙ୍କୁ ଭୁବନେଶ୍ୱର ସ୍ପେଶାଲ ଫାଷ୍ଟଟ୍ରାକ୍ କୋର୍ଟ-୨ ବୁଧବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଶୁଭଙ୍କର ପାଲ(୪୪)ଙ୍କୁ ବିଚାରପତି ଦୁର୍ଗାଚରଣ ମିଶ୍ର ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୫୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ତାଙ୍କୁ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ପଡ଼ିବ। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଶୁଭଙ୍କରଙ୍କ ଘର ପଶ୍ଚିମବଙ୍ଗ ତ୍ରିବେଣୀ ଥାନା ଅଞ୍ଚଳରେ। ୨୦୧୮ ଦୁର୍ଗାପୂଜା ସମୟରେ ଜଟଣୀ ଅଞ୍ଚଳରେ ରହୁଥିବା ଶୁଭଙ୍କରଙ୍କ ସ୍ତ୍ରୀ ଓ ଝିଅ ପଶ୍ଚିମବଙ୍ଗ ଯାଇଥିଲେ। ସେତେବେଳେ ପରିବାରରେ କେହି ନ ଥିବାର ସୁଯୋଗରେ ଘର ପାଖ ଜଣେ ନାବାଳିକାଙ୍କୁ ଆଇସ୍କ୍ରିମ ଦେବା ଆଳରେ ଶୁଭଙ୍କର ଘରକୁ ଡାକିଥିଲେ। ନାବାଳିକା ଜଣଙ୍କ ଘରକୁ ଆସିବା ପରେ ଶୁଭଙ୍କର ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ସେହିବର୍ଷ ଅକ୍ଟୋବର ୨୦ରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୩୬୦/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଶୁଭଙ୍କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ବିଚାରାଧୀନ କଏଦୀ ଭାବେ ଜେଲରେ ଦିନ କାଟୁଥିଲେ। ମାମଲାର ଶୁଣାଣି ସମୟରେ ୮ ଜଣ ସାକ୍ଷୀଙ୍କ ବୟାନ, ୨୧ ଦସ୍ତାବିଜ ଦାଖଲ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

### ବାଘ ଗଣନା ପାଇଁ ୧ରୁ ଲାଗିବ କ୍ୟାମେରା ଟ୍ରାପ୍

**ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ):** ରାଜ୍ୟରେ ଏବେ ପ୍ରତିବର୍ଷ ବାଘ ଗଣନା ହେବ। ଏଥିପାଇଁ ରାଜ୍ୟ ସରକାର ଏସ୍‌ଓପି ଜାରି କରିସାରିଥିବା ବେଳେ ଗତ ସେପ୍ଟେମ୍ବର ୧୫ରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବାଘ ଗଣନା ଲାଗି ଆସନ୍ତା ୧ ତାରିଖରୁ ପ୍ରାୟ ୧ ହଜାର କ୍ୟାମେରା ଟ୍ରାପ୍ ୮ଟି ସର୍କଲରେ ଲଗାଯିବ। ବାଘଙ୍କ ମଳର ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବ। ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟରେ କେତେ ବାଘ ଅଛନ୍ତି ତା'ର ରିପୋର୍ଟ ଆସିଯାଇଥିବ। ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ପ୍ରଥମଥର ପାଇଁ ଏହି ବାଘ ଗଣନା କରୁଛନ୍ତି ବୋଲି ବୁଧବାର ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି। କେନ୍ଦ୍ର ତଥ୍ୟ ତୁଳନାରେ ଓଡ଼ିଶାରେ ଅଧିକ ବାଘ ରହିଛି ବୋଲି ରାଜ୍ୟ ସରକାର ଦାବି କରୁଛନ୍ତି। କେନ୍ଦ୍ର ଗଣନା ଅନୁସାରେ, ରାଜ୍ୟରେ ୨୦ଟି ବାଘ ରହିଥିବା ବେଳେ ଏହାଠାରୁ ଅଧିକ ବାଘ ଥିବା ବିଭାଗ କହିଛି। ଏହାକୁ ପ୍ରମାଣ କରିବାକୁ ନିଜସ୍ୱ ଉଦ୍ୟମରେ ହେବ ବାଘ ଗଣନା। ଖାଲି ବାଘ ନୁହେଁ, ହାତୀ ଗଣନା ମଧ୍ୟ ରାଜ୍ୟ ସରକାର କରିବେ। ଖରା ଦିନରେ ହାତୀ ଗଣନା ହେବ। ଏପ୍ରିଲରୁ ହାତୀ ଗଣନା ଆରମ୍ଭ ହେବ ବୋଲି ପିସିସିଏଫ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ଜେଇ

## ୩ ଜିଲାର ୧୧ ସ୍ଥାନରେ ଚଢ଼ାଉ





- ଗୋଟିଏ ଫ୍ଲାଟ୍ ସମେତ ୫ କୋଠା, ୨୬ ପ୍ଲଟ୍ ଠାବ
- ଚଢ଼ାଉ ଜାରି, ଆହୁରି ବିପୁଳ ସମ୍ପତ୍ତି ଠାବ ଆଶଙ୍କା



ପ୍ରସନ୍ନ କୁମାର ପାଣି

ପାଲଲହଡ଼ା,(ଦିବ୍ୟଜ୍ୟୋତି ଦାଶ)/ ଭୁବନେଶ୍ୱର,୧୮।୧୦(ସତ୍ୟଜିତ୍ ରାଉତ)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଜୁନିୟର ଇଞ୍ଜିନିୟର (ଟେକ୍‌ନିକାଲ୍ କନ୍‌ସଲ୍‌ଟାଣ୍ଟ) ପ୍ରସନ୍ନ କୁମାର ପାଣି ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ୧୧ଟି ଟିମ୍ ପ୍ରସନ୍ନଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ଅନୁଗୋଳ ଓ ପୁରୀ ଜିଲାର ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ବହୁ କୋଟିର ସମ୍ପତ୍ତି ଠାବ କରିଛି। ଚଢ଼ାଉ ସ୍ଥାନ ମଧ୍ୟରେ ପ୍ରସନ୍ନଙ୍କ ପାଲଲହଡ଼ା କାନାଲ୍ ରୋଡ୍ ଉଦୟ ବିହାରସ୍ଥିତ ଭଡ଼ାଘର, ବିଇଓ ଅଫିସସ୍ଥିତ ତାଙ୍କ ଚାମ୍ବର, ସୁନ୍ଦରପଦାସ୍ଥିତ ୨ ସମ୍ପର୍କୀୟଙ୍କ ଘର ଓ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟରେ ରହୁଥିବା ସମ୍ପର୍କୀୟଙ୍କ ଫ୍ଲାଟ୍ ଏବଂ ଗୌରୀଧାମ୍‌ରେ ରହୁଥିବା ବ୍ୟବସାୟିକ ସହଯୋଗୀଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉ ସମୟରେ ସଂଗ୍ରାମଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଫ୍ରେଣ୍ଡ୍‌ସ କ୍ଲବ୍ ନିକଟରେ ୩୧୮୬ ବର୍ଗଫୁଟରେ ଥିବା ପ୍ରାୟ ୭୫ ଲକ୍ଷ ଟଙ୍କାର ୩ ମହଲା କୋଠା, ତ୍ରିଲୋଚନ ବିହାର ପ୍ଲଟ୍ ନଂ.୩୬୭ରେ ଥିବା ୨୪୬୮ ବର୍ଗଫୁଟ୍‌ର ୩ ମହଲା କୋଠା, ପ୍ଲଟ୍ ନଂ.୩୬୬ସ୍ଥିତ ୨୮୪୫ ବର୍ଗଫୁଟ୍‌ର ୩ ମହଲା କୋଠା, ସୁନ୍ଦରପଦା ହାଇଟେକ୍ ପ୍ଲାଜା ପ୍ରଥମ ମହଲା ବ୍ଲକ୍-ବି୪ରେ ଥିବା ଫ୍ଲାଟ୍ ନଂ.୧/ବି୪-୦୨, ପୁରୀ ଜିଲା ନିମାପଡ଼ା ଅଁଳାପଡ଼ାସ୍ଥିତ ୩ ମହଲା କୋଠା ଠାବ ହୋଇଛି। ଏଥିସହ ଭୁବନେଶ୍ୱର, କଟକ, ପିପିଲି, ନିମାପଡ଼ା, ଜଙ୍କିଆ ଓ ଜଟଣୀରେ ୨୬ଟି ପ୍ଲଟ୍ ଥିବା ଜଣାପଡ଼ିଛି। ପଟ୍ଟାରେ ଏଗୁଡ଼ିକର ମୂଲ୍ୟ ୮୯.୦୨ ଲକ୍ଷ ଟଙ୍କା ଦର୍ଶାଯାଇଥିବା ବେଳେ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ। ଏନେଇ ଟେକ୍‌ନିକାଲ୍ ଟିମ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଜମି ଓ ଫ୍ଲାଟ୍ କିଣିବାକୁ ବିଭିନ୍ନ ଡେଭଲପର୍ସ ତଥା ପ୍ରମୋଟର୍ସଙ୍କୁ ଦେଇଥିବା ୪୨.୮୪ ଲକ୍ଷ ଟଙ୍କାର ପ୍ରମାଣ ଭିଜିଲାନ୍ସ ଅଧିକାରୀମାନେ ପାଇଛନ୍ତି। ଏଥିସହ ପ୍ରସନ୍ନଙ୍କ ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୬୪.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୩.୩୩ ଲକ୍ଷ ନଗଦ ଟଙ୍କା, ୩୨ ଲକ୍ଷ ଟଙ୍କାର ୮୩୧.୮୩ ଗ୍ରାମ ସୁନା ଅଳଙ୍କାର, ୧୮.୭୯ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଓ ଅନ୍ୟ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ପ୍ରସନ୍ନଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଏପରିକି ଠାବ ହୋଇଥିବା ସମ୍ପତ୍ତିର ପରିମାଣ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଶିବାଜୀ ପଟ୍ଟନାୟକ ସ୍ମାରକୀ ପ୍ଲାଜା ଉଦ୍‌ଘାଟିତ



ଶିବାଜୀ ପଟ୍ଟନାୟକ ସ୍ମାରକୀ ପ୍ଲାଜାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱର ଜୟଦେବ ବିହାରଠାରେ ଜନନାୟକ ସ୍ୱର୍ଗତ ଶିବାଜୀ ପଟ୍ଟନାୟକ ସ୍ମାରକୀ ପ୍ଲାଜା ବୁଧବାର ଲୋକାର୍ପିତ ହୋଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି। ଜୟଦେବ ବିହାରସ୍ଥିତ ପାଲ ହାଇଟ ତଥା ସିପିଆଇ (ଏମ) କାର୍ଯ୍ୟାଳୟ ନିକଟରେ ୬୧୫ ବର୍ଗ ମିଟର ସ୍ଥାନରେ ଏହି ପ୍ଲାଜା ନିର୍ମାଣ କରାଯାଇଛି। ଗତ ମେ ମାସରେ ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ମୁଖ୍ୟମନ୍ତ୍ରୀ ଏହାର ଶିଳ୍ୟାନ୍ୟାସ କରିଥିଲେ। ବିଡିଏ ପକ୍ଷରୁ ଏହି ପ୍ରକଳ୍ପ ଡିଜାଇନ ଏବଂ ଉନ୍ନତିକରଣର କାର୍ଯ୍ୟଭାର ଗ୍ରହଣ କରିଥିଲା। ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪୦ ଲକ୍ଷ ଟଙ୍କା ବ୍ୟୟରେ ୫ ମାସ ମଧ୍ୟରେ ବିଡିଏ ପକ୍ଷରୁ ଏହି ସ୍ମାରକୀ ନିର୍ମାଣ କରାଯାଇଛି। ଏଠାରେ ବସିବା ପାଇଁ ଜାଗା, ପିଇବାପାଣି, ଶୌଚାଳୟ ଆଦିର ସୁବିଧା ରହିଛି। ଏହି ପ୍ଲାଜାରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନ, ସଫଳତା ଏବଂ କିସାନ ଆନ୍ଦୋଳନ, ଖେଟ ମଜଦୁର ୟୁନିୟନ, ରାଜ୍ୟରେ ଟ୍ରେଡ ୟୁନିୟନ ଆନ୍ଦୋଳନ ତଥା ତାଙ୍କର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଦର୍ଶାଯାଇଛି।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥାନନ, ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ସେକ୍ରେଟାରି କବୀନ୍ଦ୍ର କୁମାର ସାହୁ, ସିପିଆଇ (ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ଅଲ୍ଲୀ କିଶୋର ପଟ୍ଟନାୟକ ପ୍ରମୁଖ ସମେତ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଲୋକସେବା ଭବନ ଏସ୍‌ସି,ଏସ୍‌ଟି ବିଭାଗରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଛୋଟ ଧରଣର ଅଗ୍ନିକାଣ୍ଡ ହୋଇଛି। ପ୍ରଥମ ମହଲାରେ ଥିବା ଏସ୍‌ସି,ଏସ୍‌ଟି ବିଭାଗରେ ଲାଗିଥିବା ଏସିରୁ ନିଆଁ ବାହାରି ଲାଗିଥିଲା। ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ପରେ ଧୂଆଁ ବାହାରିବାରୁ କର୍ମଚାରୀମାନେ ସଙ୍ଗେ ସଙ୍ଗେ ବାହାରକୁ ପଳାଇ ଆସିଥିଲେ। ଫଳରେ କାହାର କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ତେବେ ଅଗ୍ନିଶମ ଟିମ୍ ପହଞ୍ଚିବା ପୂର୍ବରୁ କର୍ମଚାରୀମାନେ ନିଆଁ ଲିଭାଇ ଦେଇଥିଲେ।

## ଆନ୍ଦୋଳନକୁ ବ୍ୟାପକ କରିବ ୬୬୨ ବର୍ଗ କଲେଜ ସଂଘ

ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ)

ଗତ ୮ ମାସ ହେଲା ୪ ଦଫା ଦାବିରେ ନିରବଚ୍ଛିନ୍ନ ଭାବେ ଧାରଣା ଅବ୍ୟାହତ ରଖିଛି ୬୬୨ ବର୍ଗ କଲେଜ ସଂଘ। କିନ୍ତୁ ସରକାରଙ୍କ ପକ୍ଷରୁ ଦାବି ପୂରଣ ଦିଗରେ କୌଣସି ଠିକ୍ ନିଷ୍ପତ୍ତି ନିଆ ନ ଯାଇ କେବଳ ସମୟ ଗଡ଼ା ଯାଉଥିବାରୁ ଏହାର ପ୍ରତିବାଦରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ବୁଧବାର ଧାରଣାସ୍ଥଳରେ ୨୦ ଜିଲାର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ବୈମାତୃକ ମନୋଭାବର ନିନ୍ଦା କରାଯାଇଥିଲା। ଆସନ୍ତା ନଭେମ୍ବରରେ ୪ଟି ଜୋନ୍ ସମ୍ମିଳନୀ କରାଯିବାକୁ ସ୍ଥିର ହୋଇଛି। ନଭେମ୍ବର ୮ରେ ବରଗଡ଼, ୧୨ରେ ଗଞ୍ଜାମ, ୧୯ରେ ଭଦ୍ରକ ଏବଂ ୨୬ରେ ଭୁବନେଶ୍ୱରରେ ଏହି ସମ୍ମିଳନୀ ହେବ। ସମାନ ଗ୍ରେଡ୍ ପେ' ଆଧାରରେ ସମସ୍ତ ବର୍ଗକୁ ସମାନ ଦରମା ପ୍ରଦାନ, ଚାକିରି ସର୍ତ୍ତାବଳୀ ସହ ଏହି ବର୍ଗର କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ୨୦୧୮ ଜି.ଓ. କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ଏବଂ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ଦାବି ରହିଛି। ଏହା ମଧ୍ୟରେ ୬ଥର ମହାସମାବେଶ କରାଯାଇ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରଙ୍କ ସହ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରାଯିବ। ଜୋନ୍ ସ୍ତରୀୟ ବୈଠକରେ ସଚେତନତା ସୃଷ୍ଟି କରାଯିବ। ଆବଶ୍ୟକ ହେଲେ ସମସ୍ତ ମହାବିଦ୍ୟାଳୟ ବନ୍ଦ କରି ଉପ ଜିଲାପାଳଙ୍କୁ ଚାବି ହସ୍ତାନ୍ତର କରାଯିବ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି।

# ଷ୍ଟ୍ରୋକ୍‌ରେ ଓଡ଼ିଶା ଦ୍ୱିତୀୟ

**ସାଢ଼େ ୪ ଘଣ୍ଟା ହେଉଛି ଗୋଲ୍ଡେନ୍ ଆୱାର**

ଭୁବନେଶ୍ୱର, ୧୮।୧୦ (ଅସମାପିକା ସାହୁ)





କର୍ମଶାଳାରେ ବିଶିଷ୍ଟ ନ୍ୟୁରୋଲୋଜିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା ଓ ଅନ୍ୟମାନେ।

ଦେଶରେ ପ୍ରତି ୬ ସେକେଣ୍ଡରେ ଜଣେ ବ୍ୟକ୍ତିଙ୍କ ଷ୍ଟ୍ରୋକ୍‌ରେ ମୃତ୍ୟୁ ଘଟୁଛି। ପ୍ରତିବର୍ଷ ୧୭ଲକ୍ଷ ଲୋକ ଷ୍ଟ୍ରୋକ୍‌ର ଶିକାର ହେଉଥିବାବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୬ଲକ୍ଷ ଆଖି ବୁଜିଥାନ୍ତି। ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଜଟିଳ ରହିଛି। ଆଇସିଏମ୍‌ଆର୍ ଷ୍ଟଡିରୁ ଜଣାପଡ଼ିଛି ଯେ, ଷ୍ଟ୍ରୋକ୍ ରୋଗୀ ସଂଖ୍ୟାରେ ଦେଶରେ ପଶ୍ଚିମବଙ୍ଗ ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ହେଉଛି ଦ୍ୱିତୀୟ ସର୍ବାଧିକ ରାଜ୍ୟ ବୋଲି ବିଶିଷ୍ଟ ନ୍ୟୁରୋଲୋଜିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା କହିଛନ୍ତି। ଆଇଏଫ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାଲାଇଭ୍ ଓ ସ୍ୱାସ୍ଥ୍ୟପ୍ଲସର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ମିଡିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡା. ଜେନା ଏଥିରେ ଉପସ୍ଥିତ ରହି ଷ୍ଟ୍ରୋକ୍‌ର ଲକ୍ଷଣ, କାରଣ, ନିରାକାରଣ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାଂଶ କ୍ଷେତ୍ରରେ ରୋଗୀଙ୍କୁ ବହୁ ବିଳମ୍ବରେ ଡାକ୍ତରଖାନାକୁ ନିଆଯାଉଥିବାରୁ ସେମାନଙ୍କ ଚିକିତ୍ସା ବିଶେଷ ପ୍ରଭାବଶାଳୀ ହୋଇପାରୁ ନାହିଁ। ଷ୍ଟ୍ରୋକ୍ ପାଇଁ ସାଢ଼େ୪ ଘଣ୍ଟା ହେଉଛି ଗୋଲ୍ଡେନ୍ ଆୱାର। କିନ୍ତୁ ୫୮% ରୋଗୀ ଏହି ସମୟ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରନ୍ତି ନାହିଁ। ତେଣୁ କୌଣସି ବ୍ୟକ୍ତିଙ୍କ ଷ୍ଟ୍ରୋକ୍‌ର ସନ୍ଦେହ ହେଲେ ତାଙ୍କୁ ଚାରିରୁ ସାଢ଼େ ୪ ଘଣ୍ଟା ମଧ୍ୟରେ ଷ୍ଟ୍ରୋକ୍ ଚିକିତ୍ସା ଉପଲବ୍ଧ ଥିବା ଡାକ୍ତରଖାନାରେ ପହଞ୍ଚାଇବା ଜରୁରୀ ବୋଲି ଡା. ଜେନା କହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ତଥା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ପ୍ରଣବ କୁମାର ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଅଣସଂକ୍ରାମକ ରୋଗ ମଧ୍ୟରେ ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ ଏବଂ ଷ୍ଟ୍ରୋକ ଆଜି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ତା' ଭିତରେ ଷ୍ଟ୍ରୋକ୍ ବର୍ତ୍ତମାନ ଲୋକଙ୍କ ଜୀବନକୁ ଅଧିକ ମାତ୍ରାରେ ପ୍ରଭାବିତ କରୁଛି। ଏଥିରୁ ବର୍ତ୍ତିବା ପାଇଁ ଲୋକଙ୍କୁ ନିଜର ଜୀବନଶୈଳୀରେ ପରିବର୍ତ୍ତନ କରିବାକୁ ପଡ଼ିବ। ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ସହ ଷ୍ଟ୍ରୋକ୍ ମୁକାବିଲା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ସମୟରେ ସରକାରଙ୍କୁ ସଜାଗ କରିବା ଦରକାର ବୋଲି ଡା. ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି।

ଅକ୍ଟୋବର ୨୯ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଇଁ ଫାଉଣ୍ଡେଶନ ପକ୍ଷରୁ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଶେଷ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ କରାଯାଉଛି। ଏହି ଅବସରରେ ବିଭିନ୍ନ ସଚେତନତାମୂଳକ ଭିଡିଓ ଓଡ଼ିଶା ଲାଇଭ୍ ଏବଂ ସ୍ୱାସ୍ଥ୍ୟପ୍ଲସର ବିଭିନ୍ନ ସୋସିଆଲ ଚ୍ୟାନେଲରେ ପ୍ରସାରଣ କରାଯିବ। ଏହି ଅଭିଯାନ ଅଧୀନରେ ଆୟୋଜିତ ମିଡିଆ ସଚେତନତା କର୍ମଶାଳାରେ ଓଡ଼ିଶା ଲାଇଭ୍‌ର ମୁଖ୍ୟ ସମ୍ପାଦକ ଏବଂ ଷ୍ଟ୍ରୋକ୍ ସଚେତନତା ଅଭିଯାନର ଅଧ୍ୟକ୍ଷ ନୀଳାମ୍ବର ରଥ କହିଲେ, ଶତାଧିକ ବର୍ଷ ଧରି ମାନବ ସମାଜ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ଲଢ଼େଇ କରିଆସିଛି। କିନ୍ତୁ ଚଳିତ ଶତାବ୍ଦୀରେ ଅଣସଂକ୍ରାମକ ରୋଗ ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଭିନ୍ନ ଅଣସଂକ୍ରାମକ ରୋଗ ମଧ୍ୟରେ ଷ୍ଟ୍ରୋକ୍ ଆଜି ମୃତ୍ୟୁ ଓ ଅକ୍ଷମତା ସୃଷ୍ଟିର ଏକ ପ୍ରମୁଖ କାରଣ ହୋଇଛି। ଏହା ଆଜି ସାରା ପୃଥିବୀ ପାଇଁ ବିରାଟ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଦେଖାଦେଇଛି। ତେଣୁ ଏ ସମ୍ପର୍କରେ ବ୍ୟାପକ ସଚେତନତା କରାଯାଇପାରିଲେ ଆମେ ଆଗାମୀ ଦିନରେ ଷ୍ଟ୍ରୋକ୍‌କୁ ନିୟନ୍ତ୍ରଣ କରିପାରିବା ବୋଲି ନିଳାମ୍ବର କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିରଞ୍ଜିତ୍



@ ଶିଲୁ



@ ପର୍ଶୁରାମ



@ ପ୍ରିନ୍ସ ଜ୍ୟୋତି



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅଧିକାରୀମାନେ।

ଭୁବନେଶ୍ୱର, ୧୮।୧୦ (ଅସମାପିକା ସାହୁ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ରମୋହନଙ୍କ ନାମରେ ନାମିତ ତାଳଚେରସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏ ନେଇ ବୁଧବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍(ଏମ୍‌ସିଏଲ୍) ସହଯୋଗରେ ଯଥାଶୀଘ୍ର ଏହି ଡାକ୍ତରଖାନା କାର୍ଯ୍ୟକ୍ଷମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଓ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ଶାସନ ସଚିବଙ୍କ ସମେତ ଅନୁଗୋଳ ଜିଲାପାଳ, ଏମ୍‌ସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ ଏମ୍‌ସିଏଲ୍‌ର ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ଅକ୍ଟୋବର ୨୦ରେ ମାଷ୍ଟର ସେଫ୍ ଓଡ଼ିଶା

**ଭୁବନେଶ୍ୱର,୧୮।୧୦**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସ୍ୱସ୍ତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ (ସିମସ୍ସ) ପକ୍ଷରୁ ଏକ ଅଭିନବ ପ୍ରତିଯୋଗିତା 'ମାଷ୍ଟର ସେଫ୍ ଓଡ଼ିଶା-୨୦୨୩'ର ଆୟୋଜନ କରାଯାଉଛି। ଏପରିକି ଉକ୍ତ ପ୍ରତିଯୋଗିତା ଚଳିତ ବର୍ଷ ଅକ୍ଟୋବର ୨୦ରେ ସିମସ୍ସ ପରିସରରେ ଆୟୋଜନ ହେବାକୁ ଯାଉଛି। ବିଶେଷକରି ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ପ୍ରତିଯୋଗିତା ଆଶାୟୀ ସେଫ୍(ରୋଷେଇଆ)ଙ୍କ ପାଇଁ ଅନୁଷ୍ଠିତ ହେଉଛି ବୋଲି ସିମସ୍ସ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ସିମସ୍ସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ ସ୍ୱସ୍ତି ହୋଟେଲ ପରିସରରେ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ସିମସ୍ସର ଅଧ୍ୟକ୍ଷ(ପ୍ରିନ୍ସିପାଲ) ପ୍ରଫେସର ଆର୍.କେ. ପାଣିଗ୍ରାହୀଙ୍କ ସମେତ ରଞ୍ଜିତ ଆଚାର୍ଯ୍ୟ, ସୁମନ୍ତ ନାୟକ ଏବଂ ଅଭିଷେକ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି 'ମାଷ୍ଟର ସେଫ୍ ଓଡ଼ିଶା-୨୦୨୩'ର ଆଭିମୁଖ୍ୟ ଓ ଅନ୍ୟାନ୍ୟ ବିଷୟବସ୍ତୁ ଆଦି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଦିନିକିଆ ପ୍ରତିଯୋଗିତାର ବିଜେତାଙ୍କୁ ଆକର୍ଷଣୀୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହ ଅନ୍ୟାନ୍ୟ ସୁବିଧା ଉଭୟ ସିମସ୍ସ ଓ ସ୍ୱସ୍ତି ଗ୍ରୁପ୍ ପକ୍ଷରୁ ଦିଆଯିବ ବୋଲି ସିମସ୍ସ ପକ୍ଷରୁ କୁହାଯାଇଛି। ସେହିଭଳି ୨ଟି ପର୍ଯ୍ୟାୟରେ ଆୟୋଜିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଆଶାୟୀ ସେଫ୍‌ମାନେ ଅକ୍ଟୋବର ୨୦ରେ ସିମସ୍ସ କ୍ୟାମ୍ପସ ଜଟଣୀଠାରେ ପ୍ରତିଯୋଗିତାର ନିୟାମାବଳୀ ପୂରଣ ସହ ଅଂଶ ଗ୍ରହଣ କରିପାରିବେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସିମସ୍ସ ଅଧିକାରୀ।

# ବଜାରରେ ହିରୋର ନ୍ୟୁ କରିଜ୍ମା ଏକ୍ସଏମ୍ଆର୍



**ଭୁବନେଶ୍ୱର,୧୮।୧୦ (ଅଭୟ ଦାଶ)**

ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ବାଇକ 'କରିଜ୍ମା ଏକ୍ସଏମ୍ଆର୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ରୋହନ ହିରୋ ବରମୁଣ୍ଡା ଫାୟାରଷ୍ଟେଶନ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୫୦ର କର୍ପୋରେଟର ରାମଚନ୍ଦ୍ର ରଣସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ଏରିଆ ସେଲ୍ସ ମ୍ୟାନେଜର ଅଶୋକ ମାହୁତଙ୍କ ସମେତ ହିରୋ ଫିନ୍‌କର୍ପ ଲିମିଟେଡ୍‌ର ଜୋନାଲ ମ୍ୟାନେଜର ରାଜା ଚକ୍ରବର୍ତ୍ତୀ,କ୍ଲଷ୍ଟର ମ୍ୟାନେଜର ଜଗତ ମିଶ୍ର ଏବଂ ରୋହନ ହିରୋର ମ୍ୟାନେଜିଂ ଡାଇରେକ୍ଟର ରାଜୀବ ଦୁବେ ଓ ଜେନେରାଲ ମ୍ୟାନେଜର ପି.ଆର୍. ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୧୦ ସିସିର ଏଲ୍‌ସି ଡିଓଏଚ୍‌ସି ଇଞ୍ଜିନ ସହିତ ଶିଳ୍ପର ପ୍ରଥମ ଧରଣର ସୁବିଧା ଉକ୍ତ ମଡେଲରେ ଉପଲବ୍ଧ ରହିଛି। ସେହିଭଳି ଅଲ ନ୍ୟୁ କରିଜ୍ମା ଏକ୍ସଏମ୍ଆର୍‌ରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସହ ୩ଟି ଆକର୍ଷଣୀୟ ଆଇକନିକ ୟେଲୋ, ଟ୍ରୁବ ରେଡ୍ ଏବଂ ମାଟେ ପାନ୍ଥମ ବ୍ଲାକ୍ କଲରରେ ଉପଲବ୍ଧ ହେଉଥିବାବେଳେ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ମୂଲ୍ୟ) ୧,୭୨,୯୦୦ ଟଙ୍କା ରହିଛି। ହିରୋ ମୋଟୋକର୍ପର ସିଇଓ ନିରଞ୍ଜନ ଗୁପ୍ତା କହିଛନ୍ତି, ଯୁବବର୍ଗଙ୍କ ଚାହିଦା ଓ ବଜାରର ଆବଶ୍ୟକତାକୁ ଆଖି ଆଗରେ ରଖି କମ୍ପାନୀ ଏଭଳି ଏକ ପ୍ରିମିୟମ ତଥା ସ୍ପୋର୍ଟି ଭାରିଆଣ୍ଟର ଗାଡ଼ି ଉନ୍ମୋଚନ ସହ ବଜାର ପ୍ରବେଶ କରାଇଛି।

# ଫ୍ୟାଶନ ଆଣ୍ଡ ଲାଇଫ୍‌ଷ୍ଟାଇଲ ଏକ୍ଜିବିଶନ

**ଭୁବନେଶ୍ୱର,୧୮।୧୦**



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭେଜ୍‌ବାସ୍କେଟ୍ ପକ୍ଷରୁ ଏକ ଦିନିକିଆ ଫ୍ୟାଶନ ଆଣ୍ଡ ଲାଇଫ୍‌ଷ୍ଟାଇଲ ଏକ୍ଜିବିଶନ ଭୁବନେଶ୍ୱରର ସତ୍ୟନଗରସ୍ଥିତ ବ୍ଲାଇଣ୍ଡ ଆସୋସିଏଶନ ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ପାର୍ବଣ ଓ ଦୀପାବଳିକୁ ଆଖି ଆଗରେ ରଖି ଭେଜ୍‌ବାସ୍କେଟ୍ ପକ୍ଷରୁ ଏଭଳି ଏକ ମେଳାର ଆୟୋଜନ କରାଯାଇଥିଲା। ଉକ୍ତ ମେଳାରେ ୩୫ଟି ଷ୍ଟଲ ପଡ଼ିଥିଲାବେଳେ ୫୦ରୁ ଅଧିକ ବ୍ୟବସାୟୀ ସେମାନଙ୍କର ସାମଗ୍ରୀ ସହ ଏଥିରେ ସାମିଲ ହୋଇଥିଲେ। ଅପରପକ୍ଷରେ ଭେଜ୍‌ବାସ୍କେଟ୍‌ର ଉତ୍ପାଦଗୁଡିକ ବେଶ୍ ସ୍ୱାଦିଷ୍ଟ ଓ ଗୁଣାତ୍ମକ ହୋଇଥିବାବେଳେ ସୁଲଭ ମୂଲ୍ୟରେ ୧୦୦ରୁ ଅଧିକ ଭେରାଇଟିର ଡ୍ରାଏ ଫ୍ରୁଟ୍‌ସ ସହିତ ୭୫ରୁ ଅଧିକ ନମ୍‌କିନ୍, ସୁଇଟ୍ସ ଏବଂ ମିଲେଟ ଉତ୍ପାଦ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ବୋଲି ସଂସ୍ଥାର ପ୍ରମୁଖ ଆଶିଷ ଅଗ୍ରୱାଲ ଏବଂ ଅଶୋକ ଅଗ୍ରୱାଲ ବିସ୍ତୃତଭାବେ ସୂଚନା ଦେଇଥିଲେ।

# ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର,୧୮।୧୦**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୧ (୫୫୧.୦୭) ପଏଣ୍ଟ ଖସି ୬୫,୮୭୭ (୬୫,୮୭୭.୦୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୪ (୧୦୪.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୭୧(୧୯,୬୭୧.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।


## ODISHA PUBLIC SERVICE COMMISSION CUTTACK

### NOTICE

No.8205/P.S.C., Dt.18.10.23

**No.D-**It is for information of all concerned that, the Commission have decided to conduct the written examination of Odisha Municipal Administrative Services-2021, pursuant to Advt. No. 06 of 2022-23 on 19.11.2023 (Sunday). The detail programme of the said examination shall be notified later.

2. The candidates are advised to visit the website of the Commission at http://opsc.gov.in. for further information in this regard.

**Sd./- Secretary**
OIPR-12002/11/0106/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail Id: eerw_deogarh@yahoo.co.in

No.O-1316: **E-Procurement Notice**

**BID IDENTIFICATION NO.SERWDGH-Online-07/2023-24**

1. No. of Works: (01 No.)
2. Estimated Cost: Rs.75.98 Lakh
3. Mode of Submission of tender: Tender shall be submitted online in www.tendersodisha.gov.in.
4. Availability of tender for online bidding: 20.10.2023, 10.00 A.M. to 27.10.2023 upto 5.00 P.M.
5. Date and Time of Opening of tender: 30.10.2023, 10.00 A.M.
6. Other details can be seen from the website www.tendersodisha.gov.in.
7. Corrigendum/Addendum if any shall only be published in the above website.

**Superintending Engineer**
**R.W.Division, Deogarh**
OIPR-25087/11/0010/2324

## GOVERNMENT OF ODISHA
### "e" PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
## WORKS DEPARTMENT
### Tender Call Notice

E-mail: rbcirclekhurda@gmail.com
Bid Identification No.CCE-Khordha (R&B) Circle-22/2023-24
Memo No.2097, Dt.10.10.2023

**No.B-1104:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Bridge works as detailed in the table below.
1. Nature of Work: Bridge Works, 2. No. of Work: 2 Nos. 3. Tender Cost: Rs.10000.00 (Online). 4. Class of Contractor: Special & A Class. 5. Available of Bid document in the website: From 10.00 AM of Dt.19.10.2023 upto 05.00 PM of Dt.06.11.2023 upto 5.00 PM. 6. Date of Opening of Bid: Dt.07.11.2023 at 11.30 AM. 7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

**Sd./- Chief Construction Engineer, Khordha (R&B) Circle, Khordha**
OIPR-34127/11/0029/2324

## GOVERNMENT OF ODISHA
## OFFICE OF THE MUNICIPAL COUNCIL, BALANGIR

Email:bgrmc1972@gmail.com, Ph.No.06652-232790

### e-Procurement Notice

**BID IDENTIFICATION NO.BLGRMPTY/09(01-06)/2023-24**
No.4403//Dtd.13.10.23

**No.C-1655:**1.The Executive Officer, Balangir Municipality, Balangir invites percentage rate bid in Double Cover system in ONLINE MODE for the construction of works detailed in the table below from B Class Contractors registered with the State Governments and Contractors of equivalent Grade/Class registered with Central Government/MES/Railways for execution of Road/Building/Bridge Works. The proof of registration from the appropriate authority shall be enclosed alongwith the bid.

2. Nature of Work : Civil Construction work as mentioned in DTCN
3. No. of Tender : 6 (Six) Nos.
4. Tender Cost : Rs.10,000/- (Each)
5. Class of Contractor : "B" Class
6. Date and Time of Sale & Receipt of Bids : From Dt.16.10.2023, 11.00 A.M. to Dt.27.10.2023 upto 5.00 P.M.
7. Date of Opening Bid : Dt.30.10.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Executive Officer, Balangir Municipality**
OIPR-13169/11/0013/2324

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2496 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.4956/OSIC/MKT** **Dt.18.10.2023**

The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/Manufacturers for procurement, supply & installation of Smart Interactive Panel along with its accessories & peripherals in High Schools, High Secondary Schools and Degree Colleges of Bolangir District under Transformation of 5-T initiative of Government of Odisha. The detail specifications, quantity of the items along with terms and conditions is available in OSIC website. Any corrigendum/changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.

**By order of MD**
**Sd/-General Manager(O)**
OIPR-14073/11/0065/2324

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2499 **NIT No.47/OMC/CIVIL/2023**

Tender for the following works are invited online through e-Procurement portal of Govt. of Odisha.

| Sl. No. | Name of the Work | Estimated cost (In lakh rupees) | Time Period of the work (in month) | Class of Contractor | EMD on BG (In Rupees) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of New DDM Office, Analytic Lab, SPU along with Robotic lab at Joda in the district of Keonjhar. | 1903.92 | 14 (Fourteen) | A & Special | 19,04,000/- | 10,000/- + 18% GST |
| 2 | Construction of New DDM Office, Analytic lab, SPU along with residential buildings and other development works at Koira in the district of Sundergarh. | 3315.34 | 16 (Sixteen) | Special & Super | 33,15,400/- | 6,000/- + 18% GST |

1. Availability of Bid document in Govt. portal from dt. 01.11.2023 to 21.11.2023 up to 5.00 PM.
2. Last date of on-line submission of tender in the portal is dt.21.11.2023 up to 5.00 PM.
3. Date of opening of Technical Bid is dt.22.11.2023 at 11.00 AM.

All other details can be seen from bid documents available at Govt. website www.tendersodisha.gov.in.
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0150/2324 **CGM (Civil)**

See Career Appointment on every **Wednesday & Saturday**

## Government of Odisha
## Higher Education Department

### Timeline for admission into B.Ed. Courses at Vikram Dev University, Jeypore, Koraput under SAMS for the Academic Session 2023-24

**No.N-92:**Timeline for admission into B.Ed. Courses at Vikram Dev University, Jeypore, Koraput for the Academic year 2023-24 under SAMS is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Reporting of interested applicants for submission of CAF along with relevant documents for participating in this admission process at Vikram Dev University, Jeypore, Koraput | 18th -Oct-2023 to 20th -Oct-2023 & 25th -Oct-2023 to 27th -Oct-2023 (10:00 AM ) to ( 05:00 PM ) |
| 2 | Preparation of the merit list among the reported applicants by the Vikram Dev University, Jeypore, Koraput | 30th -Oct-2023 & 31st -Oct-2023 |
| 3 | Publication of the merit list among the reported applicants at the Notice Board/ University's website & inform them via Call/SMS by the Vikram Dev University, Jeypore, Koraput | 1st -Nov-2023 ( 02:00 PM ) |
| 4 | Reporting of applicants to take admission at Vikram Dev University, Jeypore, Koraput, where the admission fees will be deposited directly at the University's account along with Admission updation in HEI's e-Space | 2nd -Nov-2023 & 3rd -Nov-2023 (10.00 AM to 06.00 PM ) |

**Important Notice**

- ***The applicants, who had appeared and qualified in the B.Ed. Entrance Test -2023 under SAMS can participate in this admission process.***
- ***The applicants, who have already taken admission in any of the HEIs coming under SAMS in the Academic Sesssion: 2023-24 are not allowed to participate in this admission process at Vikram Dev University, Jeypore, Koraput***
- ***The applicants are instructed to visit the Notice board of the concerned University to know their selection status.***

OIPR-11001/11/0037/2324
**Sd./-**
**Deputy Director, PTC Section**

## ଦୁର୍ଗପତିଙ୍କ କାର୍ଯ୍ୟାଳୟ
## ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗର

ପ୍ରାପ୍ତେଷୁ

ନାମ – **ଲିପୁନ୍ କୁମାର ପ୍ରଧାନ**
ପିତା – ପ୍ରସନ୍ନ କୁମାର ପ୍ରଧାନ
ଗ୍ରାମ – ଦ୍ୱାରବନ୍ଧ
ପୋ: – ଗଣ୍ଡାମାଲ
ଥାନା – ରେଙ୍ଗାଲି ଡ୍ୟାମ୍ ସାଇଟ୍
ଜିଲ୍ଲା – ଅନୁଗୁଳ
ପିନ୍ – ୭୫୯୧୦୫

No. D-145: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆପଣ ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗରରେ କାର୍ଯ୍ୟରତ ଅଛନ୍ତି। ଆପଣ ଗତ ତା୨୩।୦୫।୨୦୨୩ ଅପରାହ୍ନଠାରୁ ତା୨୯।୦୫।୨୦୨୩ ଅପରାହ୍ନ ପର୍ଯ୍ୟନ୍ତ ସମୁଦାୟ ୦୬ଦିନ ଛୁଟି ନିଜ ସ୍ତ୍ରୀଙ୍କର ଅସୁସ୍ଥତା ନିମନ୍ତେ ଯାଇଥିଲେ। ଆପଣଙ୍କର ତା୩୦।୦୫।୨୦୨୩ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦାନ କରିବାର ଥିଲା। କିନ୍ତୁ ଆପଣ ଉପରିସ୍ଥ ଅଧିକାରୀଙ୍କୁ କିଛି ନ ଜଣାଇ ନିଜର ମନମୁତାବକ ଅନଧିକାର ଅଧିକ କାଳ ବିନା ଛୁଟିରେ ରହିଆସୁଛନ୍ତି। ଆପଣଙ୍କ ଏହି ଅଧିକ କାଳ ବିନା ଛୁଟିରୁ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦୁର୍ଗପତି ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡ଼ା, ଭଞ୍ଜନଗରଙ୍କ କାର୍ଯ୍ୟାଳୟଠାରୁ ବିଭିନ୍ନ ସମୟରେ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ କରିବା ନିମନ୍ତେ ସ୍ୱତନ୍ତ୍ର ଡାକ ଏବଂ ସ୍ୱତନ୍ତ୍ର ଡାକ ବାହକ ମାଧ୍ୟମରେ ଆପଣଙ୍କ ଘରୋଇ ସ୍ଥାୟୀ ଠିକଣାକୁ ପ୍ରେରଣ ପତ୍ର ସଂଖ୍ୟା ୧୩୨୯/ଆର୍.ଓ., ତାରିଖ: ୦୮।୦୬।୨୦୨୩, ସଂଖ୍ୟା ୧୪୪୧/ଆର୍.ଓ., ତାରିଖ: ୨୬।୦୬।୨୦୨୩, ସଂଖ୍ୟା ୧୬୭୦/ଆର୍.ଓ., ୨୭।୦୭।୨୦୨୩ ଏବଂ ସଂଖ୍ୟା ୨୧୭୩/ଆର୍.ଓ., ତାରିଖ: ୨୬।୦୯।୨୦୨୩ରେ ପ୍ରେରଣ କରାଯାଇଥିଲା। କିନ୍ତୁ ଆପଣ ଆପଣଙ୍କ ଘରର ସ୍ଥାୟୀ ଠିକଣାରେ ଅନୁପସ୍ଥିତ ଥିବା ହେତୁ ଆପଣଙ୍କ ଅବଗତି ନିମନ୍ତେ ଉକ୍ତ ପତ୍ରଟି ଆପଣଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆପଣଙ୍କର ବାପା ଶ୍ରୀ ପ୍ରସନ୍ନ କୁମାର ପ୍ରଧାନ ଏକ ଲିଖିତ ପତ୍ର ଦ୍ୱାରା ସୂଚିତ କରିଅଛନ୍ତି କି ଯେ ଆପଣ ଦୀର୍ଘ ଦିନ ହେବ ନିଜର ସ୍ଥାୟୀ ଠିକଣାରେ ରହୁନାହାନ୍ତି କିମ୍ବା ଆପଣ ଘର ସହିତ ସମ୍ପର୍କ ରଖୁ ନାହାନ୍ତି କି କୌଣସି ପ୍ରକାରେ ଯୋଗାଯୋଗ କରୁନାହାନ୍ତି।

ଏଣୁ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ସୂଚିତ କରାଯାଉଅଛିକି ଆପଣ ଖବର ପ୍ରକାଶିତ ହେବାର ୦୭ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରନ୍ତୁ। ଯଦି ୦୭ଦିନ ମଧ୍ୟରେ ଆପଣ କାର୍ଯ୍ୟରେ ଯୋଗଦାନ ନ କରନ୍ତି କିମ୍ବା କାର୍ଯ୍ୟାଳୟ ସହ କୌଣସି ଯୋଗାଯୋଗ ନ କରନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– (ଦୁର୍ଗପତି)
୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ଭଞ୍ଜନଗର
OIPR-12029/11/0025/2324

## GOVERNMENT OF ODISHA
## ODIA LANGUAGE, LITERATURE & CULTURE DEPARTMENT
## HAREKRUSHNA MAHTAB STATE LIBRARY, BHUBANESWAR
### ADVERTISEMENT

**No. ASD-Estt.-II-13/2023/1945/HKMSL** **Dated: 17.10.2023**

No. RR-38: Applications are invited from the retired Government Officers/Employees for engagement as OSDs for 11 Posts in the Harekrushna Mahtab State Library, Bhubaneswar on contractual basis against the following vacant posts for a period of one year or till the vacancy is filled up, whichever is earlier as per the terms and conditions as stated bellow:

| Sl. No. | Name of the Post | Nos. of Post |
|---|---|---|
| 01 | Librarian - II | 01 |
| 02 | Assistant Librarian | 05 |
| 03 | Library Assistant | 01 |
| 04 | Jr. Storekeeper | 01 |
| 05 | Jr. Assistant | 01 |
| 06 | Library Attendant | 02 |
| | | **Total-11** |

1. Officers who have from retired from Government service on attaining the age of superannuation and below the age of sixty five years having good service records and are physically fit shall be eligible to be considered for engagement.
2. Officers against whom department proceeding or criminal cases are pending or contemplated or who have been penalized for misconduct during the period of preceding five years of retirement are not eligible to apply.
3. The engagement will be made as per terms and conditions as laiddown vide GA Department Resolution No. 23750/Gen. Dt.27.08.2014.
4. The Consolidated remuneration of the Consultants/OSDs will be fixed as per Finance Department O.M. No. 7022/F Dt.17.03.2018 and revised O.M. No. 24533 Dt.29.09.2022.
5. The engaged officers are subject to 'Odisha Government Servants Conduct Rules, 1957' and are liable to be proceeded against for their misconduct, omissions and commissions as per the provisions under the
6. The engagement can be terminated at any time by the competent authority due to unsatisfactory performance. On the contrary if any OSD desires to resign he shall do so by giving one month's prior written notice to the competent authority.
7. On being selected, the applicant will furnish an undertaking at the time of joining the duty as regards truthfulness and correctness of the information furnished by him/her.
8. Interested retired Officers fulfilling the above criteria may apply in the enclosed format to the Director HKM State Library, Bhubaneswar through e-mail id **hkmsl@rediffmail.com / hkmsl2022@gmail.com** by 27th October, 2023.

**Sd./- Director, HKM, State Library**
OIPR-03016/11/0002/2324

## ବିଜ୍ଞାପନ
### ଶିକ୍ଷାବୃତ୍ତି ନିମନ୍ତେ ଆବେଦନ/ପଞ୍ଜୀକରଣ

No.gg-14:ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତି ପାଇବା ନିମନ୍ତେ ଜାତୀୟ ବୃତ୍ତି ପୋର୍ଟାଲ (ନ୍ୟାସନାଲ ସ୍କଲାରଶିପ ପୋର୍ଟାଲ) https://scholarships.gov.in. ରେ ପଞ୍ଜୀକରଣ ଆବଶ୍ୟକ ଅଟେ । ଏହି ସମ୍ପର୍କୀୟ ପଞ୍ଜୀକରଣର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଗ | ପଞ୍ଜୀକରଣ ଆରମ୍ଭ ତାରିଖ | ଆବେଦନର ଶେଷ ତାରିଖ |
|---|---|---|
| ପ୍ରି-ମାଟ୍ରିକ | ୦୧.୧୦.୨୦୨୩ | ୩୦.୧୧.୨୦୨୩ |
| ପୋଷ୍ଟ-ମାଟ୍ରିକ | ୦୧.୧୦.୨୦୨୩ | ୩୧.୧୨.୨୦୨୩ |
| ଟପ କ୍ଲାସ | ୦୧.୧୦.୨୦୨୩ | ୩୧.୧୨.୨୦୨୩ |

ଏଣୁ ସମସ୍ତ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଉପରୋକ୍ତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରାଇ ଶିକ୍ଷାବୃତ୍ତିର ଲାଭ ନିଅନ୍ତୁ ।

**ସ୍ୱତନ୍ତ୍ର ଶାସନ ସଚିବ**
**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
**OIPR-46001/11/0023/2324**

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରୀୟ ସମ୍ପାଦକ ହେଲେ ମାନସ ଚୌଧୁରୀ

**ଭୁବନେଶ୍ୱର,(ସୁନିତ୍ ମିଶ୍ର):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଅଧକ୍ଷ ସଞ୍ଜିବା ରେଡି ବୁଧବାର ମାନସ ରଞ୍ଜନ ଚୌଧୁରୀଙ୍କୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରୀୟ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ମାନସ ରାଜ୍ୟ କଂଗ୍ରେସର ଜଣେ ବରିଷ୍ଠ ନେତା। ଏବେ ସେ କଟକ ଜିଲା କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଦସ୍ୟ ଥିବା ମାନସ ପୂର୍ବରୁ ଭୁବନେଶ୍ୱର ଜିଲା କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୩ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

### ଛତିଶଗଡ଼ ନିର୍ବାଚନ

**ନୂଆଦିଲ୍ଲୀ,୧୮।୧୦ :** ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୫୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ବରିଷ୍ଠ ନେତା ମୋତିଲାଲ ଭୋରାଙ୍କ ପୁଅ ଅରୁଣ୍ ଭୋରାଙ୍କୁ ଦୁର୍ଗ ସିଟି ଆସନରୁ ପ୍ରାର୍ଥୀ କରାଯାଇଛି। ଦ୍ୱିତୀୟ ପ୍ରାର୍ଥୀ ତାଲିକା ସହ ଛତିଶଗଡ଼ର ମୋଟ ୯୦ ଆସନ ମଧ୍ୟରୁ ୮୩ଟିରେ କଂଗ୍ରେସ ପ୍ରାର୍ଥୀ ଦେଇଛି। ବିଧାୟକ ବିକାଶ ଉପାଧ୍ୟାୟ ରାୟପୁର ସିଟି ୱେଷ୍ଟ ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ପଙ୍କଜ ଶର୍ମା ରାୟପୁର ଗ୍ରାମାଞ୍ଚଳ ଏବଂ ମହନ୍ତ ରାମସୁନ୍ଦର ଦାସ ରାୟପୁର ସିଟି ସାଉଥ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଛତିଶଗଡ଼ ବିଧାନସଭା ଭୋଟ ନଭେମ୍ବର ୭ ଏବଂ ୧୭ ତାରିଖ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ଡିସେମ୍ବର ୩ରେ ଫଳ ପ୍ରକାଶ ପାଇବ। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନେତୃତ୍ୱରେ କଂଗ୍ରେସ ଉକ୍ତ ରାଜ୍ୟରେ କ୍ଷମତା ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛି।



କେରଳ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଥିରୁଭାନନ୍ତପୁରମ୍‌ଠାରେ ବିରୋଧୀ ୟୁଡିଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଆଜମ୍ ଖାନ୍‌ଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି: ଅଖିଲେଶ

**ଲକ୍ଷ୍ନୌ,୧୮।୧୦:** ନକଲି ଜନ୍ମ ପ୍ରମାଣପତ୍ର ମାମଲାରେ ରାମପୁର (ଏମ୍‌ପି-ବିଧାୟକ) କୋର୍ଟ ଆଜମ୍ ଖାନ୍, ତାଙ୍କ ସ୍ତ୍ରୀ ତାଜିନ୍ ଫତିମା ଏବଂ ପୁଅ ଅବଦୁଲ୍ଲା ଆଜମଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଆଜମ୍‌ଙ୍କ ପରିବାରକୁ ଦିଆଯାଇଥିବା ଦଣ୍ଡ ଉପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଆଜମ୍‌ଙ୍କ ଧର୍ମ ଅଲଗା, ତେଣୁ ତାଙ୍କ ପ୍ରତି ଅନ୍ୟାୟ କରାଯାଉଛି। ପ୍ରକୃତ ପକ୍ଷେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚାଯାଇଛି।


## ମନେ ପଡ଼ନ୍ତି

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**଺ପ୍ରସନ୍ନ କୁମାର ତ୍ରିପାଠୀ**

ଆବିର୍ଭାବ: ୩୧/୧୨/୧୯୫୧ ତିରୋଧାନ: ୨୧/୦୯/୨୦୨୦
ଆଇ.ଆର୍.ସି ଭିଲେଜ, ଭୁବନେଶ୍ୱର

ଚାହୁଁ ଚାହୁଁ ୩ ବର୍ଷ ବିତିଗଲା। ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଅଶେଷ ଅନୁରାଗ ସବୁବେଳେ ମନେପଡୁଛି। ଆଜିର ଏହି ପୂଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ : ପତ୍ନୀ, କନ୍ୟା, ଜାମାତା, ନାତି, ନାତୁଣୀ ତଥା ପରିବାରବର୍ଗ।

ଧ-୭୪୫୯୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**଺ ପ୍ରଦୀପ କୁମାର ଜେନା**

ଆବିର୍ଭାବ- 20.3.1965
ତିରୋଧାନ- 21.9.2020

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଭ୍ରାତା- ପ୍ରମୋଦ, ପ୍ରତାପ, ପ୍ରକାଶ, ପୁତ୍ର/ପୁତ୍ରୀ- ବିଟୁ, ଲିଟୁ, ଚିଣ୍ଟୁ, ଲବ୍‌ଲି, ନିକି, ମିକି, ପ୍ରାଚି, ଜେନା ପରିବାରବର୍ଗ।

ଲକ୍ଷ୍ମୀସାଗର, ଭୁବନେଶ୍ୱର

ଧ-୧୬୪୧

**ପ୍ରଥମ ଶ୍ରାଦ୍ଧାବାର୍ଷିକ ଉପଲକ୍ଷେ**



**଺ଉର୍ବଶୀ ଷଡ଼ଙ୍ଗୀ**

ସ୍ୱାମୀ- ଦିବ୍ୟସିଂହ ଷଡ଼ଙ୍ଗୀ
ସା.- ଭେଜିଫୁଟ, ନୂଆସାହି, ପୋ.- ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ- 1.1.1930
ତିରୋଧାନ- 30.09.2022

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ- ପୁତ୍ର- ବଂଶୀଧର, ରାଜେନ୍ଦ୍ର, ରବୀନ୍ଦ୍ର, ସୁରେନ୍ଦ୍ର, ବୋହୂ- ରଜନୀ, ସୁଷମା, ସୁଷମା, ସୌଦାମିନୀ, ନାତି ଓ ନାତୁଣୀ- ବାପା, ଝିଅ, ବାପୁଲୁ, ଚିଣ୍ଟୁ, ଟିଣ୍ଟୁ, ରିଣ୍ଟୁ, ଜିଣ୍ଟୁ ଏବଂ ମିଣ୍ଟୁ, ନାତୁଣୀ ବୋହୂ- ଚିନୁ, ଜିନୁ, ମାମା, ମିଷ୍ଟି ଏବଂ ବର୍ଷା, ଅଣନାତି ଓ ନାତୁଣୀ- ସାନ୍‌ଭୀ, ଦିଶା, ଚିକି, ଶୁଭ, ନିକି ଏବଂ ଶ୍ରୀଜା।

ଧ-୧୬୦୪


# ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବାକୁ ଜିଲା ସଭାପତିଙ୍କୁ ଚିଠି

### ୨୦୨୪ ନିର୍ବାଚନ : ପ୍ରାର୍ଥୀ ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ କଲା କଂଗ୍ରେସ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠାରୁ ନିଜର ପ୍ରସ୍ତୁତି ଜୋର୍‌ଦାର କରିଛି କଂଗ୍ରେସ। ଆଗୁଆ ପ୍ରାର୍ଥୀ ଘୋଷଣା କରିବା ନିମନ୍ତେ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏକ ପ୍ରକାର ଆରମ୍ଭ ହୋଇଯାଇଛି। ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଯୋଗ୍ୟ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ମାସକ ଭିତରେ ପଠାଇବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦଳର ସବୁ ସାଂଗଠନିକ ଜିଲା ସଭାପତିମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଂଗ୍ରେସର ଜିଲା ସଭାପତିମାନେ ଜିଲା ଓ ବ୍ଲକସ୍ତରର ନେତାମାନଙ୍କ ସହ ବିଚାରବିମର୍ଶ କରି ପ୍ରତ୍ୟେକ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ୩ରୁ ୫ ଜଣଙ୍କ ନାଁ ପଠାଇବେ। ଯେଉଁମାନଙ୍କ ନାଁ ପଠାଇବେ ସେମାନେ ଯେପରି ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ପ୍ରାର୍ଥୀ ହୋଇଥିବେ। ସେମାନେ ତାଲିକା ପ୍ରସ୍ତୁତକରି ସିଧାସଳଖ ପିସିସି ସଭାପତିଙ୍କ ନିକଟକୁ ପଠାଇବେ। ସମ୍ଭାବ୍ୟ ତାଲିକା ପଠାଇବା ବେଳେ ସେଥିରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦେବାକୁ କୁହାଯାଇଛି। ଏହି ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଆସିବା ପରେ ପିସିସି ପକ୍ଷରୁ ଏହାକୁ ଶର୍ଟଲିଷ୍ଟ କରାଯିବ। ଏହାପରେ ଅନୁମୋଦନ ଲାଗି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିକଟକୁ ପଠାଯିବ। ଗତ ୧୪ ତାରିଖରେ କଂଗ୍ରେସର ସମସ୍ତ ଜିଲା ସଭାପତିଙ୍କୁ ଚିଠି ଲେଖି ମାସକ ମଧ୍ୟରେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

# ଗଜପତିଙ୍କୁ ଭେଟିଲା ଭାଜପା ପ୍ରତିନିଧି ମଣ୍ଡଳୀ

### ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ଦୀର୍ଘବର୍ଷ ଧରି ବାରମ୍ବାର ଦାବି ହେଉଛି। କିଏ କହୁଛି ଲୁଟ୍ ହୋଇଛି ତ ଆଉ କିଏ କହୁଛି ଚାବି ହଜିଯାଇଛି। ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଏବଂ ଭାଜପାର ତୀବ୍ର ଆନ୍ଦୋଳନ ପରେ ରାଜ୍ୟ ସରକାର ୨୦୧୮ ଜୁନ୍ ୬ରେ ଜଷ୍ଟିସ୍ ରଘୁବୀର ଦାସ କମିଶନ ଗଠନ କରିଥିଲେ। ହେଲେ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା କମିଶନରୁ କିଛି ସୁଫଳ ମିଳିଲା ନାହିଁ। ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟରେ କ'ଣ ଅଛି ରାଜ୍ୟ ସରକାର ତାହା ଏ ପର୍ଯ୍ୟନ୍ତ ପ୍ରକାଶ କଲେ ନାହିଁ। ଶେଷରେ ଶ୍ରୀମନ୍ଦିର କମିଟି ଗଠନକରି ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନାକରି ବର୍ତ୍ତମାନ ସୁଦ୍ଧା କମିଟି ଗଠନ କରାଗଲା ନାହିଁ କି ସରକାର କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧକ୍ଷ ଗଜପତି ମହାରାଜଙ୍କୁ ବୁଧବାର ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ଏହି ପ୍ରସଙ୍ଗରେ ସୂଚନା ଦେଇ ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଗଜପତି ମହାରାଜ ହେଉଛନ୍ତି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ଗଜପତି ମହାରାଜଙ୍କ ସହ ବିସ୍ତୃତ ଆଲୋଚନା କରାଗଲା। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏକ କମିଟି ଗଠନ କରାଯାଇ ତୁରନ୍ତ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ନିବେଦନ କଲୁ ବୋଲି ସମୀର କହିଛନ୍ତି।


# Classified Everyday

0674-2580101, 2549949



**AUTOMOBILE**

**SALE**

TATA HYVA (Model-3118) 2018, 5 Nos., TATA HYVA (Model- 2518) 2016, 4 Nos. - 9348369473, 7504690838. D-75235



**REAL ESTATE**

**SALE**

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

**Twincity** ମଧ୍ୟଭାଗରେ **Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589



Healthcare

**Body massage by experience, good looking therapist @999/-. (Bhubaneswar) 9078484455.** D-1533

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body relax massage refresh your body with trend therapist. 9827090587.** D-1580

**Full Body massage, expert Therapist positively health benefits. 8917243035 / 7205044659.** D-75156

Newly open health benefits Spa special offer @ 999. Contact: 7749034655. D- 75157

**Full body massage by expert therapist positively health benefits. 9938843929.** D-75159

Spa Kerala body Massage only best Therapist @699/- Bhubaneswar. 9337672475. D-1602

**AFFIDAVIT**

Affidavit before Executive Magistrate, Cuttack that I, Pranaya Kumar Pradhan, Vill.- Thenga, P.O.-Chhotapada, P.S.- Rasol, Dist.- Dhenkanal solemnly declared my son's name has changed from Pradyumna Pradhan to Biswa Dipayan Pradhan. Henceforth, he will be known as Biswa Dipayan Pradhan for LIC policy No.-589751502 and all purposes. D-740100

I, Priyabai Agrawalla, W/o Deepak Kumar Sonthalia, residing at Ramchandrapur Bazaar, P.O./P.S.- Jatni, Dist.- Khordha, PIN- 752050, Odisha declare by this affidavit No. 627 Dtd. 08.10.2023 that now onwards I shall be known as Priya Sonthalia for all future purposes. D-1603

I, Bajrang Kumar Agrawal, S/o Naresh Agrawal, resident of Flat No. 102, Keshab (A) Balaji Complex, near Jail Road, Jharpada, Bhubaneswar, PIN- 751006, Dist.- Khordha, Odisha declare by this affidavit No.633 Dtd. 13.10.2023 that now onwards I shall be known as BAJRANG AGARWAL for all future purposes. D-1606

By virtue of an affidavit sworn before the Notary Public, Jharsuguda, I, Shakila Banu, D/o. Md. Sharfuddin, R/o. Ward No.9, Ramrakshyapada, P.S.- Brajarajnagar, Dist.- Jharsuguda declare that my true and correct name is Shakila Banu and DOB is 21.05.1973 as per my new Aadhar Card. But in previous Aadhar Card my name has been wrongly mentioned as Sakila Bano and DOB is 21.11.1989. That both the names are relates to one and same person. D-1607

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit before Notary, Dhenkanal, I have changed my name from Prabesh Naik to Deepak Behera. Prabesh Naik and Deepak Behera is same and one person. Henceforth I shall be known as Deepak Behera, S/o. Chania Naik, Village/ PO-Chaulia, PS-Sadar, Dist. Dhenkanal for all purposes. D-74099

**LEGAL NOTICE**

ମୁଁ ସୁଶାନ୍ତ କୁମାର ଜେନା, ପି.: ସ୍ୱର୍ଗତ ଗୋକୁଳାନନ୍ଦ ଜେନା, ବାସସ୍ଥାନ: ବଡ଼ଗଡ଼ ଜେନାସାହି, ପୋ.: ବଡ଼ଗଡ଼ ବ୍ରିଟ୍ କଲୋନୀ, ଥାନା: ବଡ଼ଗଡ଼, ଭୁବନେଶ୍ୱର, ଜି: ଖୋର୍ଦ୍ଧା ସତ୍ୟପାଠ ପୂର୍ବକ ସୁସ୍ଥ ମସ୍ତିଷ୍କରେ ଜଣାଉଅଛି କି ବଡ଼ଗଡ଼ ମୌଜା- ୩୫ ସ୍ଥିତ ଖାତା ନଂ.୧୪୦୯, ପ୍ଲଟ୍ ନଂ.- ୨୫୨୩ର ପ୍ରକୃତ ଅଧିକାରୀ ଅଟେ ଏବଂ ବର୍ତ୍ତମାନ ମୋର ଉକ୍ତ ସମ୍ପତ୍ତିଟିକୁ ବିକ୍ରି କରିବାର କୌଣସି ପ୍ରୟୋଜନ ନାହିଁ। ଧ-୧୫୯୭

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ରାଜ୍ୟ ମହିଳା କଂଗ୍ରେସ କମିଟି ଘୋଷିତ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାପତି ମିସ୍ ନୀତା ଡି' ସୌଜା ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ଘୋଷଣା କରିଛନ୍ତି। ମହିଳା କଂଗ୍ରେସର କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟି ସଭ୍ୟା, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟା, ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଏବଂ ବିଭିନ୍ନ ବିଭାଗର ସଂଯୋଜିକାମାନଙ୍କ ନାମ ଘୋଷଣା କରାଯାଇଥିବା ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବୁଧବାର ସୂଚନା ଦେଇଛନ୍ତି। ଏହି କମିଟିରେ ପ୍ରଦେଶ ମହିଳା କଂଗ୍ରେସ କମିଟିର ଉପସଭାନେତ୍ରୀ ଭାବେ ଏଲ୍. ମାଣିକ ପ୍ରଭା, ଜ୍ୟୋତିର୍ମୟୀ ବାଗ, ରଶ୍ମି ମହାପାତ୍ର ଓ ସଙ୍ଗୀତା ସିଂ ପ୍ରମୁଖ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦିକା ଭାବେ ରୀତାଶ୍ରୀ ମହାନ୍ତି, ସିଲି ସେଠୀ, ସୁଭଦ୍ରା ମିଶ୍ର, ଅମିତବାଳା ଆଚାର୍ଯ୍ୟ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଶ୍ରୀୟାସ୍ମିତା ପଣ୍ଡା, ସୁପ୍ରଭା ବରାଇ, ବିଜୟଲକ୍ଷ୍ମୀ ପ୍ରିୟଦର୍ଶିନୀ, ସୁକାନ୍ତି ସରାଫ, ମହେନ୍ଦ୍ରୀ ସାହୁ ଓ ନମିତା ମାଝି ପ୍ରମୁଖ ଅଛନ୍ତି। ସେହିପରି ସମ୍ପାଦିକା ଭାବେ କଲ୍ୟାଣୀ ପୂର୍ତ୍ତି, ଲିପ୍‌ସା ଚାଣ୍ଟପାଲି, ସ୍ୱର୍ଣ୍ଣଲତା ବାନରା, ଗୋରେଟି ସେସ୍, ଧନମଣି ପାତ୍ର, ସୁଦୀପ୍ତା ଦାଶ ପ୍ରମୁଖଙ୍କୁ ନିଯୁକ୍ତି ମିଳିଛି। କାର୍ଯ୍ୟକାରୀ କମିଟି ସଦସ୍ୟା ଭାବେ ୩୭ ଜଣ, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟା ଭାବେ ୭ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦଳ ପକ୍ଷରୁ ଅନ୍ୟ ପଦ ପାଇଁ ବିଭିନ୍ନ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି।


**CLASSIFIED DISPLAY**
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କଂଗ୍ରେସରୁ ୨ ବିଦା

**ଚାନ୍ଦବାଲି,୧୮।୧୦(କିଷାନ ପାତ୍ର):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ କଂଗ୍ରେସ ପକ୍ଷରୁ ୨ କର୍ମୀଙ୍କୁ ବିଦା କରାଯାଇଛି। ଚାନ୍ଦବାଲି ବ୍ଲକ୍ ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ନେତୃତ୍ୱରେ ବୁଧବାର ଯସିପୁର କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ନୂଆଗାଁ ଗ୍ରାମର ଦଳୀୟ କର୍ମୀ ଦୀପକ ଦାସ ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଥିବା ବ୍ଲକ୍ ସଭାପତି ସୂଚନା ଦେଇଛନ୍ତି। ସେହିପରି ଜଳେଶ୍ୱରପୁର ଗ୍ରାମର ଅଜୟ ଦାସ ପୂର୍ବରୁ ଦେଇଥିବା ଇସ୍ତଫା ପତ୍ରକୁ ଗ୍ରହଣ କରାଯାଇଛି। ଅଜୟ ପୂର୍ବରୁ କଂଗ୍ରେସ ଜିଲା କମିଟିରେ ସାଧାରଣ ସମ୍ପାଦକ ରହିବା ସହ କଂଗ୍ରେସ ସମର୍ଥନରେ ଥରେ ସରପଞ୍ଚ ଓ ଥରେ ସମିତିସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ଆଶିଷ ମାହୁନ୍ତ, ସୁବାଷ ଚନ୍ଦ୍ର ନାୟକ, ଶରତ ଧଳ, ଧ୍ରୁବଚରଣ ବାରିକ, ସୀତାଂଶୁ ନାୟକ, ସୁଦର୍ଶନ ମାହୁନ୍ତ, ରାଜେନ୍ଦ୍ର ଭଳ, ସୁଧାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଗଣାରେ ବୁଲି ରୋଜଗାର

**ଲଣ୍ଡନ**

ଯିଏ ବୁଲିବାକୁ ଅଧିକ ପସନ୍ଦ କରୁଥିବ, ସେ ସବୁବେଳେ କମ୍ ଖର୍ଚ୍ଚରେ ଅଧିକରୁ ଅଧିକ ସ୍ଥାନ ବୁଲିବାକୁ ଇଚ୍ଛା କରିବ। ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ବିନା ଖର୍ଚ୍ଚରେ ବୁଲିବାର କଳା ଜାଣିଛନ୍ତି। କାନାଡ଼ାର ଜଣେ ମହିଳା ଏହିପରି ଟ୍ରିକ୍ ଆପଣାଇ ଅଷ୍ଟ୍ରେଲିଆ ଭଳି ଦେଶକୁ ଫ୍ରିରେ ବୁଲି ଆସିଛନ୍ତି। ସେ ତାଙ୍କ ଟ୍ରିପ୍‌ରେ କିଛି ଖର୍ଚ୍ଚ



କରିନାହାନ୍ତି। ଓଲଟା ସେ ସେଥିରୁ ଲକ୍ଷାଧିକ ଟଙ୍କା ସଞ୍ଚୟ କରିଛନ୍ତି। ଯେଉଁ ସୁନ୍ଦର ଦେଶକୁ ଯିବାକୁ ଲୋକେ ସବୁବେଳେ ପ୍ଲାନିଂ କରନ୍ତି, ସେଠାକୁ ନିକଟରେ ହେଲି ଲିୟମଥ ନାମକ ଜଣେ ମହିଳା ବିନା ଖର୍ଚ୍ଚରେ ବୁଲିଛନ୍ତି। ୨୫ ବର୍ଷୀୟା ହେଲି କିପରି ଫ୍ରିରେ ଯାତ୍ରା କରିହେବ, ସେନେଇ ଅନ୍‌ଲାଇନରେ ଖୋଜିଥିଲେ। ଏହାପରେ ସେ କାନାଡ଼ାରୁ ଅଷ୍ଟ୍ରେଲିଆକୁ ଯାତ୍ରା ପାଇଁ ପ୍ଲାନିଂ କଲେ। ସେ ଅଷ୍ଟ୍ରେଲିଆରେ କୌଣସି ହୋଟେଲରେ ନ ରହି ସେଠାକାର ନାଗରିକଙ୍କ ଘରେ ଆଶ୍ରୟ ନେଇଥିଲେ। ଏହା ବଦଳରେ ସେହି ଘରେ ଥିବା ଗୃହପାଳିତ ପ୍ରାଣୀଙ୍କ ଦେଖାଶୁଣା କରିବା ଭଳି ଚାକିରି ମଧ୍ୟ କଲେ। ସେ ସେଠାରେ ଚାକିରି କରିବା ସହ ମାଗଣାରେ ରହୁଥିଲେ। ହେଲି ତାଙ୍କର ଏହି ଟ୍ରିପ୍‌ରେ ଅନେକ ଗୃହପାଳିତ ପ୍ରାଣୀଙ୍କ ଦେଖାଶୁଣା କରିଛନ୍ତି। ଏହିପରି ଭାବେ ସେ ବ୍ରିସ୍‌ବେନ, ହିଟରଲାଣ୍ଡ, ଗୋଲ୍ଡ କୋଷ୍ଟ ଭଳି ସ୍ଥାନରେ ଫ୍ରିରେ ରହି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି।

# ସୁଇଚ୍ ଟିପିଲେ ବଦଳୁଛି ଡ୍ରେସ୍ ଡିଜାଇନ

**ନୂଆଦିଲ୍ଲୀ**

ଲୋକେ ବିଭିନ୍ନ ଡିଜାଇନର ଡ୍ରେସ୍ ପିନ୍ଧିବା ଆଶାରେ ବହୁତଗୁଡ଼ିଏ ଡ୍ରେସ୍ କିଣିଥାନ୍ତି। ସେଥିରେ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହୁଅନ୍ତି। ଯଦି କେବେ ଏପରି ଏକ ଡ୍ରେସ୍ ଥାନ୍ତା, ଯେଉଁଥିରେ ବିଭିନ୍ନ ଡିଜାଇନ ଉପଲବ୍ଧ ହୋଇଥାନ୍ତା, ତେବେ ଲୋକେ ଅଧିକ ଖର୍ଚ୍ଚରୁ ବର୍ତ୍ତି ଯାଆନ୍ତେ। ନିକଟରେ



ଏଡୋଭର ରିସର୍ଚ୍ଚ ବୈଜ୍ଞାନିକମାନେ ଏକ ଭିନ୍ନ ଧରଣର ଡ୍ରେସ୍ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ପ୍ରତି ସେକେଣ୍ଡରେ ଡ୍ରେସ୍‌ର ଡିଜାଇନ ବଦଳାଯାଇପାରିବ। ରିପୋର୍ଟ ମୁତାବକ, ଏହି ଇଣ୍ଟରେକ୍ଟିଭ୍ ଡ୍ରେସ୍‌କୁ ଏଡୋଭର ରିସର୍ଚ୍ଚ ବୈଜ୍ଞାନିକ ଚେରିଷ୍ଟାଇନ ଡିରେକ ପ୍ରସ୍ତୁତ କରିଛନ୍ତି। ଯାହାକୁ ସେ ଏଡୋବ ମାକ୍ସ ୨୦୨୩ରେ କ୍ରିଏଟିଭିଟି ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ। ସମ୍ମିଳନୀରେ ଯେତେବେଳେ କ୍ରିଷ୍ଟନ ଡିଏକ୍ ଏହି ଡ୍ରେସ୍‌କୁ ପିନ୍ଧି ବାହାରିଥିଲେ, ସେତେବେଳେ ସମସ୍ତେ ତାଙ୍କୁ ଉତ୍ସୁକତାର ସହ ଅନାଇ ରହିଥିଲେ। କ୍ରିଷ୍ଟନ ଲୋକଙ୍କୁ ସେତେବେଳେ ଆଶ୍ଚର୍ଯ୍ୟ କରିଦେଲେ, ଯେତେବେଳେ ତାଙ୍କର ଗୋଟେ ସୁଇଚ୍ ଟିପିବା ମାତ୍ରେ ଡ୍ରେସ୍‌ର ଡିଜାଇନ ବଦଳିଗଲା। ସୁଇଚ୍ ଟିପିବା ମାତ୍ରେ ଡ୍ରେସ୍‌ର ଡିଜାଇନ ବଦଳିବା ଯେପରି ଟିଭି ପରଦାରେ ମ୍ୟାଜିକ ଶୋ' ଦେଖିବା ପରି ମନେହେଉଥିଲା। କ୍ରିଷ୍ଟନ ପିନ୍ଧିଥିବା ଏହି ଡ୍ରେସ୍‌କୁ ଡିଜିଟାଲ ଡ୍ରେସ୍ କହିଛନ୍ତି।

# 'ସାଲାର' ରିଲିଜ୍ ପରେ ବିବାହ କରିବେ ପ୍ରଭାସ



**ମୁମ୍ବାଇ:** ସାଉଥ୍ ଲୋକପ୍ରିୟ ଅଭିନେତା ପ୍ରଭାସଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏବେ ସେ ବିବାହ କରିବାକୁ ଯାଉଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ପ୍ରଭାସଙ୍କ ବିବାହ ବାବଦରେ ସ୍ପଷ୍ଟ କରିଛନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏନେଇ ପ୍ରଭାସଙ୍କ ସମ୍ପର୍କୀୟ ଗଣମାଧ୍ୟମକୁ କହିଛନ୍ତି, ଦୁର୍ଗାମାତାଙ୍କ ଆଶୀର୍ବାଦ ରହିଛି। ଭଗବାନ ଆମ ସମସ୍ତଙ୍କୁ କୃପା କରିବେ। ପ୍ରଭାସ ନିଶ୍ଚିତ ବିବାହ କରିବେ। ଏହା ଖୁବ୍‌ଶୀଘ୍ର ହେବ। ବିବାହ ହେଲେ ଗଣମାଧ୍ୟମକୁ ନିମନ୍ତ୍ରଣ କରିବୁ। ହେଲେ ଅଭିନେତା କାହାକୁ ବିବାହ କରିବେ ସେନେଇ ଏପର୍ଯ୍ୟନ୍ତ ଜଣାପଡ଼ିନି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଭାସଙ୍କ ନାମ ଅନେକ ବଲିଉଡ୍ ଓ ଦକ୍ଷିଣ ଅଭିନେତ୍ରୀଙ୍କ ସହ ଜଡ଼ିତ ରହିଛି। ମଝିରେ ପ୍ରଭାସ ଅନୁଷ୍କା ଶେଟ୍ଟୀଙ୍କ ସହ ତ କେତେବେଳେ କ୍ରୀତି ସାନନଙ୍କ ସହ ସମ୍ପର୍କ ଥିବା ଖବର ଆସିଥିଲା। ପ୍ରଭାସ ମଧ୍ୟ ତାଙ୍କ ଫିଲ୍ମ ପ୍ରମୋଶନ ସମୟରେ ତିରୁପତିଠାରେ ବିବାହ କରିବେ ବୋଲି ପ୍ରକାଶ କରିଥିଲେ। ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'ସାଲାର' ରିଲିଜ୍ ହେବା ପରେ ସେ ବିବାହ କରିବେ ବୋଲି ଜଣାପଡ଼ିଛି। ତେବେ ପ୍ରଭାସ ୨୦୦୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ସେ ଅନେକ ଫିଲ୍ମ ଜରିଆରେ ପ୍ରଶଂସକଙ୍କ ଭଲପାଇବା ପାଇପାରିଛନ୍ତି। ଆଗକୁ ସାଲାର୍ ଫିଲ୍ମ ନେଇ ସେ ବ୍ୟସ୍ତ ରହୁଛନ୍ତି।

# ଘାତକ ପରଜୀବୀ 'କାପିଟୋଜୋପା ଆମାଜୋନିକା'

**ମାନାଉସ୍**

ନିକଟରେ ଏଲିୟନ ଭଳି ଏକ ଘାତକ ପରଜୀବୀକୁ ଆମାଜନଠାରେ ଠାବ କରାଯାଇଛି। ଯିଏ ପରପୋଷୀକୁ ଖାଇବା ପୂର୍ବରୁ ତା' ଭିତରୁ ରକ୍ତ ପାନ କରିଥାଏ। ଯାହାକୁ କାପିଟୋଜୋପା ଆମାଜୋନିକା ନାମକରଣ କରାଯାଇଛି। ଏହି ପରଜୀବୀ ଦେଖିବାକୁ ହଳଦିଆ ରଙ୍ଗର। ନିଜର ବଡ଼ ଆକାରର ମୁଣ୍ଡ ପାଇଁ ସେ ଏଲିୟନ ଭଳି ଦେଖାଯାଏ। ଏଥିସହ ସେ ନିଜ ଶିକାର ଭିତରେ ଅଣ୍ଡା ମଧ୍ୟ ଦେଇଥାଏ। ରିପୋର୍ଟ ମୁତାବକ, ଉଟାହ ଷ୍ଟେଟ ୟୁନିଭର୍ସିଟିର ବୈଜ୍ଞାନିକମାନେ ପେରୁରେ ଅଲ୍ପାହୁୟୋ- ମିଶାନାର ଜାତୀୟ ରିଜର୍ଭର ସର୍ଭେ କରିବା ସମୟରେ ସେମାନେ ଏକ ନୂଆ ଜିନ୍ ଠାବ କଲେ। ଯିଏ ତା' ପରପୋଷୀର ଶରୀରକୁ ଉପଯୋଗ କରି ଅଣ୍ଡା ଦେଇଥାଏ। ଏହି ପରଜୀବୀ ଶଁବାଳୁଆ, ମାଛି ଭଳି ଜୀବଙ୍କୁ ଶିକାର କରିଥାଏ। କାପିଟୋଜୋପା ଆମାଜୋନିକା ବାବଦରେ ବାୟୋଲୋଜିଷ୍ଟ ବ୍ରାଣ୍ଡନ କ୍ଲାରିଡ୍ଜ ଲେଖିଛନ୍ତି, ତାଙ୍କ ମୁତାବକ, ଏହି ପରଜୀବୀକୁ ସାଲିଟାରୀ ଏଣ୍ଡୋପାରାସିଟଏଡ୍ କୁହାଯାଏ। ବୈଜ୍ଞାନିକଙ୍କ କହିବା କଥା, ଏହି ପରଜୀବୀ ୧୦୯ ପ୍ରଜାତି ମଧ୍ୟରୁ ଗୋଟେ। ଯାହାକୁ ଜାତୀୟ ରିଜର୍ଭ ମାଲାଇସ ଟ୍ରିପ୍ ମାଧ୍ୟମରେ ଠାବ କରାଯାଇଛି।




## ଟେଣ୍ଡର କଲ୍ ନୋଟିସ୍
### ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା
DIST.: SUNDARGARH

**No. 3122/DIR, RGH** **Dt.: 18.10.2023**

No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from **www.sundargarh.nic.in** and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.

**Sd./- (Dr. Santosh Kumar Swain)**
**Director, RGH, Rourkela**
OIPR-10158/11/0002/2324


## ରାଜ୍ୟ ଖବର

# ପଶ୍ଚିମବଙ୍ଗକୁ ବିଷାକ୍ତ ସାପ ଚାଲାଣ

### ଜଳେଶ୍ୱର ଷ୍ଟେଶନରୁ ୪ ସାପ ଜବତ, ୨ ଗିରଫ

**ରାଇବଣିଆ, ୧୮।୧୦(ନବୀନ ସାହୁ)**

ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ବୁଧବାର ଜଳେଶ୍ୱର ଷ୍ଟେଶନରୁ ୪ ସାପ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଆରପିଏଫ୍ ଧରି ବନ ବିଭାଗକୁ ହସ୍ତାନ୍ତର କରିଛି। ଅପରାହ୍ନ ସମୟରେ ଜଳେଶ୍ୱର ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ୨ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ରୂପସା ଆରପିଏଫ୍‌ଓ ସି କୁନ୍ଦନ କୁମାର ଝାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ତଲାସୀ କରିଥିଲେ। ସେମାନଙ୍କ ନିକଟରୁ ୪ଟି ଝୁଡ଼ିରୁ ୪ଟି ସାପକୁ ଜବତ କରାଯାଇଥିଲା। ସେହି ବିଷାକ୍ତ ସାପକୁ ତୁରନ୍ତ ଜଳେଶ୍ୱର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁଙ୍କୁ ହସ୍ତାନ୍ତର କରିଥିଲେ। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ୨ଜଣ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲାର ଡାବ୍ରା ଥାନା ଅଧୀନ ହରିଚରଣ ଗ୍ରାମର ଶଙ୍କର ଲାଏକ(୪୭) ଓ ମାନିକ ଲାଏକ(୩୫)।



ଜବତ ସାପ ସହ ଗିରଫ ଅଭିଯୁକ୍ତ।

# ବିଜୟଶଙ୍କରଙ୍କ ବିବାହ ବନ୍ଦ ପାଇଁ ସୋମାଲିକାଙ୍କ ଆବେଦନ

**କଟକ, ୧୮।୧୦ (କାର୍ତ୍ତିକ ସାହୁ)**

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ବନ୍ଦ ରଖିବା ପାଇଁ ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ କଟକ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ଆବେଦନ କରିଛନ୍ତି। ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ବୁଧବାର ଭେଟି ଦର୍ଶାଇଛନ୍ତି, ସେ ବିଜୟଶଙ୍କରଙ୍କ ସହ କଟକର ଜଣେ ମହିଳାଙ୍କ ବିବାହକୁ ବିରୋଧ କରି ହାଇକୋର୍ଟରେ ଆବେଦନ କରିଛନ୍ତି। ଉକ୍ତ ଆବେଦନର ଶୁଣାଣି ନ ହେବା ଯାଏ ଏହି ବିବାହ ସ୍ଥଗିତ ରଖିବାକୁ ସେ ନିବେଦନ କରିଛନ୍ତି। ସୋମାଲିକା ହାଇକୋର୍ଟରେ ରୁଜୁ କରିଥିବା ଆବେଦନର ନକଲ କଟକ ସବ୍‌ରେଜିଷ୍ଟ୍ରାରଙ୍କୁ ପ୍ରଦାନ କରିଛନ୍ତି।

# ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ମାର୍ଗଦର୍ଶିକା

**ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନିଙ୍କ ଅଧ୍ୟକ୍ଷତାରେ ୩୫ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ଡିଭିଜନକୁ ନେଇ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ, ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ୨୦୨୪ ଗ୍ରୀଷ୍ମଋତୁକୁ ଆଖି ଆଗରେ ରଖି ରାଜ୍ୟ ସରକାର ନଳକୂପ ଓ ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ପ୍ରସ୍ତୁତ ଏବଂ ବ୍ୟବହାରଯୋଗ୍ୟ ରଖିବା ସହ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ରାଜ୍ୟର ପ୍ରତିଟି ଗୃହରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଜିଲାଗୁଡିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଶତପ୍ରତିଶତ ନଳକୂପ ଓ ପାଇପ ଜଳଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯିବ। ସେହିପରି ନିୟମିତ ରକ୍ଷଣାବେକ୍ଷଣକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯିବ। ଗ୍ରାମପଞ୍ଚାୟତଗୁଡ଼ିକର ଆବଶ୍ୟକତା ଏବଂ କନିଷ୍ଠ ଯନ୍ତ୍ରୀ/ସହକାରୀ ଯନ୍ତ୍ରୀଙ୍କ ପରାମର୍ଶ ଆଧାରରେ ଅର୍ଥ କମିଶନଙ୍କ ଅନୁଦାନକୁ ବ୍ୟବହାର କରି ପ୍ରତ୍ୟେକ ପଞ୍ଚାୟତ ସମିତି ଯଥେଷ୍ଟ ପରିମାଣର ଯନ୍ତ୍ରାଂଶ, ରଙ୍ଗ, ରାଇଜର ପାଇପ କ୍ରୟ କରିବେ। ପ୍ରତ୍ୟେକ ଶନିବାର ପଞ୍ଚାୟତି ସମିତିରେ ପାନୀୟ ଜଳଯୋଗାଣ ସ୍ଥିତିର ନିୟମିତ ସମୀକ୍ଷା ବୈଠକ କରାଯିବ ବୋଲି ଉଲ୍ଲେଖ ରହିଛି। ଆଇଏମ୍ଏସ୍ ପୋର୍ଟାଲର ରିପୋର୍ଟ ଅନୁଯାୟୀ ରାଜ୍ୟର ୬୬ ପ୍ରତିଶତ ଗ୍ରାମୀଣ ଗୃହକୁ ଟ୍ୟାପ୍ ସଂଯୋଗ ହୋଇଛି । ପ୍ରାୟ ୯୬୭୧ ଗ୍ରାମରେ ଶତପ୍ରତିଶତ ଜଳଯୋଗାଣ ଟ୍ୟାପ୍ ସଂଯୋଗ ହୋଇସାରିଛି। କାର୍ଯ୍ୟକ୍ଷମ ଘରୋଇ ଟ୍ୟାପ୍ ସଂଯୋଗରେ ଅନ୍ତର୍ଭୁକ୍ତ ହେବାକୁ ଥିବା ମୋଟ ୪୭,୨୭୪ଟି ଗ୍ରାମ ପାଇଁ ରାଜ୍ୟ ସରକାର ଏକ ପରିପୁଷ୍ଟ ଯୋଜନା ପ୍ରସ୍ତୁତ କରିଛନ୍ତି । ୩୧୮୫୪ (୬୫%)ଟି ଗ୍ରାମରେ ମେଗା ପାଇପ୍ ଜଳଯୋଗାଣ ଏବଂ ୧୫୪୨୦ (୩୫%) ଗ୍ରାମ କ୍ଷୁଦ୍ର ଓ ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ସଂଯୁକ୍ତ ହୋଇଥିବା ସୂଚନା ଦିଆଯାଇଛି।


## OFFICE OF THE SUPERINTENDING ENGINEER
## RURAL WORKS DIVISION-I, GANJAM,BERHAMPUR
No.O-1311

Phone:0680-2291405, E-Mail:eerw_gm1@yahoo.co.in

**Government of Odisha, e-Procurement Notice**

Bid Identification No.Online Tender//04//SERWDG-I//2023-24

Letter No.3772// RWDG-I//BAM//Date:16.10.2023

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
**R.W. Division-I, Ganjam, Berhampur**
OIPR-25085/11/0006/2324


# ହାଜର ହେଲେନି ବର୍ଷା, ଶୁଣାଣି ଘୁଞ୍ଚିଲା

**ପରିବାର ଅଦାଲତ ରାୟ ବିରୋଧରେ ଅନୁଭବଙ୍କ ଆବେଦନ ମାମଲା**

**କଟକ, ୧୮।୧୦ (କାର୍ତ୍ତିକ ସାହୁ)**

କଟକ ପରିବାର ଅଦାଲତର ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଦାଏର କରିଥିବା ମାମଲାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଇକୋର୍ଟରେ ବୁଧବାର ହାଜର ହୋଇନାହାନ୍ତି। ବର୍ଷାଙ୍କ ପକ୍ଷରୁ ହାଜର ହେବା ନିମନ୍ତେ ଅଧିକ ସମୟ ଦେବାକୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏହାକୁ ଅନୁମତି ଦେଇ ଶୁଣାଣିକୁ ଘୁଞ୍ଚାଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷାଙ୍କ ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହୋଇଥିଲା। ଏହାପରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବୈଶିଙ୍ଗା, ୧୮।୧୦(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ବୈଶିଙ୍ଗା ବଜାରସ୍ଥିତ ଅନ୍ନପୂର୍ଣ୍ଣା ହୋଟେଲ ସମ୍ମୁଖରେ ବୁଧବାର ରାତି ୮ଟା ସମୟରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସନ୍ତରା ପଞ୍ଚାୟତ ମଦାସାହି ଗ୍ରାମର ଧନୁ ଖାନଙ୍କ ପୁଅ ସଇଦ (୩୯) ଏବଂ ସେହି ଗ୍ରାମର ପାଗୁଲୁ ସିଂଙ୍କ ପୁଅ ସୁକୁରା(୩୦) । ସୂଚନା ଅନୁଯାୟୀ, ସୁକୁରାଙ୍କୁ ପଛରେ ବସାଇ ସଇଦ ଏକ ବାଇକ୍‌ରେ ବୈଶିଙ୍ଗା ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲେ। ବୈଶିଙ୍ଗା ବଜାରରେ ପହଞ୍ଚିବା ପୂର୍ବରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଲୁହା ବାରିକେଡ୍‌ରେ ଧକ୍କା ଦେଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ. ୩୮୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।


## E-Procurement Notice
## OFFICE OF THE DIRECTOR, TEXT BOOK PRODUCTION & MARKETING
## KHARVEL NAGER, UNIT-III, BHUBANESWAR-751001.

**No.n-204:** TEL. NO.0674-2380871/72

E.MAIL-directortbpmodisha@gmail.com

**Bid Letter No. 10444/TBPM.** **Dated. 18.10.2023**

01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered "Agent Licence" for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.

02. Date & Time of availability of bid document in the portal

**Start Date & Time:** 19.10.2023 10.00 A.M.

**Closing Date & Time:** 08.11.2023 05.00 PM.

03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.

Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

**Sd/- DIRECTOR,**
**TEXT BOOK PRODUCTION & MARKETING,**
**BHUBANESWAR-1**
OIPR-02005/11/0014/2324


# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବିଲ୍ଡିଂ ଉଦ୍‌ଘାଟିତ

### ଇ-ଅଫିସ୍ ଉଦ୍‌ଘାଟନ ସହ ପ୍ରଥମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

**ଭୁବନେଶ୍ୱର, ୧୮।୧୦ (ଅସମାପିକା ସାହୁ)**

ଓଡ଼ିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ କୋଠାର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଏଥିସହ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବିଲ୍ଡିଂର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟର ସୁପରିଚାଳନା ପାଇଁ ଇ-ଅଫିସ୍ ଉଦ୍‌ଘାଟିତ ହେବା ସହ ପ୍ରଥମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।

୨୦୨୧ରେ 'ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ' ବିଧାନସଭାରେ ପାରିତ ହୋଇଥିଲା। ୨୦୨୩ ମାର୍ଚ୍ଚ ୫ରୁ ଏକାମ୍ର କ୍ଷେତ୍ର ଶିଶୁଭବନ ଛକରେ ଅସ୍ଥାୟୀ କ୍ୟାମ୍ପସର କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟରେ ମେଡିକାଲ ଏବଂ ସହଯୋଗୀ ସ୍ୱାସ୍ଥ୍ୟବିଜ୍ଞାନ ପାଠ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୪୨ଟି ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ଏହି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବା ସଙ୍ଗେ ସଙ୍ଗେ ଏମ୍‌ବିବିଏସ୍ ପାଠ୍ୟକ୍ରମ ସହିତ ଅନ୍ୟାନ୍ୟ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶିକ୍ଷାଦାନ ଆରମ୍ଭ ହୋଇଛି। ୨୦୨୩-୨୪ ଏକାଡେମିକ୍ ସେସନ୍‌ରୁ ଏମ୍‌ବିବିଏସ୍, ଏମ୍‌ଡି, ଏମ୍‌ଏସ୍, ଡିଏମ୍, ଏମ୍‌ସିଏଚ୍, ବିଡିଏସ୍, ଏମ୍‌ଡିଏସ୍, ବିଏଏମ୍‌ଏମ୍, ବିଏଚ୍‌ଏମ୍‌ଏସ୍, ବିଏସ୍‌ସି ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ, ବିପିଟି, ଏମ୍‌ପିଟି, ବିଏମ୍‌ଏଲ୍‌ଟି, ବିଏମ୍‌ଆର୍‌ଟି, ବିଇଏମ୍‌ଟି, ବିଓଟିଟି, ବିଏଟି, ବିଓ, ବିଓଟି, ଏମ୍‌ଓଟି, ବି. ଫାର୍ମ, ଏମ୍. ଫାର୍ମ ଇତ୍ୟାଦି ନିର୍ଦ୍ଧାରିତ ନିୟମାବଳୀ ଏବଂ ପାଠ୍ୟକ୍ରମ ଅଧୀନରେ ପରିଚାଳିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଦୂରଦୃଷ୍ଟି ତଥା ରାଜ୍ୟ ସରକାରଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଛି ବୋଲି କୁଳପତି ପ୍ରଫେସର ଦତ୍ତେଶ୍ୱର ହୋତା କହିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ବିଧାୟକ ଡ. ନୃସିଂହ ଚରଣ ସାହୁ ଏବଂ ଡ. ପ୍ରମୋଦ କୁମାର ମଲ୍ଲିକ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସାଇଦତ୍ତ ବିପ୍ଳବ କୁମାର ପ୍ରଧାନ ଉପସ୍ଥିତ ଥିଲେ।







## OFFICE OF THE ENGINEER-IN-CHIEF (CIVIL) ODISHA, BHUBANESWAR
## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT

E-mail : ceworldbankprojects@gmail.com

**Bid Identification No. CE-W.B.P. (O) - 28 / 2023-24**

**No.B-1102:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :

2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**
OIPR-34003/11/0047/2324

# ତ୍ରିମୁଖୀ ଲଢ଼େଇ

**ସିନେମା ରିଲିଜ ହେବା କିଛି ନୂଆ କଥା ନୁହେଁ। ହେଲେ ଦଶହରା ମାହୋଲରେ ଚିତ୍ରଟିଏ ପରଦା ଉପରକୁ ଆସିଲେ ତାହାକୁ ନେଇ ବେଶ୍ ଆଲୋଚନା ହୋଇଥାଏ। ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରୁଛି ତିନୋଟି ହାଇ ଭୋଲ୍‌ଟେଜ ସିନେମା...**


'ମାଲ୍ୟଗିରି' ଫିଲ୍ମରେ ବାବୁସାନ୍‌–ଶିବାନୀ

ବିଶେଷ ଭାବରେ ପୂଜାପାର୍ବଣରେ ଓଡ଼ିଆ ସିନେମା ରିଲିଜ ହେବା କିଛି ନୂଆ କଥା ନୁହେଁ। ହେଲେ ଦଶହରା ମାହୋଲରେ ଚିତ୍ରଟିଏ ପରଦା ଉପରକୁ ଆସିଲେ ତାହାକୁ ନେଇ ବେଶ୍ ଆଲୋଚନା ହୋଇଥାଏ। ଚଳିତ ବର୍ଷ ଦଶହରାରେ ତିନୋଟି ହାଇ ଭୋଲ୍‌ଟେଜ ସିନେମା ପରଦା ଉପରକୁ ଆସୁଛି। ସେଗୁଡ଼ିକ ହେଲା–'ରାମ୍‌', 'ମାଲ୍ୟଗିରି' ଏବଂ 'କଟକ' : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ)। ରତ୍ନା ଫିଲ୍ମସ ବ୍ୟାନରେ ପ୍ରସ୍ତୁତ 'ରାମ୍‌'ରେ ଉଭୟ ପ୍ରଯୋଜକ ଏବଂ ନାୟକ ସାଜିଛନ୍ତି ଆକ୍ସନ ଷ୍ଟାର ଅରିନ୍ଦମ। ଏହି ବିଗ୍ ବଜେଟ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଏହି ଚିତ୍ରରେ ଅରିନ୍ଦମଙ୍କ ବ୍ୟତୀତ ବଲିଉଡ୍ ଷ୍ଟାର ରାହୁଲ ଦେବଙ୍କୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଅନୁଭବ ମହାନ୍ତି ଏଥିରେ ଏକ ଅତିଥି କଳାକାର ଭାବରେ ଅଭିନୟ କରିଛନ୍ତି। ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ନିର୍ମିତ ଏହି ଫିଲ୍ମରେ ଅରିନ୍ଦମଙ୍କ ନାୟିକା ସାଜିଛନ୍ତି ବଙ୍ଗୀୟ ଅଭିନେତ୍ରୀ ରୂପ୍‌ସା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଅସାଦ ନିଜାମ ଓ ଲିଙ୍କନ। ଫିଲ୍ମଟି ଚଳିତ ମାସ ୨୦ ତାରିଖରେ ପରଦା ଉପରକୁ ଆସୁଛି।

ଅନ୍ୟପକ୍ଷରେ 'ଦମନ'ର ସଫଳତା ପରେ ବଡ଼ ପରଦାରେ ପୁଣି ଥରେ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ବାବୁସାନ୍। ତାଙ୍କ ଅଭିନୀତ 'ମାଲ୍ୟଗିରି: କାହାଣୀର ଆରମ୍ଭ'ର ପ୍ରଯୋଜନା କରିଛନ୍ତି ରିଙ୍କୁ ରିନୁ ଜେନା । ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ପ୍ରଥମ ଥର ପାଇଁ ଏହି ଫିଲ୍ମରେ ବାବୁସାନ୍‌ଙ୍କ ସହ ଅଛନ୍ତି ଅମ୍ଳାନ। ଏମାନଙ୍କ ବ୍ୟତୀତ ସୂର୍ଯ୍ୟମୟୀ, ଶିବାନୀ ସଙ୍ଗୀତାଙ୍କୁ ଏଥିରେ ମଧ୍ୟ ଦେଖିବାକୁ ମିଳିବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ରେନ୍ ଡ୍ରପ୍ ପିକ୍ଚର୍ସ ନିବେଦିତ ତଥା କିଭ୍‌ସ ଏଣ୍ଟରଟେନ୍‌ମେଣ୍ଟ, ତଥ୍ୟ ପ୍ରଡକ୍ସନ ଏବଂ ବାବୁସାନ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅମିତ କୁମାର ଦାସ। ଚିତ୍ରଟି ଏ ମାସର ୨୦ତାରିଖରେ ରିଲିଜ ହେବ।

ଏହାବ୍ୟତୀତ 'ଗୁଣ୍ଡୁ ଗ୍ୟାଙ୍ଗ୍‌ଷ୍ଟର' ପରେ କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ଆକ୍ସନଭିତ୍ତିକ ଫିଲ୍ମ 'କଟକ : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ)। ଖାସ୍ କଥା ହେଲା, କିଛି ବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମରେ ଦର୍ଶକ ଲୋକପ୍ରିୟ ଯୋଡ଼ି ସିଦ୍ଧାନ୍ତ ମହାପାତ୍ର–ଅନୁ ଚୌଧୁରୀଙ୍କୁ ଦେଖିବାକୁ ପାଇବେ। ତା'ସହ ଦେବାଶିଷ ପାତ୍ର ଏକ ଭିନ୍ନଧରର ଆକ୍ସନ ଭୂମିକାରେ ଅଭିନୟ କରିଛନ୍ତି। ଅନାମିସ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାରେ ପୁନମ ମିଶ୍ର ଏବଂ ଚୌଧୁରୀ ବିକାଶ ଦାସ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ସିନେମା ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି।

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୮ଟି ସିନେମା ମୁକ୍ତିଲାଭ କରିସାରିଛି। ତେବେ ଏଥର ଦୁର୍ଗାପୂଜାରେ ପରଦା ଉପରକୁ ଆସୁଥିବା ତିନୋଟି ସିନେମା ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଦେଖିବାକୁ ବାକି ରହିଲା।


'ରାମ' ଫିଲ୍ମରେ ଅରିନ୍ଦମ–ରୂପ୍‌ସା


'କଟକ : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ) ଫିଲ୍ମରେ ପୁନମ–ଦେବାଶିଷ

## ନୂଆ ଅବତାର

ସମ୍ବିତ ଆଚାର୍ଯ୍ୟ ଇତିମଧ୍ୟରେ ଅନେକ ସିନେମାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛନ୍ତି। ହେଲେ ଏଥର ଓଲିଉଡ୍ ଦର୍ଶକ ତାଙ୍କୁ ନୂଆ ଅବତାରରେ ଦେଖିବାକୁ ପାଇବେ। ହଁ, ଫିଲ୍ମଟି ହେଲା 'ହେ ରାମ୍ : କର୍ମ ହିଁ ଭଗବାନ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହି ଚିତ୍ର ବିଷୟରେ ସମ୍ବିତ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ବେଶ୍ ଭାବପ୍ରବଣ ହୋଇଯାଇଥିଲି। କାରଣ ଏଭଳି ଏକ ଡିଫରେଣ୍ଟ ସବ୍‌ଜେକ୍ଟକୁ ନେଇ ସିନେମାଟିଏ କରିବା ଏକ ଚ୍ୟାଲେଞ୍ଜ ସଦୃଶ। ଯାହା ହେଉ ବିଜୟ ସାର୍ ଫିଲ୍ମଟିର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଛନ୍ତି। ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା ,ଗୁଡୁ ,ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ସମ୍ବିତ

## ଟିପ୍ସ ବାଣ୍ଟୁଛନ୍ତି ଦିଶା

ଦିଶା ପଟାନି ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହଁ, ବର୍ତ୍ତମାନ ସେ ବୁଲି ବୁଲି ଫିଟ୍‌ନେସ୍ ଟିପ୍ସ ବାଣ୍ଟୁଛନ୍ତି। ତା'ସହ ଏ ନେଇ ନିଜର ଅଭିଜ୍ଞତାକୁ ମଧ୍ୟ ସେୟାର କରିବାକୁ ଭୁଲୁନାହାନ୍ତି। କଥା କ'ଣ କି ନିକଟରେ କେତେଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ୍ ବିଷୟରେ କହିବାକୁ ଭୁଲି ନ ଥିଲେ । ଏ ନେଇ ଦିଶା କହନ୍ତି, ''ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ଏତେ ସହଜ କଥା ନୁହେଁ। ସେଥିଲାଗି ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରିବା ନିହାତି ଦରକାର। ତେଣୁ ମୁଁ ସବୁବେଳେ ନିଜ ଫିଟ୍‌ନେସ୍‌କୁ ପ୍ରାଥମିକତା ଦେଇଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ କରେ। ତା'ସହ ଡାଏଟିଂ ପ୍ରତି ମଧ୍ୟ ଧ୍ୟାନ ଦିଏ।' ଚଳିତ ବର୍ଷ ଡିସେମ୍ବର୮ରେ ତାଙ୍କ ଅଭିନୀତ 'ଯୋଦ୍ଧା' ରିଲିଜ ହେବାକୁ ଯାଉଛି।


ଦିଶା ପଟାନି

## ଏଥର ହ୍ୟାଟ୍ରିକ୍

ହୁମା କୁ୍ୟରେଶିଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। ନିକଟରେ ସେ ତାଙ୍କର ଅଭିନୟ ଜୀବନରେ ହ୍ୟାଟ୍ରିକ ମାରିଛନ୍ତି। ଅର୍ଥାତ୍ ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ତିନୋଟି ସିରିଜ୍ ଫିଲ୍ମରେ ସେ ନାୟିକା ସାଜିବେ। ଯେତେବେଳେ ତାଙ୍କୁ ଏଭଳି ଅଫର ମିଳିଲା ସେତେବେଳେ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏପରି ସୁଯୋଗ ସମ୍ପର୍କରେ ସେ କହନ୍ତି, ''ଏହା ଏକ ନୂଆ ବ୍ୟାନର। ପ୍ରଯୋଜକ ମଧ୍ୟ ନୂଆ। ହେଲେ ତିନୋଟି ଫିଲ୍ମର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ସେଗୁଡ଼ିକରେ ମୋତେ ମିଳିଥିବା ଭୂମିକା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବସ୍ତ ହେବ ବୋଲି ଆଶା ରଖିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ। ତେଣୁ ଏ ନେଇ ଟିକେ ଟେନ୍‌ସନରେ ଅଛି।'' ତେବେ ଏହି ତିନୋଟି ଫିଲ୍ମ ହୁମାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ହୁମା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି– 'ଏକ ଥି ଡାୟନ', 'ଦେଢ଼ ଇସ୍କିୟାଁ', 'ବଦଲାପୁର', 'ହାଇୱେ', 'ଜଲି ଏଲଏଲବି–୨' ଏବଂ 'ଡବଲ ଏକ୍ସଏଲ'।

## କେବଳ ଅନୁତାପ

କଥାରେ ପରା ଅଛି– 'ବୋହିଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ଅଫର ମିଳିଲା ସେତେବେଳେ ସେଥିରେ ଅଭିନୟ କରିବାକୁ ରାଜି ଥିଲେ। ହେଲେ କିଛି ଦିନ ପରେ କ'ଣ ହେଲା କେଜାଣି ଦେଖିଲା ବେଳକୁ କାଷ୍ଟିଂରୁ ତାଙ୍କୁ ଆଉଟ୍ କରିଦିଆଯାଇଛି। ହଁ, ସେ ହେଉଛନ୍ତି ନୂସରତ ଭରୁଚା। ଏ ନେଇ ନୂସରତ କହନ୍ତି, 'ମୁଁ କିପରି କାଷ୍ଟିଂରୁ ବାଦ୍ ପଡିଲି ତାହା ଜାଣିପାରୁନାହିଁ। ହେଲେ ଅଭିନୟ କ୍ଷେତ୍ରରେ ଏପରି ହୋଇଥାଏ। ଏହି ଅଫରଟି କେବଳ ଆଲୋଚନାରେ ସୀମିତ ଥିଲା। ମୁଁ ଏଥିପାଇଁ ଆଦୌ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। କିନ୍ତୁ ଏହି ଫିଲ୍ମଟିର କାହାଣୀ ବେଶ୍ ଦମଦାର ଥିଲା। ହେଲେ ପ୍ରଯୋଜନା ସଂସ୍ଥା କାହାକୁ ସାଇନ୍ କରାଇବ ତାହା ସମ୍ପୂର୍ଣ୍ଣ ଭାବରେ ତାଙ୍କ ଉପରେ ନିର୍ଭର କରେ। ହେଲେ ଭଲ ଅଫରଟି ହାତରୁ ଖସି ଯିବାରୁ ଏବେ କେବଳ ଅନୁତାପ କରିବା ହିଁ ସାର। ବର୍ତ୍ତମାନ ତାଙ୍କ ଅଭିନୀତ 'ପୂଜା ମେରି ଜାନ୍'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି ସେ।


ନୁସରତ

## ଜୟ ଦୁର୍ଗା ମାଆ

ଧରାପୃଷ୍ଠରେ ମା' ଦୁର୍ଗାଙ୍କର ପୂଜା କେଉଁ ଆବହମାନ କାଳରୁ ପ୍ରଚଳିତ। ଏଥର ପୂଜା ବଜାରକୁ ସରଗରମ କରିବାକୁ ରିଲିଜ ହେବାକୁ ଯାଉଛି ସାଇ କୁଟୀର ଫାଉଣ୍ଡେଶନ ଟ୍ରଷ୍ଟ ନିବେଦିତ ଏକ ଭିନ୍ନ ସ୍ୱାଦର ଭିଡିଓ ଆଲବମ୍ 'ଜୟ ଦୁର୍ଗା ମାଆ'। ବିଶେଷ ଭାବରେ ଏହାର ଟାଇଟଲ ଗୀତଟିର ଟିଜର ବେଶ୍ ଭାଇରାଲ ହୋଇଛି। ଏହାକୁ ରଚନା କରିଛନ୍ତି ବିଶିଷ୍ଟ ଗୀତିକାର ତଥା ଆକାଶବାଣୀରେ କାର୍ଯ୍ୟରତ ଚିତ୍ତ ମହାନ୍ତି। ସାନୁ ମଲ୍ଲିକଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିଛନ୍ତି ଯୁବ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି। ଏହି ଗୀତ ବିଷୟରେ ଚିତ୍ତ କହନ୍ତି, ''ଚଳିତ ବର୍ଷ ଦୁର୍ଗାପୂଜାରେ ଶ୍ରୋତାମାନଙ୍କୁ ଏକ ଭିନ୍ନ ଧରଣର ଭକ୍ତି ଅର୍ଘ୍ୟ ପରଷିଦେବାକୁ ମନସ୍ଥ କରିଥିଲି। ଯେତେବେଳେ ଗୀତଟିକୁ ରଚନା କଲି ସେତେବେଳେ ମୋର ହୃଦ୍‌ବୋଧ ହୋଇଥିଲା ଯେ ଏହା ନିଶ୍ଚୟ ପ୍ରତ୍ୟେକ ଦର୍ଶକଙ୍କ ହୃଦୟକୁ ଛୁଇଁବ।'' ତେବେ ଏହି ଭକ୍ତି ଭିଡିଓ ଆଲବମ୍ ଏଥର ଦୁର୍ଗାପୂଜାରେ ସଫଳତା ହାସଲ କରିବ ବୋଲି ଆଶା କରାଯାଏ।




## ଘାରିଛି ପରିବେଶ ଚିନ୍ତା

ତାପସୀ ପନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ବ୍ୟତୀତ ସେ ପରିବେଶ ସୁରକ୍ଷା ପାଇଁ କାମ କରିବେ। ଏ ନେଇ ଭଲ ଭାବରେ ଚିନ୍ତା କରିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। କେବଳ ସେତିକି ନୁହେଁ, ଏଥିପାଇଁ ସେ ଖୁବ୍ ଶୀଘ୍ର ଏକ ଗ୍ରୁପ୍ ଗଠନ କରିବେ ବୋଲି ସୂଚନା ଦେଇଛନ୍ତି। ନିଜର ଏଭଳି ପରିବେଶ ମାୟା ସମ୍ପର୍କରେ ତାପସୀ କହନ୍ତି, ''ନିକଟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମୋ ମନ ଏଥିପ୍ରତି ଢ଼ଳିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। ନିଜ ଯୋଜନାକୁ ରୂପରେଖ ଦେବା ଲାଗି କେତେଜଣ ନାମୀ ପରିବେଶବିତ୍‌ଙ୍କ ସହ ଆଲୋଚନା କରିଛି। ଖୁବ୍ ଶୀଘ୍ର ନିଜକୁ ମୁଁ ଏ କାମରେ ସାମିଲ କରିବି। ମୋର କେତେଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ତା' ସହ ପରିବେଶ ସୁରକ୍ଷା ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।'' ତେବେ ଏ କ୍ଷେତ୍ରରେ ତାପସୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ତାପସୀ



# ବାଂଲାଦେଶ ପ୍ରତି ସତର୍କ ରହିବ ଭାରତ





ନେଟ୍ସରେ ବୁଧବାର ଶକିବ ଅଲ୍ ହାସନ ଓ ରୋହିତ ଶର୍ମା।

**ପୁଣେ,୧୮।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ରେ ଗୁରୁବାର ବାଂଲାଦେଶକୁ ଭେଟିବ ଭାରତ। ରୋହିତ ଶର୍ମାଙ୍କ ଦଳ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ରହିଥିଲେ ମଧ୍ୟ ବାଂଲାଦେଶ ବିପର୍ଯ୍ୟୟ ସୃଷ୍ଟି କରିବାରେ ମାହିର। ତେଣୁ ଭାରତ ଏହି ମ୍ୟାଚ୍‌କୁ ସତର୍କତାର ସହିତ ଓହ୍ଲାଇବ। ସେହିପରି ଉଭୟ ଦଳ ମଧ୍ୟରେ ଶେଷ ୪ ମ୍ୟାଚ୍‌ରେ ବାଂଲାଦେଶ ୩ଟି ଜିତିବାରେ ସଫଳ ହୋଇଛି । ଏହା ମଧ୍ୟରୁ ଦୁଇଟି ବିଜୟ ଦ୍ୱିପାକ୍ଷିକ ସିରିଜ୍‌ରୁ ଆସିଥିବା ବେଳେ ଏସିଆ କପ୍‌ର ଗୋଟିଏ ମ୍ୟାଚ୍ ଜିତିଥିଲା ବାଂଲାଦେଶ। ଚଳିତ ଟୁର୍ନାମେଣ୍ଟରେ ଅଣ୍ଡରଡଗ୍ ଟିମ୍‌ଗୁଡିକ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି ଏହା ଭାରତ ପାଇଁ ସତର୍କଘଣ୍ଟି ଭଳି ରହିବ। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ସ୍ଥିର ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛି। ପୁଣେର ପିଚ୍ ସର୍ବଦା ବ୍ୟାଟିଂ ସହାୟକ ରହୁଥିବା ବେଳେ ଭାରତୀୟ ବ୍ୟାଟର ଏହାର ଫାଇଦା ନେବାକୁ ପ୍ରୟାସ କରିବେ।

ଭାରତୀୟ ଟପ୍ ଅର୍ଡରରେ ରୋହିତ ଶର୍ମା, ଶୁବମନ୍ ଗିଲ୍ ଓ ବିରାଟ କୋହଲି ରହିଥିବା ବେଳେ ଏହା ବେଶ୍ ସନ୍ତୁଳିତ ମନେହେଉଛି। ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ଯାଉଥିବା ଗିଲ୍ ଏକ ବଡ ସ୍କୋର କରିବା ଆଶାରେ ରହିବେ। ଶେଷ ଥର ପାଇଁ ଏସିଆ କପ୍‌ରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ରୋହିତ ଶର୍ମା ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ୧୩୧ ଓ ପାକିସ୍ତାନ ବିପକ୍ଷରେ ୮୬ ରନ୍‌ର ଇନିଂସ ଖେଳିଥିବା ବେଳେ ଆଉ ଏକ ଭଲ ଇନିଂସ ଆଶା କରିବ ଭାରତ। ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ର କଷ୍ଟସାଧ୍ୟ ପରିସ୍ଥିତିରେ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ୮୫ ଓ ୫୫ ରନ୍‌ର ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଏହା ତିନି ଅଙ୍କରେ ପହଞ୍ଚାଇବାକୁ ଚାହିଁବେ। ମିଡିଲ ଅର୍ଡର ବ୍ୟାଟରଙ୍କ ମଧ୍ୟରେ ଶ୍ରେୟସ୍ ଆୟର ଓ ଲୋକେଶ ରାହୁଲ ମଧ୍ୟ ଫର୍ମରେ ଅଛନ୍ତି। ଅଷ୍ଟ୍ରେଲିଆ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଦଳ ଯଥାକ୍ରମେ ୧୯୯ ଓ ୧୯୧ ରନ୍‌ରେ ଅଲଆଉଟ ହେବା ଭାରତର ଶକ୍ତିଶାଳୀ ବୋଲିଂ ଲାଇନ୍‌ଅପ୍‌ର ପ୍ରମାଣ। ଯଶ୍‌ପ୍ରୀତ୍ ବୁମ୍‌ରା ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଥିବା ବେଳେ କୁଲ୍‌ଦୀପ ଯାଦବ ମଧ୍ୟ ନିଜ ସ୍ପିନ ଜାଲରେ ବିପକ୍ଷ ଦଳକୁ ବାନ୍ଧି ରଖିବାରେ ସମର୍ଥ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଉନ୍ନତ ଦଳ ନିକଟରୁ ହାରିଥିଲା ବାଂଲାଦେଶ। ଟୁର୍ନାମେଣ୍ଟରେ ଜୀବନ୍ତ ରହିବାକୁ ହେଲେ ଦଳ ଭାରତ ବିପକ୍ଷରେ ବିଜୟୀ ହେବାକୁ ପ୍ରାଣପଣେ ଉଦ୍ୟମ କରିବ। ଅଧିନାୟକ ତଥା ସବୁଠାରୁ ଅଭିଜ୍ଞ ଖେଳାଳି ସାକିବ୍ ଅଲ ହସନଙ୍କ ଉପରେ ଦଳର ସଫଳତା ନିର୍ଭର କରିବ। ସେହିପରି ଲିଟନ୍ ଦାସ ଓ ମେହିଦୀ ହସନ ମିରାଜଙ୍କ ବ୍ୟାଟିଂ ଉପରେ ମଧ୍ୟ ସଭିଙ୍କ ନଜର ରହିବ। ଯୁବ ଖେଳାଳିଙ୍କ ମଧ୍ୟରେ ନଜମୁଲ ହୋସେନ୍ ଶନ୍ତୋ ଓ ତୋହିଦ୍ ହ୍ରିଦୟ ଓ ଅଭିଜ୍ଞ ମୁଶଫିକୁର ରହିମଙ୍କ ଉପରେ ମିଡିଲ ଅର୍ଡର ଭାର ନ୍ୟସ୍ତ ରହିବ। ବୋଲିଂରେ ଟାସ୍କିନ୍ ଅହମଦ ଫର୍ମରେ ନ ରହିବା ବାଂଲାଦେଶକୁ ଦୁର୍ବଳ କରିଛି। ୩ ମ୍ୟାଚରୁ ସେ ମାତ୍ର ଦୁଇ ଉଇକେଟ ନେଇଥିବା ବେଳେ ଏହା ମୁସ୍ତାଫିଜୁର ରେହମାନଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ଉଭୟ ଦଳ ବିଶ୍ୱକପ୍‌ରେ ୪ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୩ ବିଜୟ ସହିତ ଆଗୁଆ ରହିଛି। ୨୦୦୭ରେ ବାଂଲାଦେଶ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ୩ ଥର ଭାରତ ଜିତିଛି।



ଟ୍ରେନିଂ ସେସନରେ ବିରାଟ କୋହଲି।



ପୁଣେ ଷ୍ଟାଡିୟମରେ ଭାରତର ମହମ୍ମଦ ସିରାଜ ଓ ଯଶପ୍ରୀତ୍ ବୁମରାଙ୍କ ୱାର୍ମଅପ୍।

## ପିସିବି ଅଭିଯୋଗ ଉପରେ ହେବନି କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବୁଧବାର ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅହମଦାବାଦରେ ଭାରତ-ପାକିସ୍ତାନ ମ୍ୟାଚ ଚାଲିଥିବା ବେଳେ ଦର୍ଶକମାନେ ପାକିସ୍ତାନ ଦଳକୁ ବୁ କରିଥିଲେ। ଏହାକୁ ନେଇ ପିସିବି ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ ମଧ୍ୟ କରାଯାଇଥିଲା। ତେବେ ଆଇସିସିର ନିୟମ ବ୍ୟକ୍ତିବିଶେଷଙ୍କ ପାଇଁ ଲାଗୁ କରାଯାଏ। ସମଗ୍ର ଷ୍ଟାଡିୟମ ପାଇଁ ଏହି ନିୟମ ଲାଗୁ କରାଯିବା ସମ୍ଭବ ନୁହେଁ ବୋଲି ଆଇସିସି ସ୍ପଷ୍ଟ କରିଛି। ଏକ ଲକ୍ଷରୁ ଅଧିକ ଦର୍ଶକ ଏହି ମ୍ୟାଚ୍ ଦେଖିଥିଲେ। ତେବେ ପାକିସ୍ତାନ ଦଳର ମାତ୍ର ୩ ଜଣ ସମର୍ଥକ ଏହି ମ୍ୟାଚ୍ ଦେଖିବା ପାଇଁ ଉପସ୍ଥିତ ଥିଲେ। ଏପରି କି ମହମ୍ମଦ ରିଜୱାନ ଆଉଟ ହୋଇ ଫେରୁଥିବା ବେଳେ ଦର୍ଶକ ଷ୍ଟାଣ୍ଡରୁ ଜୟ ଶ୍ରୀରାମର ନାରା ଆସିଥିଲା। ପାକିସ୍ତାନ କ୍ରିକେଟର ନିର୍ଦ୍ଦେଶକ ମିକି ଆର୍ଥର ଏହାକୁ ନେଇ ପ୍ରେସ୍ ମିଟ୍‌ରେ ମଧ୍ୟ ଆଲୋଚନା କରିଥିଲେ। ତେବେ କୌଣସି ଖେଳାଳି ଆହତ ହୋଇ ନ ଥିବା ବେଳେ ଜାତିଆଣ ମନ୍ତବ୍ୟ ମଧ୍ୟ ଦିଆଯାଇନାହିଁ। ତେଣୁ ମାମଲାକୁ ଖାରଜ କରିଦେଇଛି ଆଇସିସି।



ଅହମଦାବାଦରେ ମ୍ୟାଚ ଅବସରରେ ଉଲ୍ଲସିତ ଭାରତୀୟ ପ୍ରଶଂସକ।

## ହୃଦୟ ଜିତିବାରେ ବିଫଳ ଦର୍ଶକ

**ଗୌତମ ଗମ୍ଭୀର**

ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଏହାର ୩ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ତେବେ ମ୍ୟାଚ୍ ଜିତିଥିଲେ ମଧ୍ୟ ଭାରତୀୟ ସମର୍ଥକମାନେ ହୃଦୟ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଭାରତ ମ୍ୟାଚ୍ ବେଳେ ଷ୍ଟାଡିୟମ ଫୁଲ୍ ରହୁଥିବା ବେଳେ ଅନ୍ୟ ମ୍ୟାଚ୍‌ଗୁଡିକରେ ଦର୍ଶକ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତୀୟମାନେ କ୍ରିକେଟକୁ ଭଲ ପାଆନ୍ତି କି ଏହାର ସୁପରଷ୍ଟାରମାନଙ୍କୁ ତାହାକୁ ନେଇ ମଧ୍ୟ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଦିଲ୍ଲୀରେ ନବୀନ ଉଲ୍ ହକ୍ ଓ ଅହମଦାବାଦରେ ବାବର ଆଜମଙ୍କୁ ଭାରତୀୟ ଦର୍ଶକ ଅସମ୍ମାନ କରିଥିଲେ। 'ବସୁଧୈବ କୁଟୁମ୍ବକମ'ରେ ବିଶ୍ୱାସ କରୁଥିବା ଭାରତୀୟ ଦର୍ଶକଙ୍କ ନିକଟରୁ ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ।

୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ ପୂର୍ବରୁ ଏଭଳି ହେଲେ ସମଗ୍ର ବିଶ୍ୱରେ ଭାରତର ଏକ ନକାରାତ୍ମକ ଛବି ସୃଷ୍ଟି ହେବ। ସେହିପରି ଅହମଦାବାଦର ମ୍ୟାଚ୍ ଏକ ଆଇସିସି ଇଭେଣ୍ଟ ନୁହେଁ ବରଂ ବିସିସିଆଇ ଇଭେଣ୍ଟ ପରି ମନେହେଉଥିଲା ବୋଲି ପାକିସ୍ତାନ କ୍ରିକେଟ ଟିମ୍ ଡିରେକ୍ଟର ମିକି ଆର୍ଥର ମତ ଦେଇଥିଲେ। ଜଣେ ଭାଷ୍ୟକାର ଭାବେ ମୁଁ ଷ୍ଟାଡିୟମରେ ଉପସ୍ଥିତ ଥିବାରୁ ମୁଁ ଆର୍ଥରଙ୍କ ସହିତ ସହମତ। ଦୁଇ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ମୁଁ ସମର୍ଥନ କରେ, ମାତ୍ର ଦର୍ଶକଙ୍କ ମଧ୍ୟରେ ଶାଳୀନତା ରହିବା ଆବଶ୍ୟକ।

ଭାରତ ଗୁରୁବାର ପୁଣେରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଭାରତ ଫେଭରିଟ ରହିବ। ଏହା ସହ ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ମହମ୍ମଦ ଶାମିଙ୍କୁ ଆକ୍ସନରେ ଦେଖିବା ମୋର ଇଚ୍ଛା। ଜଣେ ଅଧିନାୟକ ଭାବରେ ମୁଁ ଶାମିଙ୍କ ପରି ବୋଲରଙ୍କୁ ସୁଯୋଗ ଦେବାକୁ ପ୍ରାଧାନ୍ୟ ଦେବି। ଯଦି ସେ ଖେଳନ୍ତି ତେବେ ନାଲି ଓ କଳା ମାଟିରେ ପ୍ରସ୍ତୁତ ପୁଣେ ପିଚ୍‌ରେ ରିଭର୍ସ ସୁଇଂ ଦେଖିବାକୁ ମିଳିବ। ବର୍ତ୍ତମାନର ଲାଇନ୍‌ଅପ୍‌କୁ ଦେଖିଲେ ୮ନମ୍ବରରେ ଶାର୍ଦ୍ଦୂଳଙ୍କ ଆବଶ୍ୟକତା ମନେହେଉନାହିଁ। ଏହା ବ୍ୟତୀତ ଅନ୍ୟ କୌଣସି ପରିବର୍ତ୍ତନ ହେବା ଭଳି ମୋର ଆଶା ନାହିଁ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟୁର୍ନାମେଣ୍ଟରେ ଚମତ୍କାର ଆରମ୍ଭ କରିଛନ୍ତି। ସକାରାତ୍ମକ ଆଭିମୁଖ୍ୟ ସହ ଆକ୍ରମଣାତ୍ମକ ବ୍ୟାଟିଂ ଭାରତୀୟ ଦଳର ମନୋବଳ ବୃଦ୍ଧି ପାଇଁ ଯଥେଷ୍ଟ। ପ୍ରଥମ ବଲ୍‌ରୁ ରୋହିତ ଆକ୍ରମଣ କରୁଥିବା ବେଳେ ଭାରତୀୟ ଦଳ ଫାୟାର ବ୍ରାଣ୍ଡ କ୍ରିକେଟ ଖେଳୁଛି। ବାଂଲାଦେଶ ବୋଲିଂ ବିପକ୍ଷରେ ରୋହିତ ଆଉ ଏକ ବଡ ଇନିଂସ ଖେଳିଲେ ଏଥିରେ ଆଶ୍ଚର୍ଯ୍ୟ ହେବି ନାହିଁ ।

ପାକିସ୍ତାନ ବିପକ୍ଷରେ ଶ୍ରେୟସ୍ ଆୟାର ଶର୍ଟ ବଲ୍ ଆକ୍ରମଣକୁ ଯେଉଁଭଳି ସଫଳତାର ସହ ମୁକାବିଲା କଲେ ତାହା ପ୍ରଶଂସନୀୟ। ଆରମ୍ଭରୁ ସାମାନ୍ୟ ରହିଥିଲେ ହେଁ ପରବର୍ତ୍ତୀ ସମୟରେ ସେ ଯେଉଁଭଳି ଆତ୍ମବିଶ୍ୱାସ ଦେଖାଇଲେ ତାହା ତାଙ୍କୁ ଆଗକୁ ସାହାଯ୍ୟ କରିବ। ବାଂଲାଦେଶ ମଧ୍ୟ ଆୟରଙ୍କ ବିପକ୍ଷରେ ସମାନ ଶର୍ଟବେଲ୍ ରଣନୀତି ଆପଣେଇପାରେ। ଶାକିବ୍ ଅଲ ହସନ ଏହି ମ୍ୟାଚ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଭାରତ ପରି ଶକ୍ତିଶାଳୀ ଦଳ ସମ୍ମୁଖରେ ଏହା ବାଂଲାଦେଶ ପାଇଁ ବଡ ସମସ୍ୟା ସୃଷ୍ଟି କରିପାରେ।

ବିଗତ ସପ୍ତାହରେ ବିଶ୍ୱକପ୍‌ରେ କିଛି ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଆଫଗାନିସ୍ତାନ ଦିଲ୍ଲୀରେ ଇଂଲଣ୍ଡକୁ ଓ ନେଦରଲାଣ୍ଡ୍ସ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ଏହା ବିଶ୍ୱକପ୍‌ର ସମୀକରଣକୁ ସମସ୍ତ ଦଳ ପାଇଁ ଉନ୍ମୁକ୍ତ ରଖିଛି। ଅଷ୍ଟ୍ରେଲିଆ ପରି ଦଳ ଏହି ଫଳାଫଳରେ ବହୁତ ଖୁସି ଥିବେ। ମିଡିଲ ଓଭରରେ ରନ୍ ସଂଗ୍ରହରେ ବିଫଳତା ଏଭଳି ବିପର୍ଯ୍ୟୟର କାରଣ। ଯେତେବେଳେ ବାଉଣ୍ଡ୍ରି ଆସିବା ସମ୍ଭବ ହେଉନି ଖେଳାଳିମାନେ ସିଙ୍ଗଲ ଓ ଡବଲ ନେବା ଉପରେ ଗୁରୁତ୍ୱ ଦେବା ଉଚିତ।

(ଗେମ୍ ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)




## ଶକିବ ବିପଦ ସୃଷ୍ଟି କରିପାରନ୍ତି: କୋହଲି

**ପୁଣେ, ୧୮।୧୦(ପି.ଟି.)**

''ବିଶ୍ୱକପ୍‌ରେ 'ବଡ଼ ଦଳ' କେହି ନୁହନ୍ତି। ମେଗା ଇଭେଣ୍ଟଗୁଡ଼ିକରେ ଅଧିକ ସଫଳ ଦଳଗୁଡ଼ିକ ଉପରେ ଫୋକସ ରହୁଥିବାରୁ ବିପର୍ଯ୍ୟୟ ହୋଇ ଯାଇଥାଏ'' ବୋଲି ଭାରତର ତାରକା ବ୍ୟାଟର ବିରାଟ କୋହଲି ପ୍ରକାଶ କରିଛନ୍ତି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୨ଟି ବଡ଼ ବିପର୍ଯ୍ୟୟ ଘଟିବା ପରେ କୋହଲି ଏପରି ମତବ୍ୟକ୍ତ କରିଛନ୍ତି। ଆଫଗାନିସ୍ତାନ ୬୯ ରନରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ହରାଇଥିବାବେଳେ ନେଦରଲାଣ୍ଡ୍ସ ୩୮ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ନେଦରଲାଣ୍ଡ୍ସ ଏହାର ବୃହତ୍ ବିଜୟ ହାସଲ କରିଥିଲା। ''ବିଶ୍ୱକପରେ ବଡ଼ ଦଳ ବୋଲି ସେମିତି କିଛି ନାହିଁ। ଯେତେବେଳେ ଆମେ କେବଳ ବଡ଼ ଦଳ ଉପରେ ଫୋକସ ରଖିଥାଉ ସେତେବେଳେ ବିପର୍ଯ୍ୟୟ ଘଟି ଯାଇଥାଏ'' ବୋଲି ଭାରତ-ବାଂଲାଦେଶ ମ୍ୟାଚ ପୂର୍ବରୁ କୋହଲି ପ୍ରକାଶ କରିଛନ୍ତି।

ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଉଭୟ ଦେଶ ମଧ୍ୟରେ ୪ଟି ମ୍ୟାଚ ହୋଇଥିବାବେଳେ ଭାରତ ୩ଟିରେ ବିଜୟଲାଭ କରିଛି। ତେବେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ବୋଲିଂରେ ବିପଦ ସୃଷ୍ଟି କରିପାରନ୍ତି ବୋଲି କୋହଲି ପୂର୍ବାନୁମାନ କରୁଛନ୍ତି। ''ଗତ କିଛି ବର୍ଷଧରି ମୁଁ ଶକିବଙ୍କ ବିପକ୍ଷରେ ଖେଳି ଆସୁଛି। ନିଜ ବୋଲିଂ ଉପରେ ତାଙ୍କର ନିୟନ୍ତ୍ରଣ ରହିଥାଏ। ସେ ଜଣେ ଅଭିଜ୍ଞ ବୋଲର। ନୂଆ ବଲ୍‌ରେ ସେ ଚମତ୍କାର ବୋଲିଂ କରିଥାନ୍ତି।'' ବୋଲି କୋହଲି କହିଛନ୍ତି। କୋହଲିଙ୍କ ସହ ଏକମତ ହୋଇଛନ୍ତି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ''ଶକିବ ଜଣେ ଷ୍ଟ୍ରିଟ୍-ସ୍ମାର୍ଟ କ୍ରିକେଟର। ସେ ଦୀର୍ଘବର୍ଷ ଧରି ଗୁରୁଦାୟିତ୍ୱ ବହନ କରି ବାଂଲାଦେଶକୁ ଆଗକୁ ନେଉଛନ୍ତି'' ବୋଲି ହାର୍ଦ୍ଦିକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶକିବ କହିଛନ୍ତି ଯେ କୋହଲି ହେଉଛନ୍ତି ଆଧୁନିକ ଯୁଗର ଶ୍ରେଷ୍ଠ ବ୍ୟାଟର। ''ସେ ଜଣେ ସ୍ୱତନ୍ତ୍ର ବ୍ୟାଟ୍ସମ୍ୟାନ। ତାଙ୍କୁ ୫ ଥର ଆଉଟ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ତାଙ୍କ ଉଇକେଟ ନେଲେ ବହୁତ ଖୁସି ମିଳିଥାଏ'' ବୋଲି ଶକିବ ପ୍ରକାଶ କରିଛନ୍ତି।

### ବିରାଟ ଆଧୁନିକ ଯୁଗର ଶ୍ରେଷ୍ଠ ବ୍ୟାଟର

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ବାଂଲାଦେଶ**

ସ୍ଥାନ: ପୁଣେ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ Bhubaneswar, Thursday, October 19/ 2023

# ନ୍ୟୁଜିଲାଣ୍ଡର ଚତୁର୍ଥ ବିଜୟ

ଚେନ୍ନାଇ, ୧୮।୧୦

ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୪୯ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଖରାପ ଫିଲ୍ଡିଂ ଓ ବ୍ୟାଟରଙ୍କ ବିଫଳତା ଆଫଗାନିସ୍ତାନ ମୋମେଣ୍ଟମ ବଜାୟ ରଖିବାରେ ବିଫଳ ହୋଇଛି। ୫ କ୍ୟାଚ ହାତଛଡ଼ାର ସୁଯୋଗ ନେଇ ନ୍ୟୁଜିଲାଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୨୮୮ ରନ କରିଥିଲା। ଜବାବରେ ଆଫଗାନିସ୍ତାନ ୩୪.୪ ଓଭରରେ ୧୩୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୪ ମ୍ୟାଚରୁ ଚତୁର୍ଥ ବିଜୟ ସହ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲରେ ନିଜର ଶୀର୍ଷ ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ୪ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି। ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରି ନ୍ୟୁଜିଲାଣ୍ଡ ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଗ୍ଲେନ୍ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ଆଫଗାନିସ୍ତାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳର ଫିଲ୍ଡିଂ ଅତ୍ୟନ୍ତ ଖରାପ ରହିଥିଲା। ଏହାର ସୁଯୋଗ ନେଇ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଓପନର ଡେଭନ କନ୍‌ୱେ ଯଦିଓ ୨୦ ରନକରି ଆଉଟ ହୋଇ ଯାଇଥିଲେ ତେବେ ୱିଲ ୟଙ୍ଗ୍ ଓ ରାଚିନ ରବୀନ୍ଦ୍ର ସତର୍କତାର ସହ ବ୍ୟାଟିଂ କରି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳର ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ସହ ମାତ୍ର ୧ ରନ ବ୍ୟବଧାନରେ ନ୍ୟୁଜିଲାଣ୍ଡ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ୨୧ତମ ଓଭରରେ ଉଭୟ ରବୀନ୍ଦ୍ର (୩୨ ରନ, ୨ ଚୌକା, ୧ ଛକା) ଓ ୟଙ୍ଗ୍ (୫୪ ରନ, ୪ ଚୌକା, ୩ ଛକା) ଆଉଟ ହୋଇ ଯାଇଥିବାବେଳେ ୨୨ତମ ଓଭରରେ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ ଡାରିଲ ମିଚେଲ। ୨୧.୪ ଓଭର ବେଳକୁ ସ୍କୋର ୧୧୦/୪ ହୋଇ ଯାଇଥିଲା। ମାତ୍ର ଆଫଗାନିସ୍ତାନ ବୋଲର ଓ ଫିଲ୍ଡରମାନେ ଏହି ମୋମେଣ୍ଟମକୁ ଧରି ରଖିପାରି ନ ଥିଲେ। ଅଧିନାୟକ ଟମ୍ ଲଥାମ ଓ ଗ୍ଲେନ ଫିଲିପ୍ସ ୫ମ ଉଇକେଟରେ ୧୪୪ ରନର ଭାଗୀଦାରି ଗଢ଼ି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୪୮ତମ ଓଭରର ପ୍ରଥମ ବଲ୍‌ରେ ଫିଲିପ୍ସଙ୍କୁ ଆଉଟ କରି ନବୀନ ଉଲ୍ ହକ୍ ଯଦିଓ ଯୋଡ଼ି ଭାଙ୍ଗିଥିଲେ ତେବେ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଫିଲିପ୍ସ ୮୦ ବଲ୍‌ରୁ ସର୍ବାଧିକ ୭୧ (୪ ଚୌକା, ୪ ଛକା) ରନ କରିଥିଲେ। ଲଥାମ ସେହି ଓଭରରେ ନବୀନଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେ ୭୪ ବଲ୍‌ରୁ ୬୮ (୩ ଚୌକା, ୨ ଛକା) ରନ କରିଥିଲେ। ଶେଷ ଭାଗରେ ମାର୍କ ଚାପମାନ ୧୨ ବଲ୍‌ରୁ ୨୫ (୨ ଚୌକା, ୧ ଛକା) ରନକରି ଅପରାଜିତ ରହିବାରୁ ନ୍ୟୁଜିଲାଣ୍ଡ ସ୍କୋର ୨୮୮ରେ ପହଞ୍ଚି ଯାଇଥିଲା। ଆଫଗାନିସ୍ତାନ ଫିଲ୍ଡରମାନେ ଅତିକମ୍‌ରେ ୫ଟି କ୍ୟାଚ ହାତଛଡ଼ା କରିଥିଲେ। ବୋଲରଙ୍କ ମଧ୍ୟରେ ନବୀନ ଉଲ୍ ହକ୍ ଓ ଅଜମାତୁଲ୍ଲା ଓମାରଜାଇ ୨ଟି ଲେଖାଏ ଏବଂ ମୁଜିବ ଉର୍ ରହମନ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୮୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆଫଗାନିସ୍ତାନ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ପରାଜୟ ସ୍ୱିକାର କରିଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଯୋଗୁ ଦଳ ମ୍ୟାଚର କୌଣସି ସ୍ଥିତିରେ ମଧ୍ୟ ନ୍ୟୁଜିଲାଣ୍ଡକୁ ଚ୍ୟାଲେଞ୍ଜ ଦେଇପାରି ନ ଥିଲା। ଦଳ ପକ୍ଷରୁ ରହମତ ଶାହା ସର୍ବାଧିକ ୩୬ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ଓ ଲୋକି ଫର୍ଗୁସନ ୩ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ୨ଟି ଏବଂ ମ୍ୟାଟ ହେନରି ଓ ରାଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୮୮/୬ (ଗ୍ଲେନ ଫିଲିପ୍ସ–୭୧, ଟମ୍ ଲଥାମ–୬୮, ୱିଲ ୟଙ୍ଗ୍–୫୪, ନବିନ ଉଲ୍ ହକ୍–୨/୪୮, ଅଜମାତୁଲ୍ଲା ଓମାରଜାଇ–୨/୫୬, ମୁଜିବ ଉର୍ ରହମନ–୧/୫୭, ରଶିଦ ଖାଁ–୧/୪୩)। ଆଫଗାନିସ୍ତାନ ୩୪.୪ ଓଭରରେ ୧୩୯/ଅଲଆଉଟ (ରହମତ ଶାହା–୩୬, ମିଚେଲ ସାଣ୍ଟନର–୩/୩୯, ଲୋକି ଫର୍ଗୁସନ–୩/୧୯, ଟ୍ରେଣ୍ଟ ବୋଲ୍ଟ–୨/୧୮, ମ୍ୟାଟ ହେନରି–୧/୧୬, ରାଚିନ ରବୀନ୍ଦ୍ର–୧/୩୪)।



ପ୍ଲେୟର ଅଫ୍ ଦି ମ୍ୟାଚ ଗ୍ଲେନ ଫିଲିପ୍ସ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | –୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | –୦.୦୮୪ |
| ବାଂଲାଦେଶ | ୩ | ୧ | ୨ | ୨ | –୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | –୦.୭୩୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | –୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | –୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | –୧.୫୩୨ |

# ଆଜିଠୁ ପୁରୀରେ ରାଜ୍ୟସ୍ତରୀୟ ଖୋ ଖୋ



ପ୍ରତିଯୋଗିତା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

ପୁରୀ,୧୮।୧୦
(ଅଜିତ ମହାନ୍ତି)

ତାଳବଣିଆ ଷ୍ଟାଡିୟମରେ ଚଳିତ ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଜିଲାରୁ ୧୨୫୦ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ, ଜିଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ରାଜ୍ୟ ଖୋ ଖୋ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ସମ୍ପର୍କରେ ବୁଧବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସୂଚନା ଦେଇ ଅତିରିକ୍ତ ଜିଲାପାଳ ସାହୁ କହିଲେ, ରାଜ୍ୟ ସ୍ତରର ୧୬ତମ ସବ୍‌ଜୁନିୟର ଓ ୧୨ତମ ଜୁନିୟର

**ଯୋଗଦେବେ ୧୨୫୦ ଖେଳାଳି ଓ ଅଫିସିଆଲ**

ଖୋ ଖୋ ପ୍ରତିଯୋଗିତା ଦୁଇଟି ବର୍ଗରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ କମ୍ ସବ୍‌ଜୁନିୟର ଓ ୧୮ ବର୍ଷରୁ କମ୍ ଜୁନିୟର ବର୍ଗରେ ୨୨ ଓ ସବ୍‌ଜୁନିୟର ବର୍ଗରେ ୧୮ଟି ଦଳ ଭାଗନେବେ। ସେମାନଙ୍କ ରହଣି, ଖାଦ୍ୟ ଓ ପାନୀୟଜଳ, ଖେଳାଳି ପରିବହନ, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି। ସେହିପରି କାର୍ଯ୍ୟସୂଚୀ ଅନୁସାରେ ମ୍ୟାଚ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ଖୋ ଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର କହିଥିଲେ, ଉଭୟ ସବ୍‌ଜୁନିୟର ଓ ଜୁନିୟର ଦଳ ମୋଟ ୯୦ଟି ମ୍ୟାଚ ଖେଳିବେ। ୨୨ ତାରିଖରେ ଫାଇନାଲ ହୋଇ ଶ୍ରେଷ୍ଠ ଦଳକୁ ପୁରସ୍କୃତ କରାଯିବ। ପ୍ରଦର୍ଶନ ଆଧାରରେ ରାଜ୍ୟସ୍ତରର ଶ୍ରେଷ୍ଠ ଦଳକୁ କର୍ଣ୍ଣାଟକର ତିପ୍ତୁରଠାରେ ଡିସେମ୍ବରରେ ହେବାକୁ ଥିବା ଜାତୀୟ ସ୍ତର ପାଇଁ ପଠାଯିବ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଖୋ ଖୋ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା କ୍ରୀଡ଼ା ସଂଘର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ୱାଟ୍‌କୋ ସହକାରୀ ଯନ୍ତ୍ରୀ ସୁଧାକର ନାୟକ, ପୁରୀ ପୌରପାଳିକାର ସାନିଟାରୀ ଏକ୍ସପର୍ଟ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ପ୍ରଥମ ଥର ହାରିଲା ବ୍ରାଜିଲ

ମଣ୍ଟେଭିଡିଓ, ୧୮।୧୦ (ପି.ଟି.)

ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଇତିହାସରେ ପ୍ରଥମ ପରାଜୟ ବରଣ କରିଛି ବ୍ରାଜିଲ୍। ଷ୍ଟ୍ରାଇକର ନେମାର ଆହତ ହୋଇ ଛୋଟେଇ ଛୋଟେଇ ଫେରିଥିବା ବେଳେ ବ୍ରାଜିଲ ୨–୦ ଗୋଲରେ ଉରୁଗୁଏ ନିକଟରୁ ପରାଜିତ ହୋଇଛି। ଏହା ସହିତ ୩୭ତମ ମ୍ୟାଚ୍‌ରେ ବ୍ରାଜିଲର ଏହା ପ୍ରଥମ ପରାଜୟ। ଉରୁଗୁଏ ପକ୍ଷରୁ ଡାରୱିନ୍ ନୁନେଜ୍ (୪୨ ମିନିଟ) ଓ ନିକୋଲାସ୍ ଡେ ଲା କ୍ରୁଜ୍ ୭୭ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବ୍ରାଜିଲ ୬୨% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ସ୍କୋର କରିବାରେ ସଫଳ ହୋଇ ନ ଥିଲା। ୪୨ତମ ମିନିଟରେ ନୁନେଜ୍ ହେଡରରେ ପ୍ରଥମ ଗୋଲ୍ ସ୍କୋର କରି ଦଳକୁ ୧–୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧–୦ରେ ଆଗୁଆ ରହିବା ପରେ ଉରୁଗୁଏ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ୭୭ତମ ମିନିଟରେ ନିକୋଲାସ୍ ଦ୍ୱିତୀୟ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ନେମାରଙ୍କ ଆହତ ବର୍ତ୍ତମାନ ବ୍ରାଜିଲ ପାଇଁ ସମସ୍ୟା ସୃଷ୍ଟି କରିଛି। ଆଣ୍ଠୁରେ ଆଘାତ ଲାଗିଥିବା କାରଣରୁ ନେମାରଙ୍କୁ ମ୍ୟାଚ୍ ଅଧାରୁ ପଡିଆ ଛାଡିବାକୁ ପଡିଥିଲା। ଏହି ପରାଜୟ ସହ ବ୍ରାଜିଲ ବର୍ତ୍ତମାନ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି।

**ପାକିସ୍ତାନର ପ୍ରଥମ ବିଜୟ**

ଇସ୍‌ଲାମାବାଦରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ପାକିସ୍ତାନ ପ୍ରଥମ ବିଜୟ ହାସଲ କରି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲର ନିକଟତର ହୋଇଛି। କାମ୍ବୋଡିଆକୁ ୧–୦ରେ ପରାସ୍ତ କରିବା ସହିତ ଦଳ ଏସିଆନ୍ ଚରଣର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଶ୍ୱ ମାନ୍ୟତାର ୧୯୭ତମ ସ୍ଥାନରେ ଥିବା ପାକିସ୍ତାନ ଗ୍ରୁପ୍ ଜିରେ ସାଉଦି ଆରବ, ତାଜିକସ୍ତାନ ଓ ଜୋର୍ଡାନ ସହ ସ୍ଥାନ ପାଇଛି।

## କେନ୍ଦ୍ରାପଡ଼ାରେ ରାଜ୍ୟସ୍ତରୀୟ ଚେସ୍

କେନ୍ଦ୍ରାପଡ଼ା, ୧୮।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାରେ ଚଳିତ ମାସ ୨୮ ଓ ୨୯ ତାରିଖ ଦୁଇଦିନଧରି ୩ୟ ବୈଷ୍ଣବ ପରିଡ଼ା ମେମୋରିଆଲ ରାଜ୍ୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପାଖାପାଖି ୨୦୦ ପ୍ରତିଯୋଗୀ ଭାଗନେବେ ବୋଲି ଆଶା କରାଯାଉଛି। ଟୁର୍ଣ୍ଣାମେଣ୍ଟର କୃତୀ ଖେଳାଳିଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ୫୬ଟି ଟ୍ରଫି ଦିଆଯିବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳିମାନେ ଅଲ୍ ଓଡ଼ିଆ ଚେସ୍ ଆସୋସିଏଶନ ୱେବ୍ ସାଇଟରେ ଆବେଦନ କରିପାରିବେ। କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନ ସଭାପତି ଦେବବ୍ରତ ସ୍ୱାଇଁ, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ, ଉପ ସଭାପତି ଧରଣୀଧର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ଗଞ୍ଜାମ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୮।୧୦
(ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ବୁଧବାର କଳିଙ୍ଗ ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଉଦ୍‌ଯାପିତ ହୋଇଛି। ଏଥିରେ ୨୩ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୧୩ ବ୍ରୋଞ୍ଜ ସହ ମୋଟ ୫୮ଟି ପଦକ ପାଇ ଗଞ୍ଜାମ ଦଳଗତ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ୫୨ (୧୯ ସ୍ୱର୍ଣ୍ଣ, ୧୬ ରୌପ୍ୟ, ୧୭ ବ୍ରୋଞ୍ଜ) ଏବଂ ଢେଙ୍କାନାଳ ୧୮ (୫ ସ୍ୱର୍ଣ୍ଣ, ୮ ରୌପ୍ୟ, ୫ ବ୍ରୋଞ୍ଜ) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ୪୦ କେଜି ଯୁଥ୍ ବାଳିକାରେ ପ୍ରୀତିସ୍ମିତା ଭୋଇ, ୮୧ କେଜି ଯୁଥ୍ ବାଳକରେ ହୃଦାନନ୍ଦ ଦାସ, ୪୯ କେଜି ଜୁନିୟର ମହିଳାରେ ସନ୍ଧ୍ୟାରାଣୀ ନାୟକ, ୮୧ କେଜି ଜୁନିୟର ପୁରୁଷରେ ହୃଦାନନ୍ଦ ଦାସ, ୫୫ କେଜି ସିନିୟର ମହିଳାରେ ସ୍ନେହା ସୋରେନ, ୬୧ କେଜି ସିନିୟର ପୁରୁଷରେ ମୁନା ନାୟକ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା, ପୂର୍ବତନ ଭାରୋତ୍ତୋଳନ ପଦକଧାରୀ ତଥା





କୃତୀ ପ୍ରତିଯୋଗୀଙ୍କ ସହ ଆର. ଭିନିଲ କ୍ରିଷ୍ଣା ଓ ନାରାୟଣ ସାହୁ।

**ରାଜ୍ୟ ଭାରୋତ୍ତୋଳନ ଉଦ୍‌ଯାପିତ**

ଜାତୀୟ ରେଫରି ଏସ.ଭି. ଚନ୍ଦନା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗ ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଭାରୋତ୍ତୋଳନ ଏଚ୍‌ସିପିର ଜିଏମ୍ କଲୋନେଲ ରାକେଶ ଶର୍ମା, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ କେ. ରବି କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଫାୟାର ଆର୍ମ ଟ୍ରେନିଂରେ ୧୮ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୧୮।୧୦
(ତପନ ସ୍ୱାଇଁ)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରର ୧୧ତମ ଚରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୮ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। ଏମାନେ ହେଲେ ସତ୍ୟଜିତ କାଳସି, ନାରାୟଣ କାଳସି, ଦେବାଶିଷ ପଣ୍ଡା, ସୁଶାନ୍ତ ମିଶ୍ର, ପ୍ରବୀଣ ସୁରି, ସମ୍ବିତ ସୁରଜିତ ଦାସ, ସନ୍ତୋଷ ମଲିକ, ଶୁଭ୍ରକାନ୍ତ ଅମନ୍ତ, ଆର୍ତ୍ତତ୍ରାଣ ରାଉଳ, ଦେବାଶିଷ ଦେଓ, ଅସିମ ବିଶ୍ୱାଳ, ରୋଶନ ବେହେରା, ମନୋଜ ସଠୁଆ, ସହାନଜ ଖାଁ, ବିବେକ ତିୱାରୀ, ଅଭିଷେକ ରୟ, ନିରଞ୍ଜନ ଚାନ୍ଦ ଓ ଜନ୍ମେଜୟ ଛତ୍ରିୟା। ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାକୁ ଓଡ଼ିଶା ରାଇଫଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ଭଳଭଦ୍ର ଦାସ ଓ ଆଇଏସ୍‌ଏସ୍‌ଏଫ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନ ବିଶିଷ୍ଟ ପ୍ରଶିକ୍ଷଣ ଶିବିରରେ ପରୀକ୍ଷାର୍ଥୀଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍ ସମ୍ପର୍କିତ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ହୋଇଥିବା ଶିବିରାର୍ଥୀଙ୍କୁ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଗୌରୀ ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। କୃତୀ ଶିବିରାର୍ଥୀଙ୍କୁ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ, ପୃଷ୍ଠପୋଷକ ତଥା ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂଦେଓ ଓ ଉପସଭାପତି ରୋମିୟକାନ୍ତ ନନ୍ଦ ଅଭିନନ୍ଦନ ଜଣାଇଛନ୍ତି।



ଫାୟାର ଆର୍ମ ଟ୍ରେନିଂରେ କୃତକାର୍ଯ୍ୟ ବ୍ୟକ୍ତିମାନେ କର୍ମକର୍ତ୍ତାଙ୍କ ସହ।

## ଆର୍ଶୀ ଦେବୀଙ୍କୁ ରୌପ୍ୟ

କଟକ, ୧୮।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ): ଭୋପାଳରେ ଚାଲିଥିବା ୧୧ତମ ଜାତୀୟ କାନୋଇଂ ଚାମ୍ପିଅନଶିପ୍‌ର ବୁଧବାର ଅନୁଷ୍ଠିତ ମହିଳା କାନୋଇଂ–୧ ଇଭେଣ୍ଟରେ ଓଡ଼ିଶାର ଏସ୍. ଆର୍ଶୀ ଦେବୀ ଦ୍ୱିତୀୟ ସ୍ଥାନ ହାସଲ କରିବା ସହିତ ରୌପ୍ୟ ପଦକ ଜିତିଛନ୍ତି। ଏଥି ସହିତ ଆସନ୍ତା ୨୬ରୁ ନଭେମ୍ବର ୯ ପର୍ଯ୍ୟନ୍ତ ଗୋଆରେ ହେବାକୁ ଥିବା ଜାତୀୟ କ୍ରୀଡ଼ା ନିମନ୍ତେ ସେ ଯୋଗ୍ୟତା ହାସଲ କରିଛନ୍ତି। ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଆର୍ଶୀ ଦେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ): ବାଙ୍ଗାର ମେହଙ୍ଗା ସିଂ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚରେ ଓଡ଼ିଶା ୦–୧ ଗୋଲରେ ଦିଲ୍ଲୀଠାରୁ ହାରି ଯାଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଦିଲ୍ଲୀର ଜୟଦୀପ ସିଂ ୭୬ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ